


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୮୮ ● ୪ ଅଗଷ୍ଟ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-188 ● 4th August 2024, Sunday ● Bhubaneswar

Licensed to post without pre-payment of postage No- BN-60/22-24


## ରାଜ୍ୟରେ ଶିଳ୍ପ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ପାଇଁ ଗଠିତ ହେବ ଟାସ୍କ ଫୋର୍ସ

ଭୁବନେଶ୍ୱର, ୩।୮

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନରେ ରାଜ୍ୟର ଶିଳ୍ପ କ୍ଷେତ୍ରରେ ଅଗ୍ରଗତି ସମୀକ୍ଷା କରି ଅଧିକ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ର ଗୁଡିକ ଉପରେ ଗୁରୁତ୍ୱପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗାମୀ ୫ ବର୍ଷରେ ରାଜ୍ୟରେ ୩.୫ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଟେକ୍ସଟାଇଲ, ଖାଦ୍ୟ ପ୍ରକ୍ରିୟାକରଣ ପରି କ୍ଷେତ୍ରଗୁଡିକରେ ଅଧିକ ନିଯୁକ୍ତି ସମ୍ଭାବନା ରହିଛି । ତେଣୁ ଏ ସବୁ କ୍ଷେତ୍ରରେ କିପରି ଅଧିକ ଶିଳ୍ପ ପ୍ରତିଷ୍ଠା ହୋଇପାରିବ ସେଥିପ୍ରତି ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ । ଏ ସବୁ କ୍ଷେତ୍ରରେ ଓଡିଆ ଉଦ୍ୟୋଗୀମାନଙ୍କୁ ଶିଳ୍ପ ସ୍ଥାପନ ପାଇଁ ଉତ୍ସାହିତ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ ।



ସମୀକ୍ଷା ସମୟରେ ମୁଖ୍ୟମନ୍ତ୍ରୀ କହିଥିଲେ କେନ୍ଦୁଝର ପରି ଖଣିଜ ସମ୍ପଦ ସମୃଦ୍ଧ ଜିଲ୍ଲାରେ ଏ ପର୍ଯ୍ୟନ୍ତ ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପିତ ହୋଇପାରି ନାହିଁ । ଜିଲ୍ଲାରେ ଖଣିଜ ସମ୍ପଦ ସହ ଜମି, ଜଳ, ବିଦ୍ୟୁତ, ଯୋଗାଯୋଗର ସୁବିଧା ଆଦି ସବୁ ଆନୁସଙ୍ଗିକ ଭିତ୍ତିଭୂମିର ସୁବିଧା ମଧ୍ୟ ରହିଛି । ତେଣୁ ସେଠାରେ ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ଉଦ୍ୟମ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।

ଆଲୋଚନା ପରେ ନିଷ୍ପତ୍ତି ହୋଇଥିଲା ଯେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରାଯାଇ କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ପାଇଁ ବିଭିନ୍ନ ଆଗ୍ରହୀ ଶିଳ୍ପ ସଂସ୍ଥା ସହିତ ଆଲୋଚନା କରାଯାଇ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ।

ବୈଠକରେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା ବିଭିନ୍ନ କ୍ଷେତ୍ରର ଶିଳ୍ପ ପ୍ରତିଷ୍ଠାରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ଉପସ୍ଥାପନା କରିଥିଲେ । ସେ କହିଥିଲେ ଯେ ରାଜ୍ୟରେ ୨୦୧୬ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୯୮୯ଟି ଶିଳ୍ପ ପ୍ରତିଷ୍ଠା ପାଇଁ ଆବେଦନ ଆସିଥିବା ବେଳେ ୬୭୪ଟି ପ୍ରକଳ୍ପ ସିଙ୍ଗିଲ ୱିଣ୍ଡୋ ଅଥରିଟି ଦ୍ୱାରା (ପୃଷ୍ଠା ୭ରେ)

# ବିଶ୍ୱ ଖାଦ୍ୟ ସୁରକ୍ଷାର ସମାଧାନ ଉପରେ କାମ କରୁଛି ଭାରତ

ନୂଆଦିଲ୍ଲୀ, ୩।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତ ଏବେ ଖାଦ୍ୟ ବଳକା ଦେଶ ଏବଂ ବିଶ୍ୱ ଖାଦ୍ୟ ସୁରକ୍ଷାର ସମାଧାନ ଦିଗରେ କାର୍ଯ୍ୟ କରୁଛି । ଶନିବାର କୃଷି ଅର୍ଥଶାସ୍ତ୍ରୀଙ୍କ ଅନ୍ତର୍ଜାତୀୟ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ମୋଦି କହିଛନ୍ତି ଯେ, କୃଷକଙ୍କ ଜୀବନରେ ସୁଧାର ଆଣିବା ନିମନ୍ତେ କୃଷି କ୍ଷେତ୍ରକୁ ମଜଭୁତ କରାଯାଉଛି । ନୂଆଦିଲ୍ଲୀରେ ଅନ୍ତର୍ଜାତୀୟ କୃଷି ଅର୍ଥଶାସ୍ତ୍ରୀ ପରିଷଦର ୩୨ତମ ଅଧିବେଶନର ଉଦଘାଟନ କରି ପ୍ରଧାନମନ୍ତ୍ରୀ ମୋଦି ୬୫ ବର୍ଷ ପରେ ଭାରତରେ କୃଷି ଅର୍ଥଶାସ୍ତ୍ରୀଙ୍କ ସମ୍ମିଳନୀର ଆୟୋଜନ କରିବା ଏକ ମହାନ ଅବସର ବୋଲି କହିଛନ୍ତି । ସେ କହିଛନ୍ତି ଯେ, ଗତ ଥର କୃଷି ଅର୍ଥଶାସ୍ତ୍ରୀଙ୍କ ସମ୍ମିଳନୀ ଏଠାରେ ସେତେବେଳେ ହୋଇଥିଲା, ଯେତେବେଳେ ଭାରତକୁ ନୂଆ ନୂଆ ସ୍ୱାଧୀନତା ମିଳିଥିଲା । ସେ କହିଛନ୍ତି, ଆଜି ଭାରତ କ୍ଷୀର, ଡାଲି ଓ ମସଲାର ସବୁଠୁ ବଡ ଉତ୍ପାଦକ ଦେଶ । ଦିନେ ସମୟ ଏଭଳି ଥିଲା ଯେତେବେଳେ ଭାରତର ଖାଦ୍ୟ ସୁରକ୍ଷା ଦୁନିଆର ଚିନ୍ତାର ବିଷୟ ଥିଲା ଏବଂ ଆଜିର ସମୟ, ଯେତେବେଳେ ଭାରତ ବିଶ୍ୱ ଖାଦ୍ୟ ସୁରକ୍ଷା, ବିଶ୍ୱ ପୋଷଣ ସୁରକ୍ଷାର ସମାଧାନ ଦେଖିବାରେ ଲାଗିଛି ।



# ଗଭୀର ଅବପାତରେ ପରିଣତ ହେଲା ଲଘୁଚାପ : ୬ରୁ ବଢ଼ିବ ବର୍ଷା

ଭୁବନେଶ୍ୱର, ୩।୮

ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗଭୀର ଅବପାତରେ ପରିଣତ ହୋଇଛି । ଅବପାତ ବର୍ତ୍ତମାନ ଘଣ୍ଟାପ୍ରତି ୧୦ କିଲୋମିଟର ବେଗରେ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରୁଛି । ଗଭୀର ଅବପାତ ଉତ୍ତର ଝାଡ଼ଖଣ୍ଡ ଓ ତାର ପାଖାପାଖି ଅଞ୍ଚଳରେ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ପଶ୍ଚିମ ଓଡ଼ିଶାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । କିନ୍ତୁ ଗଭୀର ଅବପାତ ଓଡ଼ିଶା ଠାରୁ ଯଥେଷ୍ଟ ଦୂରରେ ସକ୍ରିୟ ରହିଥିବାରୁ ରାଜ୍ୟରେ ବର୍ଷାର ପରିମାଣ କମିଛି । ଦୁଇ ଦିନ ବିରତି ପରେ ପୁଣି ୬ ତାରିଖ ପରଠାରୁ ରାଜ୍ୟରେ ବର୍ଷାର ପରିମାଣ ବଢିବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର ।

ଆଗାମୀ ୨୪ ଘଣ୍ଟାରେ ବରଗଡ଼, ସୁନ୍ଦରଗଡ, ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର । ବିଶେଷକରି ଉତ୍ତର ପଶ୍ଚିମ ଓଡ଼ିଶାରେ ବର୍ଷା ଲାଗି ରହିବ । ରବିବାର ଉତ୍ତର ଓ ଦକ୍ଷିଣ ଓଡ଼ିଶାର କିଛି କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୬ ରୁ ପୁଣି ବଢିବ ବର୍ଷା । ଆଗାମୀ ୭ ତାରିଖ ବେଳକୁ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଥିବା ବେଳେ ଏହାର ପ୍ରଭାବରେ ବର୍ଷାର ବିସ୍ତୃତି ବଢ଼ିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର । ପରେ ଏହା ଲଘୁଚାପର ରୂପ ନେଇପାରେ ବୋଲି ମଧ୍ୟ ଆକଳନ କରାଯାଇଛି ।



ଅନ୍ୟପକ୍ଷରେ ଚଳିତ ମୌସୁମୀ ଋତୁରେ ରାଜ୍ୟରେ ଜୁନ ୧ରୁ ଏଯାବତ ୫୩୩.୦ ମିମି ବର୍ଷା ରେକର୍ଡ ହୋଇଛି । ଏବେବି ୯ ପ୍ରତିଶତ ନିଅଣ୍ଟିଆ ବର୍ଷା ରହିଛି । ଗୋଟିଏ ଜିଲ୍ଲା ମାଲକାନଗିରିରେ ସ୍ୱାଭାବିକ ଠାରୁ ଅତ୍ୟଧିକ ବର୍ଷା ହୋଇଥିବା ବେଳେ ୩ ଜିଲ୍ଲାରେ ଅଧିକ ବର୍ଷା ଓ ୧୫ ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି । ବାକି ୧୧ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି ।

## ଚିତାଲାଗି ନୀତି ପାଇଁ ଆଜି ୪ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ



ପୁରୀ, ୩।୮

ନ୍ୟୁଜ୍ ବ୍ୟୁରୋ

ରବିବାର ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ଅନୁଷ୍ଠିତ ହେବ ଶ୍ରୀଜୀଉଙ୍କ ଚିତାଲାଗି ନୀତି । ଏଣୁ ରବିବାର ପ୍ରଥମ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ଅପରାହ୍ନ ୨ଟା ପରଠୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ଚିତାଲାଗି ଅମାବାସ୍ୟା ବା ଚିତଉ ଉଆଁସ ଓଡ଼ିଶାରେ ପାଳିତ ଏକ ଗଣପର୍ବ । ଏହା ଶ୍ରାବଣ ମାସର ଅମାବାସ୍ୟା ତିଥିରେ ପାଳିତ ହୋଇଥାଏ । ଏହି ଦିନ ଶ୍ରୀମନ୍ଦିରରେ ଜଗନ୍ନାଥ, ବଳଭଦ୍ର, ଓ ସୁଭଦ୍ରାଙ୍କ (ତିନିଠାକୁର)ର ଚିତାଲାଗି ନୀତି ହୋଇଥାଏ । ଜଗନ୍ନାଥଙ୍କ ନିତିଦିନିଆ ପୂଜା ଓ ଧୂପ ଶେଷ ହେବା ପରେ ଦଇତାପତିମାନେ ତିନିଠାକୁରଙ୍କ ଲଲାଟରେ ଚିତାଲାଗି କରନ୍ତି ।

ଚିତଉ ଅମାବାସ୍ୟା ଦିନ ଗେଣ୍ଡା ଆଦି ଜଳଚର ପ୍ରାଣୀଙ୍କ ଉଦ୍ଦେଶ୍ୟରେ ଚିତଉ ଓ ଗଇଁଠା ଆଦି ପିଠା ଅର୍ପଣ କରାଯାଇଥାଏ । ଏହି ପ୍ରଥା ଶବର ପରମ୍ପରାରୁ ଆନୀତ ବୋଲି ବିଦିତ । (ପୃଷ୍ଠା ୭ରେ)


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# କୃଷକ ସମସ୍ୟା ଦୂର କରିବା ପାଇଁ ସରକାର ପ୍ରତିବଦ୍ଧ

ବାରିପଦା/ଭୁବନେଶ୍ୱର, ୩।୮

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ କୃଷି ଓ କୃଷକର ବିକାଶ ନିମନ୍ତେ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି । ଏହି କ୍ରମରେ ଶନିବାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ, କନକ ବର୍ଦ୍ଧନ ସିଂହଦେଓ ମୟୂରଭଞ୍ଜ ଜିଲ୍ଲାରେ କୃଷି ଏବଂ ଉଦ୍ୟାନ କୃଷି ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି ଅବସରରେ ଶ୍ରୀ ସିଂହଦେଓ କହିଛନ୍ତି ଜିଲ୍ଲାରେ କୃଷକ ସର୍ବଦା ଅଗ୍ରଗଣ୍ୟ ଏବଂ କୃଷକର ସମସ୍ୟା ଦୂର କରିବା ପାଇଁ ଆମେ ପ୍ରତିକରବଦ୍ଧ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଦ୍ୱାରା ପରିଚାଳିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାରେ ଏଯାବତ ହୋଇଥିବା ସମସ୍ତ କୃଷି କାର୍ଯ୍ୟ ଏବଂ ତାହାର ପୁଙ୍ଖାନୁପୁଙ୍ଖ ବିବରଣୀ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପଚାରି ବୁଝିଥିବା ବେଳେ ଏହି ବିଭାଗ ସହିତ ସଂଶ୍ଳିଷ୍ଟ ସମସ୍ତ ବିଭାଗୀୟ କାର୍ଯ୍ୟର ତଦାରଖ କରିଥିଲେ । ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ଜିଲ୍ଲାରେ କୃଷି ଏବଂ କୃଷକମାନଙ୍କ ପାଇଁ ହୋଇଥିବା ବିଭିନ୍ନ ଯୋଜନା, ଏହାର କାର୍ଯ୍ୟକାରିତା ଏବଂ ଏହାର ଲାଭାନ୍ୱିତକରଣ ଦ୍ୱାରା ଉପଯୋଗ ହୋଇଥିବା ରାଜସ୍ୱ ବିଷୟରେ ପଚାରି ବୁଝିଥିଲେ । ଅଧିକାରୀମାନଙ୍କୁ ସମସ୍ତ ବିଭାଗୀୟ ଅନୁମୋଦିତ କାର୍ଯ୍ୟକୁ ତୁରନ୍ତ ସମାପ୍ତ କରି ବିଭାଗୀୟ ମୁଖ୍ୟାଳୟରେ (ପୃଷ୍ଠା ୭ରେ)



# କେଦାରନାଥ : ଭୂସ୍ଖଳନରେ ଫଶିଯାଇଛନ୍ତି ୪ ଓଡ଼ିଆ




କେନ୍ଦୁଝର, ୩।୮

ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝର ଜିଲ୍ଲାରୁ କାଉଡ଼ିଯାତ୍ରାରେ କେଦାରନାଥ ଯାଇଥିବା ଓଡ଼ିଶାର ୪ ଜଣ ଲୋକ ଭୂସ୍ଖଳନ ଫଳରେ ତିନିଚାରିଦିନ ହେବ ସେଠାରେ ଫଶି ରହିଥିବା ଖବର ମିଳିଛି । ସେମାନେ ହେଲେ କେନ୍ଦୁଝର ଜିଲ୍ଲା ତେଲକୋଇ ଶରୁଆଳି ଗ୍ରାମର କାର୍ତ୍ତିକେଶ୍ୱର ଲାର, ଜଗମୋହନପୁର ଗ୍ରାମର ସଦାନନ୍ଦ ସାହୁ, ଦୁବୁଲାପାଳ ଚନ୍ଦ୍ରଶେଖରପୁର ଗ୍ରାମର ମହେଶ୍ୱର ପ୍ରଧାନ ଏବଂ କେନ୍ଦୁଝର ସଦର ବ୍ଲକ କମ୍ପଷଡ଼ାର ଋଷିନାଥ ମହାନ୍ତ ବୋଲି ସୂଚନା ମିଳିଛି । ସେମାନେ ୨୭ ତାରିଖରେ କେନ୍ଦୁଝରରୁ ବସରେ (ପୃଷ୍ଠା ୭ରେ)

# ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଉତ୍ତେଜନା, ଇସ୍ରାଏଲକୁ ଏୟାର ଇଣ୍ଡିଆ ଉଡ଼ାଣ ବନ୍ଦ

ନୂଆଦିଲ୍ଲୀ, ୩।୮

ସମ୍ପ୍ରତି ଚାଲିଥିବା ଇସ୍ରାଏଲ-ହମାସ୍ ଯୁଦ୍ଧ ସହିତ ଇରାନରେ ହମାସ୍‌ର ରାଜନୈତିକ ମୁଖ୍ୟ ଇସମାଇଲ ହାନିୟା ଇସ୍ରାଏଲ ଆକ୍ରମଣରେ ନିହତ ହେବାପରେ ମଧ୍ୟପ୍ରାଚ୍ୟରେ ପୂର୍ଣ୍ଣାଙ୍ଗ ଯୁଦ୍ଧ ଆଶଙ୍କା ଘନୀଭୂତ ହେବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଏୟାର ଇଣ୍ଡିଆ ପକ୍ଷରୁ ଇସ୍ରାଏଲକୁ ଏହାର ସମସ୍ତ ବିମାନ ସେବାକୁ ବନ୍ଦ ରଖାଯାଇଛି । ଏୟାର ଇଣ୍ଡିଆର ଏକ୍ସ ଆକାଉଣ୍ଟରେ ବିମାନ ଚଳାଚଳ ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି ଯେ, ମଧ୍ୟପ୍ରାଚ୍ୟର ସାମ୍ପ୍ରତିକ ପରିସ୍ଥିତି ଦୃଷ୍ଟିରୁ ଆଗାମୀ ୮ ତାରିଖ ପର୍ଯ୍ୟନ୍ତ ତେଲ୍ ଆଭିଭ୍‌କୁ ଏୟାର ଇଣ୍ଡିଆ ତାହାର ସମସ୍ତ ବିମାନ ସେବା ସ୍ଥଗିତ ରଖିଛି । ପରିସ୍ଥିତି ଉପରେ ଲଗାତାର ନଜର ରଖାଯାଇଛି ଏବଂ ଏହି ସମୟ ମଧ୍ୟରେ ତେଲ୍ ଆଭିଭ୍ ଯିବାକୁ ଥିବା ଏବଂ ସେଠାରୁ ଆସିବାକୁ ଥିବା ସମସ୍ତ କନ୍‌ଫାର୍ମ ଟିକଟଧାରୀ ଯାତ୍ରୀଙ୍କ ନିମନ୍ତେ ବିମାନ ସେବା ସମୟ ପୁନଃ ନିର୍ଦ୍ଧାରଣ ଏବଂ ଯାତ୍ରା ବାତିଲ ବାବଦ ଚାର୍ଜ ଥରେ ଛାଡ କରିବା ସୁଯୋଗ ଯୋଗାଇ ଦିଆଯାଉଛି । କମ୍ପାନୀ ଏହାର ଯାତ୍ରୀ ଓ ବିମାନ କର୍ମଚାରୀଙ୍କ ନିରାପତ୍ତାକୁ ସର୍ବାଧିକ ପ୍ରାଧାନ୍ୟ ଦେଉଛି । ଏ ସମ୍ପର୍କରେ ଅଧିକ ସୂଚନା ନିମନ୍ତେ ବିମାନ ଚଳାଚଳ ସଂସ୍ଥା ପକ୍ଷରୁ ଯୋଗାଯୋଗ ଟେଲିଫୋନ ନମ୍ବର ଜାରି କରାଯାଇଛି । ହମାସ୍ ମୁଖ୍ୟ ହାନିୟାଙ୍କ ମୃତ୍ୟୁ ପରେ କ୍ଷୁବ୍ଧ ଇରାନ ପ୍ରତ୍ୟକ୍ଷ ଭାବରେ ଅଥବା ପରୋକ୍ଷରେ ତାହାର ସମର୍ଥିତ ଆତଙ୍କୀ ଗୋଷ୍ଠୀ ହୁତି, ହମାସ୍ ଏବଂ ହିଜବୁଲ୍ଲା ଜରିଆରେ ଇସ୍ରାଏଲ ଉପରେ ବିଭିନ୍ନ ସ୍ଥାନରୁ ଆକ୍ରମଣ ଯୋଜନା କରିଥିବା କୁହାଯାଉଛି ।



## ବର୍ତ୍ତମାନ ପାଇଁ ବିଏସ୍‌କେୱାଇ ଜାରି ରହିବ : ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୩।୮

ନ୍ୟୁଜ୍ ବ୍ୟୁରୋ

ବର୍ତ୍ତମାନ ପାଇଁ ସବୁ ସରକାରୀ ଓ ଘରୋଇ ହସ୍ପିଟାଲରେ ବିଏସକେୱାଇ ଜାରି ରହିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ସ୍ୱାସ୍ଥ୍ୟମନ୍ତ୍ରୀ ଶନିବାର ଏଠାରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଚାଲୁ ରହିବ । ବଜେଟରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ବ୍ୟବସ୍ଥା ରହିଛି । ସମସ୍ତଙ୍କୁ ଏହି କାର୍ଡ ମିଳିବ । ଫୁଲ ବଜେଟ ସେପ୍ଟେମ୍ବର ୧୦ ରେ ଆଗତ ହେବ । ତା ପରେ ପର୍ଯ୍ୟାୟକ୍ରମେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗୁ ହେବ ବୋଲି ସେ କହିଛନ୍ତି ।

## ଏକାଳ ସକାଳ



ମୁରବୀ ନାହାନ୍ତି ଘରେ
ମେମ୍ବର ହେଲେଣି ବାତେରା
ହାତରେ ଭାଗ୍ୟ ରେଖାଟିଏ ନାହିଁ
ଭବିଷ୍ୟକୁ ପୁରା ଖତରା
ମୁହଁ ଫୁଟାଣିୟାଙ୍କ ଯାତରା
ଘା'ଘଉଡରେ ସଢିଗଲେ ପଛେ
ହେଲେ ଆମେ ସଫାସୁତୁରା ।

# ବନ୍ଧା ହେଲେ ୫ ସ୍ତ୍ରୀଙ୍କ ସ୍ୱାମୀ, ଲାଇନରେ ଥିଲେ ଆହୁରି ୪୯



ଭୁବନେଶ୍ୱର, ୩।୮

ନ୍ୟୁଜ୍ ବ୍ୟୁରୋ

ଛାଡ଼ପତ୍ର ପାଇଥିବା ମହିଳାଙ୍କୁ ବିବାହ କରି ସେମାନଙ୍କଠାରୁ ଟଙ୍କା ନେଇ ତଥା ସେମାନଙ୍କ ନାଁରେ ଲୋନ୍ ଉଠାଇ ବ୍ୟବସାୟ ସହିତ ମଉଜ କରୁଥିବା ଜଣେ ଠକଙ୍କୁ ଗିରଫ କରିଛି କମିଶନରେଟ୍ ପୁଲିସ୍ । ତାଙ୍କ ନାଁ ସତ୍ୟଜିତ ମାନଗୋବିନ୍ଦ ସାମଲ (୩୪) । ତାଙ୍କ ଘର ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଞ୍ଚଳରେ । ଏବେ ସେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରରେ ରହୁଥିଲେ । ଅଭିଯୁକ୍ତଙ୍କଠାରୁ ନଗଦ ୨ ଲକ୍ଷ ୧୦ ହଜାର ଟଙ୍କା, ଏକ ଧଳା ରଙ୍ଗର ବାଲେନୋ କାର, ଏକ ବୁଲେଟ୍, ଏକ ଛୋଟ ବନ୍ଧୁକ, ଗୁଳି, ତିନିଟି ମୋବାଇଲ ଫୋନ୍ ଓ ୨ଟି ବିବାହ ଏଗ୍ରିମେଣ୍ଟ ପେପର ଜବତ କରାଯାଇଛି । ଏହା ସହିତ ତାଙ୍କର ତିନିଟି ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରାଯାଇଛି । ବିଭିନ୍ନ ଟ୍ରାଭେଲ୍ସରେ ଲାଗିଥିବା ତାଙ୍କର ଆହୁରି ୩ଟି କାରକୁ ଚିହ୍ନଟ କରାଯାଇଛି । ସେଗୁଡ଼ିକୁ ମଧ୍ୟ ଜବତ କରାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପୋଲିସ୍ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି । ସେ କହିଛନ୍ତି ଅଭିଯୁକ୍ତଙ୍କ ନାଁରେ କ୍ୟାପିଟାଲ ଥାନାରେ ଦୁଇ ଜଣ ମହିଳା ଏତଲା ଦେଇଥିଲେ । ଜୀବନସାଥୀ ମାଟ୍ରିମୋନିଆଲ ସାଇଟ୍ ଜରିଆରେ ଅଭିଯୁକ୍ତଙ୍କ ସହିତ ସେମାନଙ୍କର ପରିଚୟ ହୋଇଥିଲା । (ପୃଷ୍ଠା ୭ରେ)

# ଜିଲ୍ଲାଗସ୍ତ କରିବେ ମନ୍ତ୍ରୀ

## ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ

ଭୁବନେଶ୍ୱର, ୩।୮ : ନ୍ୟୁଜ୍ ବ୍ୟୁରୋ

ମନ୍ତ୍ରୀମାନେ ଜିଲ୍ଲା ଗସ୍ତ କରିବେ । ଏହି ଗସ୍ତ ସମୟରେ ମନ୍ତ୍ରୀମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ ବଜେଟର ବିଭିନ୍ନ ଦିଗ ବାବଦରେ ସାଧାରଣ ଲୋକଙ୍କୁ ଅବଗତ କରାଇବେ । ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି । ଶ୍ରୀ ହରିଚନ୍ଦନ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି ଯେ, ମନ୍ତ୍ରୀମାନଙ୍କ ଜିଲ୍ଲା ଗସ୍ତ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ସହ ଯୋଡିବା ପାଇଁ ସଙ୍ଗଠନର ଭୂମିକା ରହିଛି । ସଙ୍ଗଠନ ସେଇ ଭୂମିକା ନିର୍ବାହ କରିବ । ଶ୍ରୀ ହରିଚନ୍ଦନ ଆହୁରି କହିଛନ୍ତି ଜନହିତକାରୀ ନିଷ୍ପତ୍ତି ସରକାରୀ ସ୍ତରରେ ହେବ । ମନ୍ତ୍ରୀମାନେ ଦୁଇଟି ଲେଖାଏଁ ଜିଲ୍ଲା ଗସ୍ତ କରିବେ ବୋଲି ନିଷ୍ପତ୍ତି ହୋଇଛି । ରାଜ୍ୟ ସରକାର ଯେଉଁ ଐତିହାସିକ ନିଷ୍ପତ୍ତି ନେଇଛନ୍ତି ସେ ସମ୍ପର୍କରେ ମନ୍ତ୍ରୀମାନେ ଜିଲ୍ଲାଗସ୍ତ ବେଳେ ଲୋକଙ୍କୁ ଅବଗତ କରାଇବେ ।



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୦୪ ଅଗଷ୍ଟ, ରବିବାର, ୨୦୨୪





# କ୍ରୋମ୍ ଉପତ୍ୟକାରେ ଭୂସ୍ଖଳନ ଭୟ : ସତର୍କତା ଜରୁରୀ

**ଯାଜପୁର/କାଳିଆପାଣି, ନ୍ୟୁଜ୍‌ବ୍ୟୁରୋ**



ମୁକିନ୍ଦା କ୍ରୋମ ଉପତ୍ୟକା, କାଳିଆପାଣି ଅଞ୍ଚଳରେ କେରଳ ଭୂସ୍ଖଳନ ଭୟ ସୃଷ୍ଟି ହୋଇଛି। ଖଣି ଅଞ୍ଚଳରେ ଜନବସତିକୁ ଲାଗି ପାହାଡ଼ ଭଳି ଜମା ହୋଇରହିଥିବା ବର୍ଜ୍ୟବସ୍ତୁ ଏହି ଆଶଙ୍କୁ ଦୃଢ଼ୀଭୂତ କରୁଛି। ବିଶେଷ କରି ବର୍ଷା ଦିନରେ ଏଠାରେ କେତେବେଳେ ବି ଭୂସ୍ଖଳନ ହେବାର ଆଶଙ୍କା ସୃଷ୍ଟି ହୋଇଛି। କାଳିଆପାଣିରେ ଖଣି ଆଇନ ଉଲ୍ଲଂଘନ ବର୍ଷବର୍ଷ ଧରି ଅପସାରିତ ହେଉନି ବର୍ଜ୍ୟବସ୍ତୁ ହୋଇଛି। ଅନାବଶ୍ୟକ ମାଟି, ଗୋଡ଼ି, ପଥର ଜମା ହୋଇ ରହିବା ଓ ବର୍ଷବର୍ଷ ଧରି ଏହାକୁ ଅପସାରଣ କରାନଯିବା ଯୋଗୁଁ ଏହା ବିପଦସଂକୁଳ ଅବସ୍ଥାରେ ରହିଛି। ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉନାହାନ୍ତି। କେରଳ ଭୂସ୍ଖଳନ ପରେ କାଳିଆପାଣି ଅଞ୍ଚଳରେ ଏପ୍ରକାର ଆଶଙ୍କା ଦେଖାଦେଇଛି। ପ୍ରକାଶ ଥାଉକି ଦେଶର ୯୭ଭାଗ କ୍ରୋମାଇଟ୍ କାଳିଆପାଣି ଉପତ୍ୟକାରେ ଗଚ୍ଛିତ ରହିଛି। ୧୯୪୯ ମସିହାରୁ ଏଠାରେ କ୍ରୋମାଇଟ୍ ଖୋଳା ଚାଲିଛି। ୧୧ଟି ଖଣିରୁ କ୍ରୋମାଇଟ୍ ଉତ୍ତୋଳନ ଚାଲିଥିବା ବେଳେ ଶହଶହ ଏକର ପରିମିତ ପାହାଡ଼ ମାଟିରେ ମିଶିଲାଣି। ଏବେ ଭୂତଳ ଖଣିରୁ ଉତ୍ତୋଳନ ଆରମ୍ଭ ହୋଇଛି। ଖଣିରୁ ବାହାରୁଥିବା କ୍ରୋମାଇଟ୍‌କୁ ବିକ୍ରି କରି ଖଣି ମାଲିକ ଓ ସଂସ୍ଥାଗୁଡ଼ିକ ହଜାରହଜାର କୋଟିଟଙ୍କା ଆୟ କରି ଚାଲିଛନ୍ତି । ଖଣିରୁ ବାହାରୁଥିବା ମାତ୍ରାଧିକ (ଓଭରବର୍ଡନ) ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଖଣି ଆଇନ୍ ବ୍ୟବସ୍ଥା ରହିଛି। ହେଲେ ଅବ୍ୟବସ୍ଥିତ ଭାବେ ଏହାକୁ ଜନବସତି ନିକଟରେ କୃତ୍ରିମ ପାହାଡ଼ ଭଳି ଜମା କରାଯାଉଛି। ନିକଟରେ କାଳିଆପାଣି ପଞ୍ଚାୟତର ମୁକୁଙ୍ଗି ଗ୍ରାମବାସୀଙ୍କ ଜମିରେ ଓଏମ୍‌ସି(ମୁକୁଙ୍ଗି) ଖଣିର ବର୍ଜ୍ୟବସ୍ତୁ ମାଡ଼ି ଯାଇଛି। ଯାହାକୁ ନେଇ ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ ଓ ସ୍ଥାନୀୟ ଅଞ୍ଚଳର ଲୋକ ପ୍ରତିନିଧି ଜିଲ୍ଲାପାଳଙ୍କ ସହଯୋଗ ଲୋଡ଼ିଛନ୍ତି। ସୂଚନାଯୋଗ୍ୟ ଯେ ଦକ୍ଷିଣ କାଳିଆପାଣି ଖଣିରୁ ଜମା ହୋଇଥିବା ବର୍ଜ୍ୟବସ୍ତୁ ପାହାଡ଼ ଭଳି ହେଲାଣି। ଏଠାରେ ଭୂସ୍ଖଳନ ଆଶଙ୍କାରେ ଚିରିଗୁଡ଼ା ବସ୍ତିର ୩୧ପରିବାର ଆତଙ୍କିତ ଅବସ୍ଥାରେ ରହିଥିଲେ। ବାରମ୍ବାର ଦାବି ଓ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏହି ଲୋକଙ୍କୁ ଅନ୍ୟ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ କିଛିବର୍ଷ ପୂର୍ବରୁ ଓପ୍ରପାଳ 'ଫାର୍କ' ଖଣିରେ ଭୂସ୍ଖଳନ ଘଟିଥିଲା। ଅନୁରୂପ ଭାବେ ମିଶ୍ରିଲାଲ୍ କମ୍ପାନୀ ଅଧୀନରେ ଥିବା ସାରୁଆବିଲ ଖଣି ଏବେ ଟାଟା କମ୍ପାନୀ ଖନନ କରୁଛି। ନିକଟରେ ଥିବା ଦେହୁରିସାହି, ହାତୀଝୁଡ଼ି, ନୂଆସାହି ଓ ବାତାହଟିଂର ପ୍ରାୟ ୧୫୦ ପରିବାର ଏହି ଜମା ହୋଇଥିବା ବର୍ଜ୍ୟବସ୍ତୁ ପାଇଁ ଚିନ୍ତାରେ ରହିଛନ୍ତି । ସେହିପରି ବାଲେଶ୍ୱର ଅଲଏଜ୍ ଖଣିରେ ମଧ ସମାନ ଅଭିଯୋଗ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଇଛି। କାଳିଆପାଣି କ୍ରୋମ୍ ଉପତ୍ୟକାର ପ୍ରାୟ ସମସ୍ତ ଖଣିରେ ଜମା ହୋଇଥିବା ବର୍ଜ୍ୟବସ୍ତୁ ସମସ୍ୟା ସୃଷ୍ଟି କରୁଛି। ବିଭିନ୍ନ ସମୟରେ ଭୂସ୍ଖଳନ ଘଟି ରାସ୍ତାଘାଟ, ଘର, ଚାଷଜମି, ସ୍କୁଲ ଏବଂ ନିକଟରେ ଥିବା ତମଶାଳ ନାଳ ପାଇଁ ନାହିଁନଥିବା ବିପଦ ସୃଷ୍ଟି କରିଛି। ଖଣି ମାଲିକମାନେ ଏଠାକାର ବିକାଶ ପ୍ରତି ଆଖି ବୁଜି ଦେଇଛନ୍ତି। କାଳିଆପାଣି କ୍ରୋମ ଉପତ୍ୟକା କଳାପାଣିରେ ପରିଣତ ହୋଇଛି।

# ବୌଦ୍ଧରେ କାୟା ମେଲାଉଛି ମ୍ୟାଲେରିଆ : ଜୁଲାଇରେ ଚିହ୍ନଟ ହୋଇଛନ୍ତି ୨୯୫ ରୋଗୀ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲାରେ ପୁଣି ମ୍ୟାଲେରିଆ କାୟା ମେଲାଉଥିବା ସ୍ୱାସ୍ଥ୍ୟ ବିଭାଗର ତଥ୍ୟରୁ ଜଣାପଡ଼ିଛି। ୨୦୨୦ ମସିହାରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ପୂର୍ବାପେକ୍ଷା କମିଥିଲା। ହେଲେ ୨୦୨୪ରେ ବଢ଼ିଛି। ଚଳିତ ବର୍ଷ ଏବେ ସୁଦ୍ଧା ଜିଲ୍ଲାରେ ୮୯୧ ଜଣ ଆକ୍ରାନ୍ତ (ଜଣେ ମୃତ) ଚିହ୍ନଟ ହେଲେଣି। କେବଳ ଜୁଲାଇରେ ୨୯୫ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ଏଥିରେ ହରଭଙ୍ଗା ବ୍ଲକ୍‌ର ୨୦ ଜଣ ରୋଗୀ ରହିଛନ୍ତି। ଜିଲ୍ଲାର ମ୍ୟାଲେରିଆପ୍ରବଣ ଅଞ୍ଚଳରେ ରୋଗ ନିରାକରଣ ପାଇଁ 'ଦମନ' କାର୍ଯ୍ୟକ୍ରମ ସମେତ ସଚେତନତା ମୂଳକ କାର୍ଯ୍ୟକ୍ରମ କରାଯାଉଛି। ଗାଁ ଗାଁରେ ମଶାରି ବଣ୍ଟନ ଓ ପ୍ରତି ଘରେ ଡିଡିଟି ସିଞ୍ଚନ କରାଯାଉଛି। ଏ ସବୁ ସତ୍ତ୍ୱେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢୁଛି। ବିଶେଷକରି ହରଭଙ୍ଗା ବ୍ଲକ୍‌ର ବୌଦ୍ଧ-ନୟାଗଡ଼ ସୀମାନ୍ତ ଲୁଣ୍ଡିରିଝରି, ଚନ୍ଦ୍ରନଗର, ରାକାଡ଼ି, ବେଦାଡ଼ି, ଫାଲଗାଡୁ, ତମକୁଚ ଆଦି ଗ୍ରାମରୁ ବହୁ ସଂଖ୍ୟାରେ ମ୍ୟାଲେରିଆ ରୋଗୀ ଚିହ୍ନଟ ହେଉଛନ୍ତି। ଏ ସବୁ ରୋଗୀ ବିଶେଷତଃ ବାଣୀଗୋଛା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଅସ୍ୱାସ୍ଥ୍ୟକର ପରିବେଶ ପାଇଁ ପ୍ରତିବର୍ଷ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ସ୍ୱାସ୍ଥ୍ୟ କର୍ମଚାରୀ କହିଛନ୍ତି। ୨୦୧୫ ମସିହାରେ ଜିଲ୍ଲାରେ ୮ହଜାର ୫୩୧ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲେ। ୨୦୧୭ରେ ଏହି ସଂଖ୍ୟା ୩ ହଜାର ୪୭୧ ରହିଥିଲା। ୨୦୧୯ରେ ୨୫୨ଜଣ, ୨୦୨୦ରେ ୧୩୩ ଜଣ, ୨୦୨୧ରେ ୧୩୩ଜଣ (ଜଣେ ମୃତ), ୨୦୨୨ରେ ୨୮୩ ଜଣ ଏବଂ ୨୦୨୩ରେ ୫୧୧ ଜଣ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଜିଲ୍ଲାରୁ ମ୍ୟାଲେରିଆ ମୂଳୋତ୍ପାଟନ ପାଇଁ ଦୁର୍ଗମ ଅଞ୍ଚଳରେ ରହିଥିବା ଜଳାଶୟଗୁଡ଼ିକରେ ଗାମ୍ବୁସିଆ ମାଛ ଛଡ଼ାଯାଇଥିଲା। ମାତ୍ର ଚଳିତ ବର୍ଷ ହରଭଙ୍ଗା ବ୍ଲକ୍‌ରେ ପୁଣି ଅଧିକ ସଂଖ୍ୟାରେ ମ୍ୟାଲେରିଆ ରୋଗୀ ଚିହ୍ନଟ ସ୍ୱାସ୍ଥ୍ୟ ବିଭାଗକୁ ଚିନ୍ତାରେ ପକାଇଛି। ହରଭଙ୍ଗା ବ୍ଲକ୍‌ରେ ଜୁଲାଇରେ ୭୦ ଜଣ ବ୍ରେନ୍ ମ୍ୟାଲେରିଆ ରୋଗୀ ଓ ୧୩୦ ଜଣ ଗୁରୁତର ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଡିପିଏଚ୍‌ଓ ଡା. ମଦନ ମୋହନ ପ୍ରଧାନ କହିଛନ୍ତି, ଲୋକେ ମଶାରି ବ୍ୟବହାର ନକରିବାରୁ ମ୍ୟାଲେରିଆ ବ୍ୟାପୁଛି। ଜୁନ୍‌ରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ଘଟି ୧୪୫ ରହିଥିଲା। ଚଳିତ ମାସରେ ଆକ୍ରାନ୍ତଙ୍କ ସଂଖ୍ୟା ୨୯୫ରେ ପହଞ୍ଚିଛି। ବାଉଁଶୁଣି ପଞ୍ଚାୟତର ୧୬ଟି ଗାଁ, କଣ୍ଟାମାଳର ୨୦ଟି ଏବଂ ହରଭଙ୍ଗାର ୧୦ଟି ଗାଁକୁ ମ୍ୟାଲେରିଆ ପ୍ରବଣ ଚିହ୍ନଟ କରାଯାଇଛି।

# ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନର ଆଗୁଆ ପଦକ୍ଷେପ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ସମ୍ପର୍କରେ ଏକ ସମୀକ୍ଷା ବୈଠକ ସମସ୍ତ ବିଡ଼ିଓ, ତହସିଲଦାର, ନିର୍ବାହୀ ଅଧିକାରୀମାନଙ୍କୁ ନେଇ ଆଭାସୀ ମାଧ୍ୟମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଭାରପ୍ରାପ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ କହିଲେ ମହାନଦୀରେ ବର୍ଷର ପ୍ରଥମ ବନ୍ୟାଜଳ ଛଡ଼ାଯାଇଛି। ସମ୍ଭାବ୍ୟ ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ବିଭିନ୍ନ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ବିଭିନ୍ନ କାର୍ଯ୍ୟାଳୟ ଗୁଡ଼ିକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସଠିକ୍ ଭାବରେ କାର୍ଯ୍ୟକ୍ଷମ କରିବା, ଦୁର୍ବଳ ନଦୀବନ୍ଧ ସ୍ଥାନକୁ ଚିହ୍ନଟ କରି ତୁରନ୍ତ ମରାମତି କରିବା, ବନ୍ୟାଜଳ ଅବାଧରେ ପ୍ରବାହିତ ହେବାପାଇଁ ଡ୍ରେନ ଗୁଡ଼ିକୁ ସଫା କରିବା, ବନ୍ୟା ସମୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ସୁବନ୍ଦୋବସ୍ତ କରିବା, ନଳକୂପ ଗୁଡ଼ିକର ମରାମତି କରିବା, ଦୁର୍ଗମ ଅଞ୍ଚଳ ତଥା ବନ୍ୟା ପ୍ଲାବିତ ଅଞ୍ଚଳରେ ଖାଦ୍ୟ ପଦାର୍ଥ ମହଜୁଦ ରଖିବା, ଶୁଖିଲା ଖାଦ୍ୟ ରଖିବା, ବୋଟ୍‌ଗୁଡ଼ିକୁ ପ୍ରସ୍ତୁତ କରି ରଖିବା, ବନ୍ୟା ସମୟରେ କ୍ଷତିଗ୍ରସ୍ତ ହେବାକୁ ଥିବା ଫସଲ ଆଦିର ଆକଳନ କରିବା, ସ୍ୱାସ୍ଥ୍ୟ, ଗୋଖାଦ୍ୟ ଯୋଗାଣ, ମତ୍ସ୍ୟ ଚାଷ, ଉଦ୍ୟାନ କୃଷି ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା। ଏତଦ୍‌ବ୍ୟତୀତ ବନ୍ୟା ସମୟରେ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କରିବା, ଅତ୍ୟାବଶ୍ୟକୀୟ ସେବା ଯଥା ବିଦ୍ୟୁତ୍, ଟେଲିଫୋନ, ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣକୁ ସୁବ୍ୟବସ୍ଥିତ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବନ୍ୟାଦ୍ୱାରା କଚ୍ଚାଘରଗୁଡ଼ିକ କ୍ଷତିଗ୍ରସ୍ତ ହେଲେ କ୍ଷତିଗ୍ରସ୍ତଙ୍କୁ ପଲିଥିନ ଯୋଗାଇବା, ବନ୍ୟା ସମୟରେ ସାପ କାମୁଡ଼ାରେ ଏବଂ ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଲୋକଙ୍କ ରିପୋର୍ଟ ତୁରନ୍ତ ପ୍ରଦାନ କରିବାକୁ ତହସିଲଦାର ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ୍‌ଗୁଡ଼ିକରେ ସ୍ଥାନୀୟ ଆଇ.ଆଇ.ସି, କନିଷ୍ଠ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ କମିଟି ଗଠନ କରି ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଏଣିକି ଆର୍‌ଟିଓ କରିବେ ଚବିଶ ଘଣ୍ଟିଆ ଗାଡ଼ି ଯାଞ୍ଚ

**କଟକ, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଏବେ ୮୫ଲକ୍ଷରୁ ଅଧିକ ଗାଡ଼ି ଚଳାଚଳ କରୁଛି। ଏହି ଗାଡ଼ିଗୁଡ଼ିକ ମୋଟର ଯାନ ଆଇନ ଭାଙ୍ଗିଲେ ଯାଞ୍ଚ ପାଇଁ ପରିବହନ ବିଭାଗରେ ଆବଶ୍ୟକତା ଅନୁଯାୟୀ ଅଧିକାରୀ ଓ କର୍ମଚାରୀ ନାହାନ୍ତି। ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ଟ୍ରାଫିକ୍‌ରୁ କନଷ୍ଟେବଳ ପର୍ଯ୍ୟନ୍ତ ମୋଟ ମଞ୍ଜୁରୀପ୍ରାପ୍ତ ପଦବୀ ୩୭୯ ଥିବା ବେଳେ ଏଥିରୁ ୧୨୩ଟି ଖାଲି ପଡ଼ିଛି। ଅର୍ଥାତ ରାଜ୍ୟରେ ୮୫ ଲକ୍ଷ ଗାଡ଼ି ଯାଞ୍ଚ ପାଇଁ ୨୫୬ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ତେଣୁ ପରିବହନ ବିଭାଗ ପକ୍ଷରୁ ଅନେକ ସମୟରେ ପୁଲିସ ଉପରେ ନିର୍ଭର କରିବାକୁ ପଡୁଛି। ଟ୍ରାଫିକ୍ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ଏନ୍‌ଫୋର୍ସମେଣ୍ଟ ସହିତ ଜଡ଼ିତ ଏହି ଅଧିକାରୀ ଓ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ଯୋଜନା କରାଯାଉଛି। ଯାହା ଫଳରେ ଥାନା ପୁଲିସ ଭଳି ଆରଟିଓ ସ୍ତରରେ ଥିବା ଏନ୍‌ଫୋର୍ସମେଣ୍ଟ ୨୪ ଘଣ୍ଟିଆ ଡ୍ୟୁଟି କରିବା ସହିତ ଖିଲାପୀ ଗାଡ଼ି ଚାଳକଙ୍କୁ ସାବାଡ଼ କରିବା ନେଇ ପଦକ୍ଷେପ ନେଇପାରିବ। ରାଜ୍ୟରେ ଯେଉଁ ୮୫ ଲକ୍ଷରୁ ଅଧିକ ଗାଡ଼ି ଚଳାଚଳ କରୁଛି, ଏଥିରୁ ପ୍ରତି ସାସ୍ ୮୫ ପ୍ରତିଶତ ଦୁଇଚକିଆ ଓ ୧୫ ପ୍ରତିଶତ ଉଭୟ ଭାରୀ ଓ ହାଲୁକା ଯାନ ରହିଛି। ଏହି ଗାଡ଼ିଗୁଡ଼ିକ ମୋଟର ଯାନ ଆଇନ ଖିଲାପ କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆରଟିଓସ୍ତରରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାସ୍ ବ୍ୟବସ୍ଥା ରହିଛି। କିନ୍ତୁ ଅଧିକାରୀ ଓ କର୍ମଚାରୀ ରହିବେ। ଆବଶ୍ୟକ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ମିଳିଥିବା ରାଜ୍ୟରେ କଟକ, ବାଲେଶ୍ୱର, କୋରାପୁଟ, ସମ୍ବଲପୁର, ଛତ୍ରପୁର, ଅନୁଗୁଳ ୬ଟି ଜୋନ୍‌ରେ ୬ଟି ଡିଏସ୍‌ଟି (ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ଟ୍ରାଫିକ୍) ପଦବୀ ଥିବା ବେଳେ ଏବେ ଦୁଇ ଜଣ ଅଛନ୍ତି। ସେହିଭଳି ୩୫ଟି ଆରଟିଏରୁ ପ୍ରାୟ ୨୭ ଜଣ ଆରଟିଓ ଅଛନ୍ତି। ସେହିଭଳି ଟ୍ରାଫିକ୍ ଇନ୍‌ସ୍ପେକ୍ଟର୍ ମଞ୍ଜୁରୀପ୍ରାପ୍ତ ପଦବି ୨୭ଟି ଥିବା ବେଳେ ଏବେ ୨୫ ଜଣ ଅଛନ୍ତି। ଟ୍ରାଫିକ୍ ସବ୍-ଇନସ୍ପେକ୍ଟର ମଞ୍ଜୁରୀପ୍ରାପ୍ତ ପଦବି ୩୦ଟି ଥିବା ବେଳେ ମାତ୍ର ୯ ଜଣ ଅଛନ୍ତି। ଏମ୍‌ଭିଆଇ ଓ ଅତିରିକ୍ତ ଆରଟିଓ ମଞ୍ଜୁରୀପ୍ରାପ୍ତ ପଦବୀ ୬୧ଟି ଥିବା ବେଳେ ୪୮ଜଣ ଅଛନ୍ତି। ଖାଲି ପଡ଼ିଥିବା ଏହି ପଦବିରୁ ୮ଜଣଙ୍କୁ ରଖାଯାଇଛି। ଜୁନିୟର୍ ଏମ୍‌ଭିଆଇ ୬୪ଟି ମଞ୍ଜୁରୀପ୍ରାପ୍ତ ପଦବି ଥିବା ବେଳେ ଏବେ ମାତ୍ର ୧୫ ଜଣ ଅଛନ୍ତି। ସେଥିରେ ଅକ୍ଟୋବର ସୁଦ୍ଧା ନିଯୁକ୍ତି ଯୋଜନା ଚାଲିଛି। କେବଳ ୧୫୬ରୁ ୧୨୯ ଜଣ ଅଛନ୍ତି। ପାଖାପାଖି ଏକ ବର୍ଷ ହେବ ଏହି ପଦବିଗୁଡ଼ିକ ଖାଲି ପଡ଼ିଛି। ଏବେ ଆରଟିଓ ପିଛା ଜଣେ ଟ୍ରାଫିକ୍ ଇନ୍‌ସ୍ପେକ୍ଟର୍ ଓ ଦୁଇଜଣ ଲେଖାଏଁ କନେଷ୍ଟବଳଙ୍କୁ ନେଇ ଏନ୍‌ଫୋର୍ସମେଣ୍ଟ ଡ୍ୟୁଟି କରାଯାଉଛି। କର୍ମଚାରୀ ସଂକଟ ଥିବାରୁ ସ୍ଥାନୀୟ ପୁଲିସର ସହାୟତା ନିଆଯାଉଛି। ପୁଲିସ ଏଥିପାଇଁ ଧାର୍ଯ୍ୟ ସମୟରେ ପର୍ଯ୍ୟାପ୍ତ ଫୋର୍ସ ଯୋଗାଇ ନପାରିଲେ ଏନ୍‌ଫୋର୍ସମେଣ୍ଟ ବ୍ୟବସ୍ଥା ମଧ ପ୍ରଭାବିତ ହେଉଥିବା କୁହାଯାଉଛି। ଏଭଳି ସମସ୍ୟାର ମୁକାବିଲା କରିବା ପାଇଁ ପ୍ରତି ଆରଟିଓ ପିଛା ୩ଜଣ ଟ୍ରାଫିକ୍ ଇନ୍‌ସ୍ପେକ୍ଟର୍ ଓ ୧୨ ଜଣ କନେଷ୍ଟବଳ, ୩ଟି ଗାଡ଼ି ଯୋଗାଇବା ପାଇଁ ପରିବହନ ବିଭାଗ ପକ୍ଷରୁ ଆଲୋଚନା ଚାଲିଛି। ଯାହାଫଳରେ ଆରଟିଓ ସ୍ତରରେ ଥିବା ଏନ୍‌ଫୋର୍ସମେଣ୍ଟ ତିନୋଟି ସିଫ୍ଟରେ ୨୪ ଘଣ୍ଟା କାର୍ଯ୍ୟ କରିବେ। ପ୍ରତି ସିଫ୍ଟରେ ଜଣେ ଟ୍ରାଫିକ ଇନସ୍ପେକ୍ଟର, ୪ ଜଣ କନେଷ୍ଟବଲ୍ ଓ ଗୋଟିଏ ଗାଡ଼ି ଏନ୍‌ଫୋର୍ସମେଣ୍ଟ କରିବା ସମୟରେ ନିୟୋଜିତ ହେବ। ଏଭଳି ସଂଖ୍ୟା ବୃଦ୍ଧି ହେଲେ ପୁଲିସ ଉପରେ ପରିବହନ ବିଭାଗ ଆଉ ନିର୍ଭରଶୀଳ ହେବ ନାହିଁ ବୋଲି ଆଶା କରାଯାଉଛି।

# ନଦୀରେ ବୁଡ଼ି ଜଣେ ମୃତ, ଜଣେ ଉଦ୍ଧାର

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଚାଲିଛି ଶ୍ରାବଣ ମାସ। ବିଭିନ୍ନ ଶୈବ ପୀଠ ଉତ୍ସବ ମୁଖର। ଜଳାଭିଷେକ ପାଇଁ ଚଳଚଞ୍ଚଳ ହୋଇ ଉଠିଛି ଯାଜପୁର ଜିଲ୍ଲା। ଅନ୍ୟପକ୍ଷରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ବୈତରଣୀ ନଦୀ ବଲ୍ଲଭିଘାଟରେ। ବୋଲବମ୍ ଯାତ୍ରା ପାଇଁ ପାଣି ଉଠାଇବା ବେଳେ ନଦୀରେ ବୁଡ଼ି ଜଣେ କାଉଡ଼ିଆଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ କାଉଡିଆ ଉଦ୍ଧାର ହୋଇଥିବା ଜଣାପଡିଛି। ମୃତ କାଉଡିଆ ଜଣକ ଭଣ୍ଡାରିପୋଖରୀ ବ୍ଲକ ପୁରୁଷୋତ୍ତମପୁର ଅଞ୍ଚଳର ପ୍ରଶାନ୍ତ ସାମଲ ବୋଲି ଜଣାପଡିଛି। ସୂଚନା ମୁତାବକ ଶ୍ରାବଣ ସୋମବାର ଥିବାରୁ ଭଣ୍ଡାରି ପୋଖରୀ ଅଞ୍ଚଳର କାଉଡ଼ିଆ ଦଳ ଆରଡିସ୍ଥିତ ବାବା ଆଖଣ୍ଡଳମଣୀଙ୍କୁ ପାଣି ଭାର ନେବା ପାଇଁ ଯାଜପୁରସ୍ଥିତ ବଲ୍ଲଭିଘାଟକୁ ଆସିଥିଲେ । ସେଠାରେ ପ୍ରଶାନ୍ତ ପାଣିରେ ବୁଡିଯିବା ଦେଖି ଅନ୍ୟ ଜଣେ କାଉଡିଆ ତାଙ୍କୁ ଉଦ୍ଧାର କରିବାକୁ ଯାଇ ନିଜେ ବୁଡି ଯାଇଥିଲେ। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକେ ଖୋଜି ପ୍ରଶାନ୍ତଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମାଡ଼ ମାରିବାରୁ ଥାନାକୁ ଗଲେ ସ୍ତ୍ରୀ : ଭୟରେ ବିଷ ପିଇ ଆତ୍ମହତ୍ୟା କଲେ ସ୍ୱାମୀ

**ଦିଗପହଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ମଦ ଉଜାଡ଼ି ଦେଲା ପରିବାର। ମୁରବୀ ବିହୀନ କରିଦେଲା ଗୋଟିଏ ପରିବାର। ଘରର ମୁଖିଆଙ୍କୁ ମାରିଦେଲା ଚଲାପାଣି ନିଶା। ମଦ ନିଶାରେ ମାଡ଼ ମାରିବାରୁ ସ୍ତ୍ରୀ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇ ଥାନାରେ ଏତଲା ଦେଇଥିଲେ। ପୋଲିସ ଏତଲାକୁ ଭିତ୍ତିକରି ଥାନାକେସ୍ ନଂ ୨୯୨/୨୪ ପ୍ରକାରେ ମାମଲା ରୁଜୁ କରିଥିଲେ। ଥାନାରୁ ଫେରିଲା ବେଳକୁ ବିଷ ପିଇଦେଇଥିଲେ ସ୍ୱାମୀ। ଏପରି ହୃଦୟବିଦାରକ ଘଟଣା ଘଟିଛି ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଥାନା ଫାସିଗୁଡା ଗାଁରେ। ବିଳମ୍ବିତ ରାତିରେ ଫାଶୀଗୁଡ଼ା ଗାଁର ଟୁନା ବିଷୋୟୀ ମଦ ପିଇ ଘରକୁ ଆସିଥିଲେ। ଘରେ ପହଞ୍ଚିବା ପରେ ନିଶାସକ୍ତ ଅବସ୍ଥାରେ ନିଜ ସ୍ତ୍ରୀ ସୁଷମାଙ୍କୁ ମାଡ଼ ମାରିଥିଲେ। ସ୍ୱାମୀଙ୍କ ମାଡ଼ରେ ଅତିଷ୍ଠ ହୋଇ ସୁଷମା ସେହି ରାତିରେ ଥାନାରେ ଅଭିଯୋଗ କରିବା ପାଇଁ ଯାଇଥିଲେ। ଏ ସମ୍ପର୍କରେ ଟୁନା ଜାଣିପାରି ବ୍ୟତିବ୍ରସ୍ତ ହୋଇପଡ଼ିଥିଲେ। ଏକା ଥରକେ ତାଙ୍କ ନିଶା ଉତୁରି ଯାଇଥିଲା। ଥାନାରେ ଅଭିଯୋଗ କରିବା ପାଇଁ ପତ୍ନୀ ଗଲା ପରେ ଟୁନା ଘରେ ଥିବା ବିଷ ପିଇ ଦେଇଥିବା ଅଭିଯୋଗ ହୋଇଛି। ଥାନାରୁ ସୁଷମା ଫେରିବା ପରେ ଦେଖିଥିଲେ ଘରେ ପଡ଼ିଛନ୍ତି ଟୁନା। ହେଲେ ତାଙ୍କ ଦେହରେ ଜୀବନ ନାହିଁ। ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ମଦୁଆ ପଛେ ହୁଅନ୍ତୁ ନାକାହିଁକି ଆଖି ଆଗରେ ସ୍ୱାମୀଙ୍କ ମୃତଦେହ ଦେଖି ତାଙ୍କ ଅକଲ ଗୁଡୁମ୍ ହୋଇଯାଇଥିଲା। ସଙ୍ଗେ ସଙ୍ଗେ ସାହି ପଡ଼ିଶା ଓ ଥାନାକୁ ଖବର ଦେଇଥିଲେ। ସକାଳେ ପୁଲିସ୍ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ନଂ ୧୦/୨୪ ଅନୁସାରେ ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରାଯାଇଥିଲା

# ୪୨ ବର୍ଷ ପରେ ବି ସରୁନି ସୁବର୍ଣ୍ଣରେଖା ପ୍ରକଳ୍ପ

**ସାରସକଣା, ନ୍ୟୁଜ୍‌ବ୍ୟୁରୋ**

୧୯୮୨ ମସିହାରେ ଆରମ୍ଭ ହୋଇଥିବା ସୁବର୍ଣ୍ଣରେଖା କେନାଲ କାମ ଏଯାଏ ସରିବାର ନାଁ ଧରୁନି। ଝାଡ଼ଖଣ୍ଡ ରାଜ୍ୟ ଗଲୁଡିହି ବ୍ୟାରେଜ୍‌ରୁ ବାହାରିଥିବା ୧୮୫ କିମି ଦୈର୍ଘ୍ୟର ଉକ୍ତ କେନାଲ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ୍‌ରୁ ରାସଗୋବିନ୍ଦପୁର ବ୍ଲକ୍ ଯାଏ ୧୩୧ କିମି ଲମ୍ବିଛି। ଆଶା ଥିଲା, ଉକ୍ତ କେନାଲ କାମ ଶେଷ ହେଲେ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଶତାଧିକ ଚାଷୀ ଉପକୃତ ହେବେ। କିନ୍ତୁ ୪୨ ବର୍ଷ ପରେ କେନାଲ କାମ ସରୁ ନଥିବାରୁ ଚାଷୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ୧୯୭୮ ମସିହା ଅଗଷ୍ଟ ୭ତାରିଖରେ ନୂଆଦିଲ୍ଲୀଠାରେ ତ୍ରିପାକ୍ଷିକ ବୈଠକରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁ ଓ ବିହାର ମୁଖ୍ୟମନ୍ତ୍ରୀ କର୍ପୁରୀ ଠାକୁର ବୈଠକରେ ଉପସ୍ଥିତ ରହି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ । ସର୍ତ୍ତ ଥିଲା, ଓଡ଼ିଶା ଓ ପଶ୍ଚିମବଙ୍ଗ ସରକାର ନିଜ ଖର୍ଚ୍ଚରେ ନିଜ ରାଜ୍ୟକୁ ପାଣି ଆଣିବେ। ତଦନୁଯାୟୀ, ଓଡ଼ିଶାର ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ୧ ଲକ୍ଷ ୯ ହଜାର ୬ ଶହ ୨୭ ହେକ୍ଟର ଚାଷଜମିକୁ ଜଳସେଚନ କରାଯିବା ଲକ୍ଷ୍ୟରେ ୧୯୮୨ ମସିହାରେ ଏହି ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କାର୍ଯ୍ୟାରମ୍ଭ ହୋଇଥିଲା। ଏଥିପାଇଁ ବିଶ୍ୱବ୍ୟାଙ୍କ ୧୨୭ ବିଲିୟନ୍ ଆମେରିକୀୟ ଡଲାର ଯୋଗାଇ ଦେଇଥିଲେ। ତେବେ ସୁବର୍ଣ୍ଣରେଖା କେନାଲରେ ପାଣିକୁ ସଂରକ୍ଷଣ ରଖିବା ପାଇଁ ଶୁଳିଆପଦା ବ୍ଲକ୍ ଜମ୍ବିରା ଓ କୁଳିଅଣା ବ୍ଲକ୍ ହଳଦିଆଠାରେ ଦୁଇଟି ବନ୍ଧ ମଧ୍ୟ ନିର୍ମାଣ ଆରମ୍ଭ ହୋଇଥିଲା। ଏହାପରେ ୧୯୯୨ ମସିହା ବେଳକୁ ବିଶ୍ୱବ୍ୟାଙ୍କ ସହାୟତା ବନ୍ଦ କରିଦେଲା। ଏଥିସହିତ ତତ୍କାଳୀନ ବିହାର ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ପ୍ରକଳ୍ପ ଅଗ୍ରଗତି ନିମନ୍ତେ ଅନିଚ୍ଛା ପ୍ରକାଶ କରିବା ସହିତ ପାଣି ଦେବାକୁ ମନା କରି ଦେଇଥିଲେ। ଫଳରେ ପ୍ରାୟ ୧୦ ବର୍ଷ ଯାଏ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଅନିଶ୍ଚିତତା ଲାଗି ରହିବା ସହିତ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଧିମେଇ ଯାଇଥିଲା। ପୁଣି ୨୦୦୨-୦୩ ମସିହାରୁ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ହୋଇଥିଲେ ମଧ ଏବେ ସୁଦ୍ଧା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏଥିରୁ ଶାଖା କେନାଲ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଅପରପକ୍ଷେ ଆବଶ୍ୟକ ମୁତାବକ ପାଣି ଆସୁ ନଥିବାରୁ ମୟୂରଭଞ୍ଜ ଜିଲ୍ଲାର ସାରସକଣା, ବାରିପଦା, ବେତନଟୀ, କୁଳିଅଣା, ଶ୍ୟାମାଖୁଣ୍ଟା, ରାସଗୋବିନ୍ଦପୁର, ବଡ଼ସାହି, ବାଙ୍ଗିରିପୋଷି, ଶୁଳିଆପଦା, ମୋରଡ଼ା ବ୍ଲକର ୯୪ ହଜାର ୬ ଶହ ୫୫ ହେକ୍ଟର ଓ ବାଲେଶ୍ୱର ଜିଲ୍ଲାର ରେମୁଣା, ବାଲେଶ୍ୱର, ବସ୍ତା ଓ ଜଳେଶ୍ୱର ବ୍ଲକର ୧୪ ହଜାର ୯ ଶହ ୭୨ ହେକ୍ଟର ମିଶାଇ ସମୁଦାୟ ୧ ଲକ୍ଷ ୯ ହଜାର ୬ ଶହ ୨୭ ହେକ୍ଟର ଚାଷଜମିକୁ ଜଳସେଚନ କରାଯିବାର ଲକ୍ଷ୍ୟ ପୂରଣ ହୋଇପାରିନି। ଅଦ୍ୟାବଧି ସାରସକଣା ବ୍ଲକ ଅଞ୍ଚଳରେ କୌଣସି ବନ୍ଧ ନିର୍ମାଣ ହୋଇ ପାରିନି। ଫଳରେ ଖରାଦିନରେ କେନାଲ ପୂରା ଶୁଖିଲା ପଡୁଥିବାରୁ ଚାଷୀମାନେ ରବି ଋତୁରେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଚଳିତ ଖରିଫ ଋତୁରେ ଏଯାଏ କେନାଲରେ ପାଣି ଆସିନି। ଏନେଇ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଡିଭିଜନ-୧ ଅଧୀକ୍ଷଣ ଯନ୍ତ୍ରୀ ସୁରେଶ ବେହେରାଙ୍କୁ ପଚାରିବାରୁ ଦିନେ ଦୁଇଦିନ ମଧ୍ୟରେ କେନାଲରେ ପାଣି ଆସିଯିବ। ଏହି ପାଣି ଶାଖା କେନାଲ ଦ୍ୱାରା ଚାଷୀମାନଙ୍କୁ ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ୧୧ ଜଣ ଶିକ୍ଷକଙ୍କର ଦରମା ବନ୍ଦ କଲେ ଶିକ୍ଷାଧିକାରୀ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକଙ୍କର ଅଚାନକ ରାୟଗଡ ବ୍ଲକ ଗୁମ୍ମା ଅପଗ୍ରେଡେଡ୍ ଉଚ୍ଚ ବିଦ୍ୟାଳୟ ଗସ୍ତ ସମୟରେ ଅନେକ ଅନିୟମିତତା ଯୋଗୁଁ ଗୋଟିଏ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କ ସମେତ ୧୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଗୋଟିଏ ଦିନର ଦରମା ବନ୍ଦ କରିବା ସହ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ସୂଚନା ମୁତାବକ ରାୟଗଡ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ନାୟକ ଗୁମ୍ମା ଉଚ୍ଚ ବିଦ୍ୟାଳୟରେ ପୂର୍ବାହ୍ନ ୬.୩୦ ସମୟରେ ପହଞ୍ଚିଥିଲେ। କିନ୍ତୁ ଉକ୍ତ ବିଦ୍ୟାଳୟରେ ମାତ୍ର ତିନି ଜଣ କର୍ମଚାରୀ ଉପସ୍ଥିତ ରହିଥିବା ବେଳେ ଅନ୍ୟ ମାନେ ୧୦ ମିନିଟ ବିଳମ୍ବରେ ଜଣେ ପରେ ଜଣେ ପହଞ୍ଚିଥିଲେ ଓ ବିଦ୍ୟାଳୟ ୬.୫୦ ମିନିଟ ସମୟରେ ଆରମ୍ଭ ହୋଇଥିଲା। ଯାହାକି ଶିକ୍ଷା ବିଭାଗର ନିୟମକୁ ନମାନି ନିଜ ମନ ଇଚ୍ଛା ଭାବେ କାର୍ଯ୍ୟ କରୁଥିବା ଜଣା ପଡ଼ିଥିଲା। ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ନାୟକ ପ୍ରଧାନ ଶିକ୍ଷୟିତ୍ରୀ ଏସ. ଆଶାଲତା ସମେତ ୩ ଜଣ ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ କଳ୍ପନା ପତି, ସଂଯୁକ୍ତା ପାଣିଗ୍ରାହୀ, ଏମ. ରଜନୀକାନ୍ତ, କ୍ଲାସିକାଲ ଶିକ୍ଷୟତ୍ରୀ ମିତାଶ୍ରି ପ୍ରଧାନ, କନିଷ୍ଠ ସହାୟକ ସୋମନାଥ ନାଗବଂଶ, ୪ ଜଣ ଏଲିମେଣ୍ଟାରି ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ନାରାୟଣ ପଣ୍ଡା, କମଳାକାନ୍ତ ରାଉତ, ସଂଯୁକ୍ତା ରାଣୀ ପାଢ଼ୀ, ଭାଗ୍ୟଲକ୍ଷ୍ମୀ ରାଉତ , କ୍ରୀଡ଼ା ଶିକ୍ଷକ ଲକ୍ଷ୍ମୀ ନାରାୟଣ ତୁରୁକ, ପ୍ରମୁଖ ୧୧ ଜଣ ଶିକ୍ଷକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉପରୋକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ୨୭ ତାରିଖ ଦିନର ଦରମା ବନ୍ଦ କରିବା ସହ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା ଜଣାପଡିଛି । ବର୍ତ୍ତମାନ ସାଧାରଣରେ ଚର୍ଚ୍ଚା ଚାଲିଛି ଯେ, ମୁଖ୍ୟ ରାସ୍ତା କଡ଼ରେ ଥିବା ବିଦ୍ୟାଳୟରେ ଯଦି ଏହିଭଳି ଅନିୟମିତତାର ଦୃଶ୍ୟ ଦେଖିବାକୁ ମିଳୁଛି ତାହେଲେ ଜିଲ୍ଲାରେ ଶିକ୍ଷାର ବାସ୍ତବ ଚିତ୍ର ସ୍ପଷ୍ଟ କିଭଳି ତାହାକୁ ନେଇ ଏବେ ପ୍ରଶ୍ନବାଚୀ।

# ଆଠ ଜୁଆଡ଼ି ଗିରଫ

**ଗଂଜାମ, ନ୍ୟୁଜ ବ୍ୟୁରୋ**

ଦିଗପହଣ୍ଡି ଜନତା ଲେନରେ ଜୁଆଖେଳ ଚାଲିଥିବା ବେଳେ ଦିଗପହଣ୍ଡି ପୋଲିସ ଏହି ଜୁଆଆଡ୍ଡା ଉପରେ ଚଢାଉ କରି ଆଠ ଜଣ ଜୁଆଡିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନଙ୍କ ଠାରୁ ନଗଦ ଛଅ ହଜାର ପାଂଚ ଶହ ଟଂକା ପୋଲିସ ଜବତ କରିଛି।

# ଛାତ୍ରାବାସରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଗଂଜାମ, ନ୍ୟୁଜ ବ୍ୟୁରୋ**

ଚମାଖଣ୍ଡି ଥାନାର ଗୋବିନ୍ଦପୁର ଆବାସିକ କଲେଜର ଯୁକ୍ତ ଦୁଇ ଦ୍ୱିତୀୟ ବାର୍ଷିର ବିଜ୍ଞାନ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ଚମାଖଣ୍ଡି ପୁଲିସ୍ ଛାତ୍ରାବାସରୁ ଉଦ୍ଧାର କରିବା ସହ ଏହାକୁ ଜବତ କରିଛି ଓ ଘଟଣାର ତଦନ୍ତ କରୁଛି। ତେବେ ତାଙ୍କ ଆତ୍ମହତ୍ୟାର କାରଣ ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ ।

# ଚମ୍ପୁଆ ଏନଏସିରେ ଗୋଟିଏ ରାତିରେ ଦୁଇ ଜାଗାରୁ ଚୋରି

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଚମ୍ପୁଆ ଏନଏସିରେ ଗୋଟେ ରାତିରେ ପୃଥକ ଦୁଇ ଯାଗାରୁ ଚୋରି ହୋଇଥିବା ଜଣାପଡ଼ିଛି। ଗତ ରାତିରେ ଚମ୍ପୁଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ପୂଜା ସାମଗ୍ରୀ ଦୋକାନରୁ ଚୋରୀ ହୋଇଥିବା ନେଇ ଚମ୍ପୁଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଚମ୍ପୁଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ବ୍ରହ୍ମାନନ୍ଦ ଦାସଙ୍କ ଲକ୍ଷ୍ମୀ ନାରାୟଣ ପୂଜା ସାମଗ୍ରୀ ଦୋକାନରେ ଗତ ରାତିରେ ଦୁର୍ବୃତ୍ତମାନେ କୌଶଳକ୍ରମେ ପଶି ତାଲା ଭାଙ୍ଗିବା ସହ ଟଙ୍କା ବାକ୍ସରେ ଥିବା ପ୍ରାୟ ଦଶ ହଜାର ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଚୋରୀ କରିବାରେ ସକ୍ଷମ ହୋଇଥିଲେ। ସକାଳେ ବ୍ରହ୍ମାନନ୍ଦଙ୍କ ସାନଭାଇ ମହେଶ୍ୱର ଦୋକାନ ଖୋଲିବାକୁ ଆସି ଦୋକାନର ତାଲା ଭଙ୍ଗା ହୋଇଥିବା ଦେଖିବା ସହ ଚୋରି ହୋଇଥିବା ନେଇ ଜାଣିବାକୁ ପାଇଥିଲେ । ଏ ନେଇ ମହେଶ୍ୱର ଚମ୍ପୁଆ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଗତ ରାତିରେ ଚମ୍ପୁଆ ନେହେରୁ ଷ୍ଟାଡିୟମ୍ ନିକଟରୁ ତିନୋଟି ଗାଈ ଚୋରି ହୋଇଥିବା ନେଇ ଚମ୍ପୁଆ ଥାନାରେ ଅଭିଯୋଗ ହୋଇଛି। ଧଳାଡିହର ମନୋଜ ରାଜ, ଏମ୍‌ଡି ଅଶ୍ରତ, ଏମଡି ତନ୍‌ବିରଙ୍କର ତିନୋଟି ଗାଈକୁ ଦୁର୍ବୃତ୍ତମାନେ ଏକ ସ୍କର୍ପିଓ ଗାଡ଼ିରେ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଚମ୍ପୁଆ ପୋଲିସ ଚମ୍ପୁଆ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରାକୁ ଚେକ୍ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# କନ୍ଧମାଳ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ : ୫୩୮ ଡାକ୍ତର ପଦବୀ ମଧ୍ୟରୁ ୩୩୮ ଖାଲି

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

ସମଗ୍ର କନ୍ଧମାଳ ଜିଲ୍ଲାରେ ଏବେ ଡାକ୍ତର ମରୁଡି । ଜିଲ୍ଲା ପାଇଁ ମୋଟ ୫୩୮ଟି ଡାକ୍ତର ପଦବୀ ମଞ୍ଜୁରୀ ପ୍ରାପ୍ତ ହୋଇଥିବାବେଳେ ବର୍ତ୍ତମାନ ୧୯୦ ଜଣ କାର୍ଯ୍ୟରତ ଅଛନ୍ତି ଓ ୩୩୮ଟି ପଦବୀ ଖାଲି ପଡ଼ିଛି। ବିଶେଷ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଓ ଗୋଷ୍ଠୀ ଚିକିତ୍ସାଳୟ ଗୁଡିକରେ ଶତାଧିକ ବିଶେଷଜ୍ଞ ଓ ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ପରିଚାଳନା ଗତ ତ୍ରୁଟି ଦେଖାଦେଉଛି। ଏହା ବିଭାଗୀୟ ଅଧିକାରୀମାନଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତ୍ୟହ ଦେଢ ହଜାର ରୋଗୀ ଚିକିତ୍ସା ପାଇଁ ଆସୁଥିବାରୁ ଆବଶ୍ୟକ ବିଶେଷଜ୍ଞ, ଡାକ୍ତର ଓ ଶଯ୍ୟା ଅଭାବ କାରଣରୁ ସେମାନେ ବ୍ରହ୍ମପୁର, ଭୁବନେଶ୍ୱର ଓ କଟକର ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି। ମୁଖ୍ୟ ଚିକିତ୍ସାଳୟରେ ବର୍ତ୍ତମାନ ୩୩୬ଟି ମାତ୍ର ଶଯ୍ୟା ରହିଥିବାବେଳେ ଏହାକୁ ୪୧୦କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରହିଛି। ତେବେ ଅର୍ଥୋପେଡିକ ୱାର୍ଡ ନାହିଁ। ଏଠାରେ ଏମଆରଆଇ କିମ୍ବା ଏଣ୍ଡୋସ୍କୋପି ବ୍ୟବସ୍ଥା ମଧ ନାହିଁ। କେବଳ ସ୍ତ୍ରୀ ଓ ପ୍ରସୂତି ବିଭାଗ ପାଇଁ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା ରହିଛି କିନ୍ତୁ ଅନ୍ୟ ରୋଗୀମାନଙ୍କ ପାଇଁ ନାହିଁ। ମୁଖ୍ୟ ଚିକିତ୍ସାଳୟରେ ଭେଷଜ, ଅସ୍ଥିଶଲ୍ୟ, କର୍ଣ୍ଣ ନାସା ଗଳା, ରେଡିଓଲୋଜି, ଶିଶୁ ବିଭାଗରେ କୌଣସି ବିଶେଷଜ୍ଞ ନାହାନ୍ତି। ସୂଚନା ମୁତାବକ, ଫୁଲବାଣୀ ସଦରମହକୁମାରେ ଆସନ୍ତା ବର୍ଷ ମେଡିକାଲ କଲେଜ ଖୋଲିବାକୁ ଯାଉଛି ଓ ପ୍ରାଥମିକ ପର୍ଯ୍ୟାୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଡାକ୍ତରୀ ଛାତ୍ର ମାନଙ୍କର ସମସ୍ତ ପ୍ରାକ୍ଟିକାଲ କରାଯିବ। ଏପରି ନାହିଁ ନାହିଁରେ ଚାଲୁଥିବା ମେଡିକାଲରେ କିପରି ଏମ୍‌ବିବିଏସ୍ ଛାତ୍ର ଛାତ୍ରୀ ମାନେ ପ୍ରାକ୍ଟିକାଲ କରିବେ ତାହା ଏକ ସନ୍ଦେହଜନକ ବ୍ୟାପାର। କନ୍ଧମାଳ ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଭାବେ ପରିଚିତ। ଜିଲ୍ଲାର ଲୋକସଂଖ୍ୟା ୮ଲକ୍ଷରୁ ଉର୍ଦ୍ଧ୍ୱ ହେବ। ସେଥି ମଧ୍ୟରୁ ତଫସିଲଭୁକ୍ତ ଜାତି ଉପଜାତି ଲୋକଙ୍କ ସଂଖ୍ୟା ସର୍ବାଧିକ। ସେମାନଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ଜିଲ୍ଲାରେ ମୁଖ୍ୟ ଚିକିତ୍ସାଳୟ, ବାଲିଗୁଡ଼ାରେ ଉପଖଣ୍ଡ ଚିକିତ୍ସାଳୟ, ୧୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସବୁ ବ୍ଲକ୍‌ରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ପ୍ରତିଷ୍ଠା ହୋଇଛି। କିନ୍ତୁ ରାଜ୍ୟ ସରକାର ଡାକ୍ତର ନିଯୁକ୍ତିରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସବୁ ବିଭାଗରେ ଜଣେ ବିଶେଷଜ୍ଞଙ୍କ ସମେତ ୧୩୪ ଜଣ ଡାକ୍ତର ନିଯୁକ୍ତି ପାଇବା କଥା। କିନ୍ତୁ ବର୍ତ୍ତମାନ ମାତ୍ର ୪୦ରୁ କମ୍ ଅଛନ୍ତି। ସେଥିରେ ପୁଣି ୬ଟି ବିଭାଗରେ ଆଦୌ ବିଶେଷଜ୍ଞ ନାହାନ୍ତି। ଯେଉଁ ମାନେ ଅଛନ୍ତି କେବଳ କାମଚଳା। ବିଶେଷ କରି ଭେଷଜ, ଅସ୍ଥିଶଲ୍ୟ, କର୍ଣ୍ଣ, ନାସା, ଗଳା, ରେଡିଓଲୋଜି ଓ ଶିଶୁରୋଗ ବିଶେଷଜ୍ଞ ଅନ୍ତର୍ଭୁକ୍ତ। ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ୫୪ ଜଣ ଡ଼ାକ୍ତର ନିଯୁକ୍ତି ପାଇବା କଥା। ବର୍ତ୍ତମାନ ମାତ୍ର ୭ ଜଣ ଡ଼ାକ୍ତରରେ କାମ ଚଳୁଛି। ସରକାରୀ ନିୟମ ପ୍ରକାରେ ଏଠାରେ ୧୦ ଜଣ ବିଶେଷଜ୍ଞ ରହିବା କଥା। କିନ୍ତୁ ଜଣେ ଦୁଇ ଜଣରେ କାମ ଚାଲିଛି। ଏହି ଚିକିତ୍ସାଳୟ ଉପରେ କ ନୂଆଗାଁ, ବାଲିଗୁଡ଼ା, କୋଟଗଡ଼, ତୁମୁଡ଼ିବନ୍ଧ, ଦାରିଙ୍ଗିବାଡି ଓ ରାଇକିଆ ବ୍ଲକ୍ ର ଅଧିବାସୀ ନିର୍ଭର କରୁଛନ୍ତି। ସେହିପରି ଗୁମାଗଡ, ଘୁ ଉଦୟଗିରି, ବାରଖମା, ଦାରିଙ୍ଗବାଡି, ଖଜୁରୀପଡ଼ା, ସୁବର୍ଣଗିରି, ଗ୍ରେଶିଙ୍ଗିଆ, ରାଇକିଆ, ବ୍ରାହ୍ମଣପାଦ, ଫିରିଙ୍ଗିଆ, ଟିକାବାଲି ଆଦି ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ ବିଶେଷଜ୍ଞ ରହିବା କଥା। ଗ୍ରାମାଞ୍ଚଳରେ ବିଶେଷଜ୍ଞ କିମ୍ବା ଡ଼ାକ୍ତର ରହୁ ନଥିବାରୁ ମୁଖ୍ୟ ଚିକିତ୍ସାଳୟ ଉପରେ ଅଧିକ ଚାପ ପଡୁଛି। ଏଣେ ଏହି ଚିକିତ୍ସାଳୟରେ ବିଶେଷଜ୍ଞ, ଡାକ୍ତର ଓ ଶଯ୍ୟାର ଘୋର ଅଭାବ ରହିଛି। ମୁଖ୍ୟ ଚିକିତ୍ସାଳୟରେ ମାତ୍ର ୩୩୬ଟି ଶଯ୍ୟା ରହିଛି। ଶଯ୍ୟା ଅଭାବରୁ ରୋଗୀମାନେ ଚଟାଣରେ ଶୋଇବାକୁ ବାଧ୍ୟ ହେଉଛନ୍ତି। କେତେକ ଡାକ୍ତରଙ୍କ ୫ ବର୍ଷ ପୂର୍ତ୍ତି ହୋଇଥିବାରୁ ଆଉ ସେମାନଙ୍କ କାମରେ ମନ ନାହିଁ। ମୁଖ୍ୟ ଚିତ୍ସାଧିକାରୀଙ୍କ ରାଉରକେଲା ବଦଳି ହୋଇଥିବାରୁ ସେ ଗୋଡ଼ ଟେକି ବସିଛନ୍ତି। ଏପଟେ ଫୁଲବାଣୀରେ ମେଡ଼ିକାଲ କଲେଜ ଖୋଲିବାକୁ ଯାଉଥିବାରୁ ରାଜ୍ୟ ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାରୀ ଘନ ଘନ ଜିଲ୍ଲା ଗସ୍ତ କରୁଥିବା ଦେଖିବାକୁ ମିଳୁଛି। କିନ୍ତୁ, ଜିଲାର ସ୍ୱାସ୍ଥ୍ୟ ସମସ୍ୟା କେହି ବୁଝୁନାହାନ୍ତି। ନୂତନ ମୁଖ୍ୟ ଚିକିତ୍ସାଧିକାରୀ ପଦବୀ ପୂରଣ ପାଇଁ ସ୍ୱାସ୍ଥ୍ୟ ସଚିବ ମାସାଧିକ କାଳହେଲା ଫାଇଲ ପଠାଇ ଥିଲେ ମଧ ତାହା ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ପାଖରେ ପଡ଼ିରହିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ପ୍ରକାଶ।



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୪ ଅଗଷ୍ଟ ୨୦୨୪ ରବିବାର





### ନଷ୍ଟ ହୋଇଗଲା ୧୦ହଜାର କ୍ୱିଣ୍ଟାଲ୍ ଅର୍ପଣ ଚାଉଳ

# ଅର୍ପଣ ଚାଉଳରେ ଆଉ ମହାପ୍ରସାଦ ହୋଇ ପାରିବନି:ସୁଆର ମହାସୁଆର ନିଯୋଗ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ମାସ ମାସ ଧରି ବ୍ୟବହାର ନହୋଇ ପଡ଼ିରହିବା ଫଳରେ ମହାପ୍ରଭୁଙ୍କ ନାଁରେ ଆସିଥିବା ପ୍ରାୟ ୧୦ ହଜାର କ୍ୱିଣ୍ଟାଲ୍ ଅର୍ପଣ ଚାଉଳ ପୋକ ଲାଗି ନଷ୍ଟ ହୋଇଯାଇଛି । ଏହି ଚାଉଳରେ ଆଉ ମହାପ୍ରସାଦ ପ୍ରସ୍ତୁତ ହୋଇପାରିବ ନାହିଁ ବୋଲି ସୁଆର ମହାସୁଆର ନିଯୋଗ ସିଧାସଳଖ କହିଛି । ଏଣୁ ଏହାର ବିକଳ୍ପ କଥା ଚିନ୍ତା କରିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରସ୍ତାବ ଦେଇଛି ନିଯୋଗ । ନିଯୋଗ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଭେଟି ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛି । ବିକଳ୍ପ ଭାବେ ଏହି ଚାଉଳକୁ ପ୍ରୋସେସିଂ କରି ଦେବାକୁ ନିଯୋଗ ପ୍ରସ୍ତାବ ଦେଇଛି । ନଚେତ୍ ଅର୍ପଣ ଚାଉଳକୁ କୌଣସି ଏନ୍‌ଜିଓ ଅବା ଗରିବଙ୍କୁ ବାଣ୍ଟି ନୂଆ ଚାଉଳ ମହାପ୍ରସାଦ ପାଇଁ ଦେବାକୁ ନିଯୋଗ କହିଛି । ଚଳିତବର୍ଷ ଜାନୁଆରି ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହୋଇଥିଲା । ଏହା ପୂର୍ବରୁ ତତ୍‌କାଳୀନ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ସାରା ରାଜ୍ୟ ବୁଲିଥିଲା ଶ୍ରୀଜଗନ୍ନାଥ ଅର୍ପଣ ରଥ । ଏହି ରଥ ରାଜ୍ୟର ୩୦ଟି ଜିଲ୍ଲାର ପ୍ରତି ବ୍ଲକ୍ ସଦର ମହକୁମାରୁ ବାହାରି ପ୍ରତି ପଞ୍ଚାୟତ, ଗାଁ ପରିକ୍ରମା ଅବସରରେ ଭକ୍ତମାନେ ଚାଉଳ, ନଡ଼ିଆ, ଗୁଆ, ଟଙ୍କା ଆଦି ଅର୍ପଣ କରିଥିଲେ । ଭକ୍ତଙ୍କ ଅର୍ପଣ ଚାଉଳ, ନଡ଼ିଆ, ଗୁଆ, ଟଙ୍କା ଆଦି ବ୍ଲକ୍ ଓ ପଞ୍ଚାୟତସ୍ତରରୁ ସଂଗ୍ରହ କରାଯାଇଥିଲା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରତି ଜିଲ୍ଲାର ଜିଲ୍ଲାପାଳ, ବିଡିଓମାନେ ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ କରି ଏହି ଅର୍ପଣ ସାମଗ୍ରୀ ଗାଡ଼ି କରି ଆଣି ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଦାଖଲ କରିଥିଲେ । ଯୋଗାଣ ବିଭାଗ ଜରିଆରେ ଚାଉଳ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀ ଆବଶ୍ୟକ ଅନୁଯାୟୀ ପର୍ଯ୍ୟାୟକ୍ରମେ ସୁଆର ମହାସୁଆର ନିଯୋଗକୁ ପ୍ରଦାନ କରିବାକୁ ନିଷ୍ପତ୍ତି ହେଲା ପରେ ସୁଆର ମହାସୁଆର ନିଯୋଗ ସହାୟତାରେ ଅର୍ପଣ ଚାଉଳରୁ ମହାପ୍ରସାଦ ପ୍ରସ୍ତୁତ କରି ଭକ୍ତଙ୍କୁ ମାଗଣାରେ ବାଣ୍ଟିବାକୁ ନିଷ୍ପତ୍ତି ହେଲା । କିଛିଦିନ ବି ଭକ୍ତଙ୍କୁ ମାଗଣାରେ କାନିକା, ଖେଚୁଡ଼ି କରି ବଣ୍ଟାହେଲା । ନିର୍ବାଚନ ପୂର୍ବରୁ ଯେଉଁ ପ୍ରାଶାସନିକ ଅଧିକାରୀମାନେ ଏହି ନିଷ୍ପତ୍ତି ନେଇଥିଲେ, ସେମାନେ ବଦଳି ସାରିଛନ୍ତି । ନୂଆ ସରକାର ଆସିଛନ୍ତି । ଏଭଳି ସ୍ଥିତିରେ ନୂଆ ଅଧିକାରୀମାନେ ଅର୍ପଣ ଚାଉଳ ଦାୟିତ୍ୱ ମୁଣ୍ଡାଇବାକୁ ପ୍ରସ୍ତୁତ ହୋଇନଥିଲେ । ସେପଟେ ଅବଢ଼ା ପ୍ରସ୍ତୁତି ପାଉଣା ନମିଳିବାରୁ ସୁଆର ମହାସୁଆର ନିଯୋଗ ବି ଅବଢ଼ା ପ୍ରସ୍ତୁତ କରିବା ବନ୍ଦ କରିଦେଇଥିଲା । ପରିଣାମ ସ୍ୱରୂପ ଆଜି ସବୁ ଚାଉଳ ନଷ୍ଟ ହୋଇ ଫିଙ୍ଗାହେବା ପରିସ୍ଥିତି ଉପୁଜିଛି । ଯୋଗାଣ ବିଭାଗ ସୂଚନା ମୁତାବକ, ସାରା ରାଜ୍ୟରୁ ଅର୍ପଣ ରଥ ଜରିଆରେ ସମୁଦାୟ ୧୪୦୧୭.୨୩ କ୍ୱିଣ୍ଟାଲ୍ ଅର୍ପଣ ଚାଉଳ ଆସିଥିଲା । ଏଥିରୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ୪୬୧୦.୪୪ କ୍ୱିଣ୍ଟାଲ୍, ଅକ୍ଷୟପାତ୍ର ଫାଉଣ୍ଡେସନ୍‌ରେ ୨୬୧୮.୦୭ କ୍ୱିଣ୍ଟାଲ୍ ଓ ଯୋଗାଣ ବିଭାଗର ପୁରୀ ଗୋଦାମରେ ୬୭୮୮.୭୨ କ୍ୱିଣ୍ଟାଲ୍ ଚାଉଳ ଗଚ୍ଛିତ ରଖାଯାଇଥିଲା । ସେହିଭଳି ୩୯୪୯ଟି ନଡ଼ିଆ ଓ ୪୨୬ ବସ୍ତା ଗୁଆ ବି ମିଳିଥିଲା । ଶ୍ରୀଗୁଣ୍ଡିଚା ମନ୍ଦିରରେ ୧୫୦ ବସ୍ତା ଓ ଅକ୍ଷୟପାତ୍ର ଫାଉଣ୍ଡେସନ୍‌ରେ ୨୭୬ ବସ୍ତା ଗୁଆ ଗଚ୍ଛିତ ରଖାଯାଇଥିଲା । ଜିଲ୍ଲା ପ୍ରଶାସନ ନିଷ୍ପତ୍ତିକ୍ରମେ ପର୍ଯ୍ୟାୟକ୍ରମେ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଗଚ୍ଛିତ ଚାଉଳ ସୁଆର ମହାସୁଆର ନିଯୋଗକୁ ମହାପ୍ରସାଦ ପ୍ରସ୍ତୁତି ପାଇଁ ପ୍ରଦାନ କରାଯାଉଥିଲା । କେବଳ ଶ୍ରୀଗୁଣ୍ଡିଚା ମନ୍ଦିରରୁ ୩୮୫୬.୮୪ କ୍ୱିଣ୍ଟାଲ୍ ଚାଉଳ ସୁଆର ମହାସୁଆର ନିଯୋଗକୁ ମହାପ୍ରସାଦ ପାଇଁ ପ୍ରଦାନ କରାଯାଇଛି । ଏବେବି ଶ୍ରୀଗୁଣ୍ଡିଚା ମନ୍ଦିର, ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ଓ ପୁରୀ ଯୋଗାଣ ବିଭାଗ ଗୋଦାମ୍‌ରେ ୧୦୧୬୦.୩୯ କ୍ୱିଣ୍ଟାଲ୍ ଚାଉଳ ଗଚ୍ଛିତ ରହିଛି । ସୁଆର ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର କହିଛନ୍ତି, ୧୦ ହଜାର କ୍ୱିଣ୍ଟାଲ୍ ଅର୍ପଣ ଚାଉଳରୁ ୭୫ ପ୍ରତିଶତ ନଷ୍ଟ ହୋଇଯାଇଛି । ମାତ୍ର ୨୫ ପ୍ରତିଶତ ଭଲ ଅଛି । ଏହି ଚାଉଳକୁ ପ୍ରୋସେସିଂ କରିନଦେଲେ ମହାପ୍ରସାଦ ପ୍ରସ୍ତୁତ କରିବା ଅସମ୍ଭବ । ଯେହେତୁ ଏହି ଚାଉଳ ନଷ୍ଟ ହୋଇଗଲାଣି ଏହାକୁ କୌଣସି ଏନ୍‌ଜିଓ ଅବା ଗରିବମାନଙ୍କୁ ବାଣ୍ଟି ଦେବାକୁ ନିଯୋଗ ସଂପାଦକ ନାରାୟଣ ମହାସୁଆର କହିଛନ୍ତି ।

## କେନାଲ ମରାମତିରେ ଅବହେଳା:୩୦୦ ଏକର ଧାନଚାଷ ପ୍ରଭାବିତ



**ବାଲିଅନ୍ତା, ନ୍ୟୁଜ୍ ବ୍ୟୁରୋ**

ବାଲିଅନ୍ତା ବ୍ଲକ୍ ଅଧୀନ ବେଣୁପୁର ପଞ୍ଚାୟତର ଏକ ମାଇନର୍ କେନାଲ୍ ଅଧପନ୍ତରିଆ ଭାବେ ମରାମତି ହୋଇଥିବାରୁ ଧାନଚାଷ ପ୍ରଭାବିତ ହେଉଛି । ବାଲକାସାହିରୁ ତୋଟାସାହି ଦେଇ ଇଟାଗାଡ଼ିଆ ପର୍ଯ୍ୟନ୍ତ ଲମ୍ବିଥିବା ଏହି ମାଇନର୍‌ର ରକ୍ଷଣାବେକ୍ଷଣ ଠିକ୍ ହେଉନଥିବାରୁ ପ୍ରାୟ ୩୦୦ ଏକର ଧାନଚାଷ କ୍ଷତିଗ୍ରସ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଚାଷୀମାନେ ପ୍ରାଚୀ ଡିଭିଜନ୍ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି । ଏହି ମାଇନର୍ ଗୋପ ମୁଖ୍ୟ କେନାଲ୍‌ରୁ ବାଲକା ସାହିଠାରୁ ବାହାରି ଚନ୍ଦନବସ୍ତ ଗାଁ ଦେଇ ଇଟାଗାଡ଼ିଆ ପର୍ଯ୍ୟନ୍ତ ଲମ୍ବିଛି । ବାଲକା ସାହିଠାରୁ ତୋଟାସାହି ପର୍ଯ୍ୟନ୍ତ ମାଇନର୍ ସାରା ଅନାବନା ଗଛଲତା ମାଡ଼ିଗଲାଣି । ସଫେଇ ହୋଇନଥିବାରୁ ଗଛଲତା ମାଡ଼ିଯାଇଛି ଏବଂ ଜଳପ୍ରବାହ ବାଧାପ୍ରାପ୍ତ ହେଉଛି । ସେହିଭଳି କେନାଲର ଗୋଟିଏ ପାର୍ଶ୍ୱରେ ସିମେଣ୍ଟ ଆଡ଼ି ବାଡ଼ ନିର୍ମାଣ କରାଯାଇଛି ଏବଂ ଅପରପାର୍ଶ୍ୱ ମାଟି ହୁଡ଼ା ଅଛି । ବହୁ ସ୍ଥାନରେ ମାଟି ହୁଡ଼ା ଭାଙ୍ଗି ଯାଇଥିବାରୁ ପାଣି ନଷ୍ଟ ହେଉଛି ଏବଂ ତଳ ମୁଣ୍ଡକୁ ଯାଉନାହିଁ । ସେହିଭଳି ଢିପ ଜମିକୁ ପାଣି ମାଡ଼ିବା ସମ୍ଭବ ହେଉନାହିଁ । ସେହିଭଳି ସିମେଣ୍ଟ ବାଡ଼ ପଟେ ବହୁ ସ୍ଥାନରେ ସୋଠ ବା ହୋଲ୍ ମାଟିରେ ପୋତି ହୋଇଯାଇଥିବାରୁ ବିଲକୁ ପାଣି ମାଡ଼ି ପାରୁନାହିଁ । ଏବେ ଚାଷୀମାନେ ଧାନ ତଳି ରୁଆଇବାକୁ ବସିଛନ୍ତି କିନ୍ତୁ ଢିପ ଜମିଗୁଡ଼ିକରେ ପାଣି ଅଭାବ ଥିବାରୁ ରୁଆ ବେଉଷଣ ହୋଇପାରୁନାହିଁ । ସ୍ଥାନୀୟ ଚାଷୀ ହରେକୃଷ୍ଣ ମଙ୍ଗରାଜ, ସନାତନ ଜେନା, ମହାଦେବ ଲେଙ୍କା ଓ ସୁରେଶ ଜେନା ପ୍ରମୁଖ କହିଛନ୍ତି ଯେ ପ୍ରତିବର୍ଷ ପ୍ରାଚୀ ଡିଭିଜନ୍‌କୁ ଏନେଇ ଅଭିଯୋଗ କରାଯାଉଛି କିନ୍ତୁ ବିଭାଗୀୟ ଅଧିକାରୀମାନଙ୍କ ଅବହେଳାରୁ ଏହି ମାଇନର୍‌ର ଅବସ୍ଥାରେ ସୁଧାର ଆସିପାରୁନାହିଁ ।



## ବାଲି ବୋଝେଇ ହାଇୱା ଜବତ:ଡ୍ରାଇଭର ଗିରଫ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ସନ୍ଧ୍ୟାରେ ଟାଉନ୍ ଥାନା ଅଞ୍ଚଳରେ ବେଆଇନ୍ ଭାବେ ଚାଲାଣ ହେଉଥିବା ବାଲି ବୋଝେଇ ହାଇୱାକୁ ଜବତ କରାଯାଇଛି । ଏହି ହାଇୱା ଚଲାଉ ଥିବା ଜଣେ ଡ୍ରାଇଭରଙ୍କୁ ମଧ୍ୟ ଗିରଫ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଟାଉନ୍ ଥାନା ପୋଲିସ ଚଢଉ କରି ଓଭର ଲୋଡ୍ ବାଲି ବୋଝେଇ ହାଇୱା ଗାଡିକୁ ଜବତ କରିଥିଲା । ଏହି ଗାଡିରେ ଥିବା ଜଣେ ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି । ଗିରଫ ହାଇୱା ଡ୍ରାଇଭର ହେଲା ଘଟଗାଁ ଥାନା ଢେଙ୍କିକୋଟ ଗ୍ରାମର ଚନ୍ଦନ ମହାରଣାଙ୍କୁ ଥାନାରେ ଅଟକ ରଖି କେଶ ନଂ ୪୦୯/୨୪ ରେ ମାମଲା ରୁଜୁ କରି ଏହାର ଅଧିକ ଯାଞ୍ଚ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦୁଝର ଆରଟିଓ ଓ ଡିଡିଏମ୍ କେନ୍ଦୁଝରଙ୍କ ନିକଟରେ ଦାଖଲ କରାଯାଇଛି ।

## ନାବାଳକ ଗାଡ଼ିଚାଳକଙ୍କୁ ଜଗିବ କ୍ୟାମେରା:ଛାତ୍ରଛାତ୍ରୀ, ଅଭିଭାବକଙ୍କୁ କରାଯିବ କାଉନ୍‌ସେଲିଂ

**କଟକ, ନ୍ୟୁଜ୍ ବ୍ୟୁରୋ**



ନାବାଳକ ଗାଡ଼ି ଚାଳକଙ୍କ ଯୋଗୁଁ ଦୁର୍ଘଟଣା ଜନିତ ମୃତ୍ୟୁ ବୃଦ୍ଧି ପାଉଥିବାରୁ ଏହାକୁ ନେଇ ତତ୍ପରତା ପ୍ରକାଶ ପାଇଛି । ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ଜରିମାନା ସହିତ ସ୍କୁଲ ଓ କଲେଜ ସ୍ତରରେ ବି କଠୋର ପଦକ୍ଷେପ ଗ୍ରହଣ କରାଯିବାକୁ ଯୋଜନା ପ୍ରସ୍ତୁତ ହୋଇଛି । ଏଥିପାଇଁ ଶିକ୍ଷାନୁଷ୍ଠାନରେ ସିସି କ୍ୟାମେରା ଲଗାଯାଇ ଗାଡ଼ି ଚଳାଇ ଆସୁଥିବା ଛାତ୍ରଛାତ୍ରୀଙ୍କ ଉପରେ ନଜର ରଖାଯିବ । ଶିକ୍ଷାନୁଷ୍ଠାନ ସ୍ତରରେ ଲାପୀ ଚାଳକଙ୍କୁ ଜଗିବାକୁ ପରିବହନ ବିଭାଗ ଶିକ୍ଷା ବିଭାଗ ସହିତ ଆଲୋଚନା କରୁଥିବା ବେଳେ ଖୁବ୍‌ଶୀଘ୍ର ବିଧିବଦ୍ଧ ଭାବେ ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି କରାଯିବ । ସୂଚନା ଅନୁଯାୟୀ, ୨୦୨୧-୨୦୨୩ ଭିତରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୬୫୩ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୮୯୫ ଜଣ ଆହତ ହୋଇଛନ୍ତି । ନାବାଳକମାନେ ବେଆଇନ୍ ଭାବେ ଗାଡ଼ି ଚଳାଉଥିବାରୁ ଏ ପ୍ରକାର ସ୍ଥିତି ସୃଷ୍ଟି ହେଉଛି । ତେବେ ପରିବହନ ବିଭାଗ ଗଲା ୨୯ ଓ ୩୦ ତାରିଖରେ ରାଜ୍ୟରେ ମୋଟ ୩୬୪ ଜଣ ଲାପୀ ନାବାଳକ ଚାଳକଙ୍କୁ ଠାବ କରିଥିଲା । ମୋଟର ଯାନ ଆଇନ୍ ୧୯୮୮ର ଧାରା ୧୯୯(କ) ଅନୁଯାୟୀ ନାବାଳକ ଚଳାଉଥିବା ଗାଡ଼ି ବିରୋଧରେ ୨୫ ହଜାର ଟଙ୍କା ଲେଖାଏଁ କରି ମୋଟ ୯୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରିଥିଲା । ଜରିମାନା ସହିତ ଶିକ୍ଷାନୁଷ୍ଠାନରେ ମଧ୍ୟରେ ଏ ନେଇ ସଚେତନତା ଓ ସତର୍କ କରାଇବା କ୍ଷେତ୍ରରେ ଖୁବ୍ ଶୀଘ୍ର ବଡ଼ ପଦକ୍ଷେପ ନିଆଯିବ । ସ୍କୁଲ ଓ କଲେଜ ସ୍ତରରେ ଛାତ୍ରଛାତ୍ରୀଙ୍କୁ କାଉନ୍‌ସେଲିଂ କରାଯିବ । ଅଭିଭାବକଙ୍କୁ ମଧ୍ୟ ଶିକ୍ଷାନୁଷ୍ଠାନକୁ ଡାକି ଏ ସମ୍ପର୍କରେ ଆଲୋଚନା କରାଯିବ । ସାବାଳକ ନହେବା ଯାଏ ଯେଭଳି ନାବାଳକଙ୍କୁ ଗାଡ଼ି ନଦିଆଯିବ, ସେ ନେଇ ଅଭିଭାବକଙ୍କୁ ତାଗିଦ୍ କରାଯିବ । ଏହା ସହିତ ସ୍କୁଲ୍‌ରେ ସିସି କ୍ୟାମେରା ଲଗାଯିବ । କେଉଁ ଛାତ୍ରଛାତ୍ରୀମାନେ ସ୍କୁଲ୍‌କୁ ଗାଡ଼ି ନେଇ ଆସୁଛନ୍ତି, ସେମାନଙ୍କ ଉପରେ ନଜର ରଖାଯିବ । ଏବେ ନାବାଳକ ଗାଡ଼ି ଚାଳକଙ୍କ ବିରୋଧରେ ଜରିମାନା ଆଦାୟ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହା ସହିତ ଶିକ୍ଷାନୁଷ୍ଠାନ ସ୍ତରରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ କରାଯାଇ ସଚେତନତା କରାଯିବ । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେବେ । ସ୍ଥାନୀୟ ଆରଟିଓ ପକ୍ଷରୁ ଅଧିକାରୀମାନେ ସ୍କୁଲ୍‌କୁ ଯାଇ ଏ ନେଇ ମଧ୍ୟ କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହେବେ । ପରିବହନ ବିଭାଗ ପକ୍ଷରୁ ଶିକ୍ଷା ବିଭାଗ ସହିତ ଏ ସମ୍ପର୍କରେ ଆଲୋଚନା କରାଯାଉଥିବା ବେଳେ ଖୁବ୍ ଶୀଘ୍ର ନିର୍ଦ୍ଦେଶନାମା ଜାରି ହେବାକୁ ଯାଉଥିବା ସୂଚନା ମିଳିଛି ।

## ଜାତୀୟ ରାଜପଥରେ ଦୁର୍ଘଟଣା:ଜୀବନ୍ତ ଜଳିଗଲେ ବାଇକ୍ ଚାଳକ

**ଗୋପାଳପୁର, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ଉପକଣ୍ଠ ଜାତୀୟ ରାଜପଥ ନଂ ୧୬ ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ଗାଁ ନିକଟରେ ଗୁରୁବାର ରାତିରେ ଏକ ସଡ଼କ ଦୁର୍ଘଟଣା ଘଟି ମୋଟରସାଇକଲ ସହିତ ଚାଳକ ପୋଡିଯାଇ ପ୍ରାଣ ହରାଇଛନ୍ତି । ମୋଟରସାଇକଲ ପଛରେ ବସିଥିବା ଯୁବକ ମଧ୍ୟ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଗଞ୍ଜାମ ଜିଲ୍ଲା କେ. ନୂଆଗାଁ ଥାନା ଅଧିନସ୍ଥ ବୃନ୍ଦାବନଚନ୍ଦ୍ରପୁର ଗ୍ରାମର ଅଜିତକୁମାର ସାହୁ ଓ ରତ୍ନାକର ପାଣିଗ୍ରାହୀ ଗୁରୁବାର ରାତିରେ ମୋଟରସାଇକଲ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲ୍‌କୁ ବାହାରିଥିଲେ । ରାତି ପ୍ରାୟ ସାଢ଼େ ୧୧ଟା ବେଳେ ଜାତୀୟ ରାଜପଥର କନିଷି ଗ୍ରାମ ଠାରୁ ୨୦୦ ମିଟର ଦୂରରେ ଅଜିତଙ୍କ ବାଇକ୍‌କୁ ଏକ ଗାଡ଼ି ଧକ୍କା ଦେବାରୁ ଅଜିତଙ୍କ ମୋଟରସାଇକଲ ଦୁର୍ଘଟଣାଗ୍ରସ୍ତ ହେବା ସହ ଗାଡ଼ିଟି ରାସ୍ତାରେ ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ଘୋଷାଡି ହୋଇଯାଇଥିଲା । ଫଳରେ ମୋଟରସାଇକଲରେ ନିଆଁ ଲାଗିଯାଇଥିଲା । ଗାଡ଼ିରେ ନିଆଁ ଲାଗିବା ଯୋଗୁ ବାଇକ୍ ସହିତ ଅଜିତ ମଧ୍ୟ ଜଳିଯାଇଥିଲେ । ଅଜିତଙ୍କ ଶରୀରର ୭୦ ଭାଗରୁ ଅଧିକ ଅଂଶ ପୋଡ଼ିଯିବା ଯୋଗୁ ଛଟପଟ ହୋଇ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା । ତେବେ ସୌଭାଗ୍ୟ ବଶତଃ ବାଇକ୍ ପଛରେ ବସିଥିବା ରତ୍ନାକର ରାସ୍ତାରେ ଛିଟିକି ହୋଇ ପଡିଯାଇଥିଲେ । ଗୋଳନ୍ଥରା ଥାନା ପୋଲିସ ଓ କନିଷି ଅଗ୍ନିଶମ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଗୁରୁତର ରତ୍ନାକରଙ୍କୁ ପୋଲିସ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲା । ପୋଲିସ ଅଜିତଙ୍କ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡ଼ ମେଡ଼ିକାଲ୍‌କୁ ପଠାଇଛି । ଏ ନେଇ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହୋଇଛି । ପୋଲିସ ଘଟଣାସ୍ଥଳର ନିକଟବର୍ତ୍ତୀ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ସଂଗ୍ରହ କରିବା ସହ ଦୁର୍ଘଟଣା କିପରି ଘଟିଲା ତାହାର ତଦନ୍ତ କରୁଛି ।

## ୨୦ ଟନ୍ ଅଷ୍ଟ୍ରେଲିଆନ୍ କୋଇଲା ଜବତ:ଜଣେ ଗିରଫ

**କଟକ, ନ୍ୟୁଜ୍ ବ୍ୟୁରୋ**

ଧାମରା-ଭଦ୍ରକ ରେଳ ଧାରଣାରୁ ଅଷ୍ଟ୍ରେଲିଆନ୍ କୋଇଲାର ଚୋରା କାରବାର ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ରେଳ ବିଭାଗ । ଖୋର୍ଦ୍ଧା ଡିଭିଜନ୍ ଆର୍‌ପିଏଫ୍ କ୍ରାଇମ୍‌ବ୍ରାଞ୍ଚ ଓ କଟକ ଆର୍‌ପିଏଫ୍ ମିଳିତ ଭାବେ ଜାତୀୟ ରାଜପଥର ନିର୍ଗୁଣ୍ଡିରେ ୨୦ ଟନ୍ ଅଷ୍ଟ୍ରେଲିଆନ୍ କୋଇଲା ବୋଝେଇ ଟ୍ରକ୍ ଜବତ କରିଛି । ଏହି କାରବାରରେ ଜଣେ ଟ୍ରକ୍ ଡ୍ରାଇଭର୍‌କୁ ଗିରଫ କରାଯାଇଛି । କୋଇଲା କାରବାର ପଛରେ ଥିବା ଯାଜପୁର ଜିଲ୍ଲା କୋରେଇର କାର୍ପିଟଦାର ଘରେ ବି ଚଢ଼ଉ କରାଯାଇଛି । ଧାମରା-ଭଦ୍ରକ ରେଳ ଜଙ୍କସନ୍‌ରୁ ଅଷ୍ଟ୍ରେଲିଆନ୍ କୋଇଲା ଚୋରି ସମ୍ପର୍କିତ ଖବର ଏକ ବିଶେଷ ସୂତ୍ରରୁ ମିଳିବା ପରେ ଏଭଳି ବଡ଼ ଧରଣର କୋଇଲା ଚୋରିର କଳା କାର୍‌ନାମା ପଛର ଗ୍ୟାଙ୍ଗ ଠାବ କରିବା ପାଇଁ ରେଳ ବିଭାଗର ଆର୍‌ପିଏଫ୍ କ୍ରାଇମ୍‌ବ୍ରାଞ୍ଚ ଓ କଟକ ଆର୍‌ପିଏଫ୍‌କୁ ନେଇ ଏକ ୧୦ ଜଣିଆ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା । ଏହି କାରବାର ପଛର ମାଫିଆଙ୍କୁ ଧରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା । ଯୋଜନା ମୁତାବକ ଗଲା ୩୦ ତାରିଖରେ ଧାମରା-ଭଦ୍ରକ ରେଳ ଧାରଣାରୁ କୋଇଲା ଏକ ଟ୍ରକ୍‌ରେ ବୋଝେଇ ହୋଇ କଟକ ଆଡ଼କୁ ଆସୁଥିବା ଖବର ମିଳିଥିଲା । ଏହି ଖବର ଆଧାରରେ ୧୬ ନମ୍ବର ଜାତୀୟ ରାଜପଥର ନିର୍ଗୁଣ୍ଡି ନିକଟରେ ଆର୍‌ପିଏଫ୍ ପକ୍ଷରୁ ଏହି ଟ୍ରକ୍‌କୁ ଜବତ କରାଯାଇଥିଲା । ସେଥିରେ ୨୦ ଟନ୍ ଅଷ୍ଟ୍ରେଲିଆନ୍ କୋଇଲା ଥିବା ଜଣାପଡ଼ିଥିଲା । କୋଇଲା ବୋଝେଇ କରି ଆସୁଥିବା ଟ୍ରକ୍ ଡ୍ରାଇଭର ସେକ୍ ଅଲ୍ଲୀ ବାବୁ(୩୦)କୁ ଗିରଫ କରାଯାଇଛି । ସେ ହେଉଛି ଯାଜପୁର ଜିଲ୍ଲା ଯାଜପୁର ଟାଉନ୍ ଅନ୍ତର୍ଗତ ନହରପୁର ଅଞ୍ଚଳର ବାସିନ୍ଦା । ଏହି ଟ୍ରକ୍‌ରେ ୩୦୦ ବସ୍ତା ଅଷ୍ଟ୍ରେଲିଆନ୍ କୋଇଲା ଠାବ କରାଯାଇଥିଲା । ତାକୁ ପଚରା ଉଚରା କରିବା ପରେ ସେ ଧାମରାରୁ ମାଲ୍‌ବାହୀ ଟ୍ରେନ୍‌ରେ ଆସୁଥିବା କୋଇଲା ଚୋରି କରିଥିବା ସ୍ୱୀକାର କରିଥିଲା । ଯାଜପୁର ଜିଲ୍ଲା କୋରେଇ ଅଞ୍ଚଳର ଜଣେ କୋଇଲା ମାଫିଆ ଏହି କାରବାରରେ ସମ୍ପୃକ୍ତ ରହିଛି । ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅନ୍ତର୍ଗତ ମଣିପୁର ଅଞ୍ଚଳରୁ ୩୦ ତାରିଖ ଭୋରୁ କୋଇଲା ବାବୁର ଟ୍ରକ୍‌ରେ ଲୋଡିଂ ହୋଇଥିଲା । ଲୋଡିଂ ପରେ ଏହି ଟ୍ରକ୍ ଅନୁଗୁଳ ଜିଲ୍ଲାକୁ ମଙ୍ଗୁଳି ଦେଇ ଯିବାକୁ ଯୋଜନା ହୋଇଥିଲା । ଯୋଜନା ମୁତାବକ ୩୦ ତାରିଖ ରାତି ପ୍ରାୟ ୮ଟା ବେଳେ ଏହି ଟ୍ରକ୍ ନିର୍ଗୁଣ୍ଡି ରାସ୍ତାରେ ଅତିକ୍ରମ କଲାବେଳେ ଆର୍‌ପିଏଫ୍ କ୍ରାଇମ୍‌ବ୍ରାଞ୍ଚ ଓ କଟକ ଆର୍‌ପିଏଫ୍ ଟିମ୍ ମିଳିତ ଭାବେ ଏହି ଟ୍ରକ୍‌କୁ କାବୁ କରିଥିଲେ । ବାବୁ ଟ୍ରକ୍‌କୁ ଡେଇଁ ଖସିଯାଉଥିବା ବେଳେ ତାକୁ ରାସ୍ତାରେ ଗୋଡ଼ାଇ କାବୁ କରିନିଆଯାଇଥିଲା । କୋରେଇର କାର୍ପିଟଦାର ଘରେ ଗୁରୁବାର ଆର୍‌ପିଏଫ୍ ଟିମ୍ ଚଢ଼ଉ କରିଥିଲା କିନ୍ତୁ ସେ ଆଗୁଆ ସୂଚନା ପାଇଯିବାରୁ ଘରୁ ଫେରାର ହୋଇଯାଇଛି । ତେବେ ଏହି କୋଇଲା କାରବାର ପଛରେ ଥିବା ବଡ଼ ଗ୍ୟାଙ୍ଗକୁ ଧରିବାକୁ ଉଭୟ ଆର୍‌ପିଏଫ୍ କ୍ରାଇମ୍‌ବ୍ରାଞ୍ଚ ଓ କଟକ ଆର୍‌ପିଏଫ୍ ଯୋଜନା ଚଳାଇଛି । ଅନ୍ୟପଟେ ଆର୍‌ପିଏଫ୍ ଏ ସଂକ୍ରାନ୍ତରେ ଏକ ମାମଲା (କେସ୍ ନଂ ୧୨) ରେଳବାଇ ସମ୍ପତ୍ତି (ବେଆଇନ୍ ଦଖଲ) ଆଇନ୍ ବଳରେ ରୁଜୁ କରିଛି । ଅଭିଯୁକ୍ତ ବାବୁକୁ ଗୁରୁବାର ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା । କଟକ ଆର୍‌ପିଏଫ୍ ଆଇଆଇସି ଅନିଲ ସିଂହ ସୂଚନା ଦେଇଛନ୍ତି ।

## ଶିଳ୍ପ ବିହୀନ ଶିଳ୍ପାଞ୍ଚଳ:ତାଲିମ୍ ନାହିଁ କି ନିଯୁକ୍ତି ନାହିଁ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ସହର ଉପକଣ୍ଠ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ । ଶିଳ୍ପାଞ୍ଚଳ ଠାରୁ ଅନତି ଦୂରରେ ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁର ପଲିଟେକନିକ୍ ଭଳି ଦୁଇଟି ଡ଼ିପ୍ଲୋମା କଲେଜ । ଆଉ ଟିକେ ଦୂରରେ ହଜାର ହଜାର ପିଲାଙ୍କୁ ଶିକ୍ଷାଦାନ ପାଇଁ ଶିଳ୍ପ ତାଲିମ୍ ଶିକ୍ଷାନୁଷ୍ଠାନ ରହିଛି । ପ୍ରତିବର୍ଷ ବହୁ ସଂଖ୍ୟକ ଆଇଟିଆଇ, ଡ଼ିପ୍ଲୋମା ଓ ଇଞ୍ଜିନିୟର ନିଯୁକ୍ତି ସନ୍ଧାନରେ ବାହାର ରାଜ୍ୟକୁ ଯାଉଛନ୍ତି । ଅଥଚ ବ୍ରହ୍ମପୁରର ପୁରାତନ ଶିଳ୍ପାଞ୍ଚଳରେ ସେମାନଙ୍କ ପାଇଁ ସୁଯୋଗଟିଏ ନାହିଁ ବୋଲି ଅଭିଯୋଗ ହେଉଛି । ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ପାଇଁ ଆଙ୍କୁଲି ସ୍ଥିତ ଶିଳ୍ପାଞ୍ଚଳରେ ସୁଯୋଗ ସୃଷ୍ଟି ହେବାକଥା । ମାତ୍ର ତାହା ଦେଖିବାକୁ ମିଳୁନି । କାରଣ ଏଠାରେ ଶିଳ୍ପ କମି କମି ଯାଉଛି । କୋଠା ରୁଗ୍ଣ ହୋଇଗଲାଣି । ଫ୍ୟାକ୍ଟ୍ରି ଉଦ୍ଦେଶ୍ୟରେ ଥିବା ଜମିରେ ଆବାସିକ କୋଠା ନିର୍ମାଣ କରାଗଲାଣି । ମୂଳ ମାଲିକ ସରକାରୀ ଜମି ହାତେଇ ସବ୍ ଲିଜ୍‌ରେ ଅନ୍ୟ ଜଣଙ୍କୁ ହସ୍ତାନ୍ତର କରିସାରିଲେଣି । ଏପରି ସ୍ଥଳେ ଏଠାରେ ଶିଳ୍ପ ଅଭିବୃଦ୍ଧିର ସମ୍ଭାବନା କ୍ଷୀଣ ହୋଇଗଲାଣି ବୋଲି ସ୍ଥାନୀୟ ବ୍ୟକ୍ତି ନିଜ ନାମକୁ ଗୋପନ ରଖି କହିଛନ୍ତି । ଓଡ଼ିଶାରେ ଶିଳ୍ପ ଅଭିବୃଦ୍ଧିର ପରିକଳ୍ପନା ହେବା ପରେ ବ୍ରହ୍ମପର ଆଙ୍କୁଲି ଅଞ୍ଚଳରେ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ପାଇଁ ଭିତିପ୍ରସ୍ତର ପଡ଼ିଲା । ୧୩,୧୩୮ ଏକର ଜମିରେ ଗଢ଼ି ଉଠିଲା ଛୋଟବଡ଼ ଶିଳ୍ପ । ପାରିପାର୍ଶ୍ୱିକ ଉନ୍ନତି ପରେ ୫୪ଟି ସେଡ୍ ଏହି ଶିଳ୍ପାଞ୍ଚଳରେ ନିର୍ମାଣ କରାଯାଇଛି । ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ହାତରେ ଥିବା ଏହି ଶିଳ୍ପାଞ୍ଚଳ ପରେ ଇଡ୍‌କୋ (ଶିଳ୍ପ ଉନ୍ନୟନ ନିଗମ)କୁ ହସ୍ତାନ୍ତର ହୋଇଥିଲା । ୫୪ଟି ସେଡ୍‌ରୁ ୫୩ଟି ସେଡ୍ ବିଭିନ୍ନ ଶିଳ୍ପାନୁଷ୍ଠାନକୁ ଆବଣ୍ଟନ ହୋଇଛି । ଇଡ୍‌କୋ ସୂଚନା ଅନୁସାରେ ସେଥିରୁ ୪୮ଟି ଶିଳ୍ପ ଏବେ କାର୍ଯ୍ୟକ୍ଷମ ରହିଛି । ଆଉ ୫ଟି ବିଭିନ୍ନ କାରଣରୁ ବନ୍ଦ ରହିଛି । ବନ୍ଦ ପଡ଼ିଥିବା ଶିଳ୍ପାନୁଷ୍ଠାନ ମାଲିକଙ୍କ ବିରୋଧରେ ଇଷ୍ଟେଟ୍ କୋର୍ଟରେ ମାମଲା ଚାଲିଛି । ଏହା ହେଉଛି ସରକାରୀ ସୂଚନା । ବାସ୍ତବ ଘଟଣା କିନ୍ତୁ ଅଲଗା । ଅନେକ ଶିଳ୍ପ ବନ୍ଦ ହୋଇଯାଇଛି । ପୂର୍ବରୁ ଏହି ଶିଳ୍ପାଞ୍ଚଳରେ ଥିବା ଷ୍ଟିଲ୍ ଫର୍ଣ୍ଣିଚର ଉଦ୍ୟୋଗ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, ଅଣୁବୀକ୍ଷଣ ଯନ୍ତ୍ର ତିଆରି କାରଖାନା, ପାୱାର ଲୁମ୍, ଔଷଧ ପ୍ରସ୍ତୁତି, ପାଇପ୍ ଉତ୍ପାଦନ କାରଖାନା ରହିଥିଲା । ସମୟକ୍ରମେ ଏସବୁ ବନ୍ଦ ହୋଇଯାଇଛି । ଏହା ସହିତ ଆହୁରି କେତେକ ମୂଳ ଶିଳ୍ପ ମଧ୍ୟ ବନ୍ଦ ହୋଇଯାଇଛି । ପ୍ରାୟ ୪ ରୁ ୫ଟି ସେଡ୍ ଆବାସିକ କମ୍ ଉଦ୍ୟୋଗ କରିଛନ୍ତି ଯାହାକି ବେଆଇନ୍ । ସେମାନଙ୍କୁ ମଧ୍ୟ ନୋଟିସ୍ କରାଯାଇଛି । ଆଉ କେତେକ ସେଡ୍ ସବ୍ ଲିଜ୍‌ରେ ଦିଆଯାଇଛି । ମୂଳ ମାଲିକ ମୋଟା ଅଙ୍କରେ ଜମିକୁ ହସ୍ତାନ୍ତର କରିସାରିଛନ୍ତି ବୋଲି ସୂଚନା ମିଳିଛି । ସେମାନଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ପାଇଁ ଇଡ୍‌କୋ ଉଦ୍ୟମ କରୁଛି । ଗୋଟିଏ ପଟେ ସହର ମଧ୍ୟରେ ଏତେ ବଡ଼ ଶିଳ୍ପାଞ୍ଚଳ ଥିଲେ ବି ଏଠାରେ ଆଇଟିଆଇ, ଡ଼ିପ୍ଲୋମା ଓ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇପାରୁନି । ଅଳ୍ପ ଦୂରରେ ଥିବା ଉପରୋକ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ନିଯୁକ୍ତି ପାଇଁ ରାଜ୍ୟ ବାହାର ଶିଳ୍ପସଂସ୍ଥା ଉପରେ ନିର୍ଭର କରୁଛନ୍ତି । ଏ ବାବଦରେ ଆଇଟିଆଇ ଅଧ୍ୟକ୍ଷ ଡ଼. ରଜତ୍ ପାଣିଗ୍ରାହୀ କହିଛନ୍ତି ଶିଳ୍ପାଞ୍ଚଳ ସକ୍ରିୟ ଥିଲେ ଏବଂ ସେଠାକାର ଶିଳ୍ପସଂସ୍ଥା କାର୍ଯ୍ୟକ୍ଷମ ଥିଲେ ନିକଟସ୍ଥ ଶିଳ୍ପ ତାଲିମ୍ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀଙ୍କୁ ଆପ୍ରେଂଟିସପ୍ ଭାବେ ସୁଯୋଗ ଦେବାକଥା । ଏହା ସରକାରୀ ନିୟମ ରହିଛି । ମାତ୍ର ଆଙ୍କୁଲି ଶିଳ୍ପାଞ୍ଚଳରେ ଜଣେ ହେଲେ ଆଇଟିଆଇ ଛାତ୍ର କିମ୍ବା ଛାତ୍ରୀ ସୁଯୋଗ ପାଇନାହାନ୍ତି ବୋଲି ସେ କହିଛନ୍ତି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୪।୮।୨୦୨୪, ଶ୍ରାବଣ ଦି୨୦ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୨୩।୩୨** **ଚନ୍ଦ୍ରୋଦୟ- ନାସ୍ତି**

**ଅମାବାସ୍ୟା**- ଦିଘ ୪।୪୩ ପର୍ଯ୍ୟନ୍ତ । **ପୁଷ୍ୟା ନକ୍ଷତ୍ର** - ଦିଘ ୧।୨୭ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର**- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି**- ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର, କୁମ୍ଭ ଓ ମୀନ ରାଶିର । ଦିଘ ୪।୪୩ ଗତେ ବିଛା ରାଶିର । **ଘାତ ଚନ୍ଦ୍ର**- ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ**- ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ଆମିଷ ଦିଘ ୪।୪୩ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୫।୨୭ ଗତେ ଘ ୯।୪୪ ମଧ୍ୟେ । ଦିଘ ୧।୨୮ ଗତେ ଘ ୨।୦୧ ମଧ୍ୟେ । **ପର୍ବୋତ୍ସବ**- ଚିତାଲାଗି ଅମାବାସ୍ୟା, କରତୋୟା ସ୍ନାନ ଯୋଗ ।



**ମେଷ:** ଚାକିରି କ୍ଷେତ୍ରରେ କାର୍ଯ୍ୟରେ ପ୍ରତିରୋଧର ସମ୍ମୁଖୀନ ହେବେ । ଶତ୍ରୁମାନଙ୍କର ଅନେକ ଚେଷ୍ଟା ସତ୍ତ୍ୱେ ବି ସେମାନେ କିଛି କରିପାରିବେନାହିଁ । ପାରିବାରିକ ଜୀବନ ସୁଖମୟ ହୋଇପାରିବ ।



**ବୃଷ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳ ହେବ । ବନ୍ଧୁଙ୍କ ସହ ଆମୋଦ ପ୍ରମୋଦରେ ଦିନଟି କଟିବ । ଯାନବାହାନ କ୍ରୟ କରିପାରନ୍ତି । ରୋଜଗାର ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ ।



**ମିଥୁନ:** ବ୍ୟବସାୟ ମଧ୍ୟମ ଧରଣର ହେବ । ଏଣୁ ରୋଜଗାରର ମାତ୍ରା କମିଯିବ । ମହିଳାମାନେ ସ୍ୱାର୍ଥପର ହେବେ । ଦେହ ଓ ମନ ଭଲ ରହିବ । ଗୃହେ ସୁଖ ଓ ଆନନ୍ଦର ଲହରୀ ଖେଳିବ ।



**କର୍କଟ:** କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ । ଉତ୍ତମ ଭୋଜନ ମଧ୍ୟ କରିପାରନ୍ତି । ପାରିବାରିକ ସୁଖ ସମ୍ମାନ ଲାଭ ହେବ । ରୋଜଗାର ମଧ୍ୟମ ଧରଣର ହେବ ।



**ସିଂହ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟରେ ବାଧା ଦେଖାଦେବ । ପୁରାତନ ରୋଗରୁ ସାମାନ୍ୟ ଉପଶମ ମିଳିପାରେ । ପାରିବାରିକ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ । ବ୍ୟୟର ପରିମାଣ ଅଧିକ ହେବ ।



**କନ୍ୟା:** ରୋଜଗାରର ପରିମାଣ ବଢ଼ିବ । ଶୁଭ କାର୍ଯ୍ୟ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି । ନୂତନ ଦାୟିତ୍ୱ ହାତକୁ ନେଇ କାର୍ଯ୍ୟ କରିପାରନ୍ତି । ମାଲିମୋକଦ୍ଦମା କ୍ଷେତ୍ରରେ ସଫଳତା ହାସଲ ହୋଇପାରେ ।



**ତୁଳା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବ । ଅସୁସ୍ଥତାରୁ ଆରୋଗ୍ୟ ଲାଭ କରିବେ । ଆୟରେ ଉନ୍ନତି ଦେଖାଦେବ । ପରିବାରରେ ଆନନ୍ଦ ଅକ୍ଷୁର୍ଣ୍ଣ ରହିବ । ଲୋକପ୍ରିୟତା ବୃଦ୍ଧି ପାଇବ ।



**ବିଛା:** ପରଉପକାର କରି ଆନନ୍ଦିତ ହେବେ । ଯାନବାହାନ ଆଦି କ୍ରୟ କରିପାରନ୍ତି । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇବେ । ପରିବାରରେ ସୁଖ ଶାନ୍ତି ଅବ୍ୟାହତ ରହିବ। ରୋଜଗାର ଭଲ ହେବ ।



**ଧନୁ:** ଚାକିରୀ କ୍ଷେତ୍ରରେ ସମ୍ମାନ ଲାଭ ଓ ପଦ ମର୍ଯ୍ୟାଦା ବୃଦ୍ଧି ହେବ । ଦେହ ଓ ମନ ଭଲ ରହିବ । ମହିଳାମାନେ ଆନନ୍ଦମନା ହେବେ । ରେଜଗାର ସ୍ଥିର ରହିବ । ପାରିବାରିକ ଜୀବନ ସୁଖମୟ ହେବ ।



**ମକର:** କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ । ପାରିବାରିକ ଜୀବନରେ ଆନନ୍ଦ ଦେଖାଦେବ । ସାମାଜିକ ସ୍ତରରେ ସମ୍ମାନିତ ହେବେ । ଶତ୍ରୁ ନାଶ ହୋଇପାରେ । ବ୍ୟୟ ସାମାନ୍ୟ ବଢ଼ିବାର ସୂଚନା ।



**କୁମ୍ଭ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ବିଭିନ୍ନ କ୍ଷେତ୍ରରେ ବିଜୟୀ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଶାନ୍ତି ଲାଭ କରିବେ ।



**ମୀନ:** ବିଚାର ବିମର୍ଷ ହୋଇ କାର୍ଯ୍ୟ କରିବା ଭଲ । ରୋଗରୁ ଆରୋଗ୍ୟ ଲାଭ କରିବେ । ବିବାଦୀୟ ଘଟଣା ଠାରୁ ଦୂରେଇ ରହିବା ଭଲ । ପରିବାରରେ ଆନନ୍ଦର ଲହରୀ ଖେଳିବାର ସୂଚନା ।

## ଭୁବନେଶ୍ୱରରୁ ଦୁର୍ଗାପୁର ଉଡ଼ିବ ବିମାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଅଗଷ୍ଟ ୩୦ରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ପଶ୍ଚିମବଙ୍ଗ ଦୁର୍ଗାପୁରକୁ ବିମାନ ଉଡାଣ କରିବ । ପ୍ରତିଦିନ ଭୁବନେଶ୍ୱରରୁ ଇଣ୍ଡିଗୋ ବିମାନ ଉଡାଣ କରିବ । ପୂର୍ବାହ୍ନ ୧୧ଟା ୧୫ମିନିଟ୍ ସମୟରେ ଭୁବନେଶ୍ୱର ବିମାନ ବନ୍ଦରରୁ ଇଣ୍ଡିଗୋ ବିମାନ ଉଡ଼ାଣ ଆରମ୍ଭ କରି ଦୁର୍ଗାପୁରରେ ଅପରାହ୍ନ ୧୨ଟା ୫୫ ମିନିଟ୍‌ରେ ପହଞ୍ଚିବ ସେହିପରି ଦୁର୍ଗାପୁରରୁ ଅପରାହ୍ନ ୪ଟା ୩୫ ମିନିଟ୍‌ରେ ବିମାନ ଉଡାଣ ଆରମ୍ଭ କରିବାକୁଥିବାବେଳେ ସନ୍ଧ୍ୟା ୬ଟା ୧୫ ମିନିଟ୍‌ରେ ଭୁବନେଶ୍ୱର ବିମାନ ବନ୍ଦରରେ ଅବତରଣ କରିବ । ଏଥିସହିତ ସପ୍ତାହ ଚାରିଦିନ ଭୁବନେଶ୍ୱରରୁ ବାଗଡୋଗରା ଏବଂ ସପ୍ତାହ ତିନିଦିନ ଭୁବନେଶ୍ୱରରୁ ଗୌହାଟୀକୁ ବିମାନ ଉଡ଼ାଣ କରିବ । ଏନେଇ ଦୁର୍ଗାପୁର ବିମାନ ବନ୍ଦର ନିର୍ଦ୍ଦେଶକ କୈଳାସ ମଣ୍ଡଳ ସୂଚନା ଦେଇଛନ୍ତି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୫।୮।୨୦୨୪, ଶ୍ରାବଣ ଦି୨୧ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୨୩।୫୨** **ଚନ୍ଦ୍ରୋଦୟ- ପ୍ରାଘ ୫।୫୫।୧୩**

**ପ୍ରତିପଦ**- ସଂଘ ୬।୦୪ ପର୍ଯ୍ୟନ୍ତ । **ଅଶ୍ଲେଷା ନକ୍ଷତ୍ର ଓ କର୍କଟ ଚନ୍ଦ୍ର** - ଦିଘ ୩।୨୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି**- ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ଦିଘ ୩।୨୧ ଗତେ ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର**- ଦିଘ ୩।୨୧ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ**- ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ପାଣିକଖାରୁ ସଂଘ ୬।୦୪ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୫।୨୮ ଗତେ ଘ ୭।୦୩ ମଧ୍ୟେ । ଦିଘ ୧୦।୩୫ ଗତେ ଘ ୧।୦୯ ମଧ୍ୟେ । **ପର୍ବୋତ୍ସବ**- ପଣ୍ଡିତ ନୀଳକଣ୍ଠ ଦାଶ ଜୟନ୍ତୀ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଗହମ ଉତ୍ପାଦନ ସାମାନ୍ୟ ୧.୩ ପ୍ରତିଶତ ବୃଦ୍ଧି ପାଇବ

ଆଠ ବର୍ଷ ପରେ ପ୍ରଥମ ଥର ଲାଗି ଦେଶରେ ଚାଉଳ ଉତ୍ପାଦନ ହ୍ରାସ ହେବା ଭଳି ସ୍ଥିତି ସୃଷ୍ଟି ହୋଇଛି। ୨୦୨୩-୨୪ରେ ହାରାହାରି ବୃଷ୍ଟିପାତ ସ୍ୱାଭାବିକ ଠାରୁ କମ୍ ରହିବା କାରଣରୁ ଧାନ ଚାଷ ପ୍ରଭାବିତ ହୋଇଛି। କିନ୍ତୁ ଗହମ ଚାଷ ସେଭଳି ପ୍ରଭାବିତ ହୋଇନାହିଁ। ସେଥିପାଇଁ ଗହମ ଉତ୍ପାଦନ ସାମାନ୍ୟ ୧.୩ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଦେଶ ଭିତରେ ଚାଉଳ ଦରବୃଦ୍ଧିକୁ ଦୃଷ୍ଟିରେ ରଖି ଗତ ଜୁଲାଇରେ ସରକାର ଚାଉଳ ରପ୍ତାନି ଉପରେ କଟକଣା ଲଗାଇଛନ୍ତି। ଏଭଳି ସ୍ଥଳେ ଭାରତ ଚାଉଳ ଉପରେ ନିର୍ଭରଶୀଳ ଥିବା ଦେଶଗୁଡ଼ିକର ସମସ୍ୟା ବଢ଼ିଯାଇଛି। ଚଳିତ ବର୍ଷର ଚାଉଳ ଉତ୍ପାଦନ ଯଦି ଆହୁରି କମ୍ ରହିବ ତେବେ ବିଶ୍ୱ ବଜାରରେ ଚାଉଳ ଦାମ୍ ବେଲଗାମ ହୋଇପଡ଼ିବା ଆଶଙ୍କା ଦେଖାଦେଇଛି। କୃଷି ଓ କୃଷକ ମନ୍ତ୍ରଣାଳୟ ଆକଳନ ଅନୁସାରେ ଜୁନ୍ ସୁଦ୍ଧା ଚାଉଳ ଉତ୍ପାଦନ ୧୨୩.୮ ନିୟୁତ ଟନ୍‌କୁ ହ୍ରାସ ପାଇବ। ସେହି ସମୟରେ ଗହମ ଉତ୍ପାଦନ ୧୧୨ ନିୟୁତ ଟନ୍‌ରେ ପହଞ୍ଚିବ। ଚଳିତ ବର୍ଷ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ଚାଉଳ ଉତ୍ପାଦନରେ ହ୍ରାସ ଦରବୃଦ୍ଧିର କାରଣ ହୋଇପାରେ ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ପାଇଁ ମୁଣ୍ଡବ୍ୟଥାର କାରଣ ହେବ। ଦେଶ ଭିତରେ ଚାଉଳ ଦାମ୍‌କୁ ନିୟନ୍ତ୍ରଣରେ ରଖିବା ଉପରେ ସରକାରଙ୍କୁ ଧ୍ୟାନ ଦେବାକୁ ପଡ଼ିବ। ବିଶ୍ୱ ବଜାର ପାଇଁ ଆଉ ଏକ ସମସ୍ୟା ହେଉଛି ଅନ୍ୟ ପ୍ରମୁଖ ଚାଉଳ ଉତ୍ପାଦନକାରୀ ରାଷ୍ଟ୍ର ଯଥା ଥାଇଲ୍ୟାଣ୍ଡ, ଭିଏତନାମ, ପାକିସ୍ତାନ ଓ ମ୍ୟାମାରରେ ମଧ୍ୟ ମହଜୁଦ ଥିବା ଚାଉଳ ପରିମାଣ କମ୍ ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ (୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ (୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)
କେ ରାମ ଭଜୁଛି ବେସି
କଳିଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି ପଢି
ଭାଗବତ (୧୬୨)
କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

(କ୍ରମଶଃ)

# ଓଡିଆ ସଂସ୍କୃତିରେ ଚିତାଲାଗି ଅମାବାସ୍ୟା


ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ଭଗବାନ ଶିବଙ୍କ ପ୍ରିୟ ମାସ ଶ୍ରାବଣରେ ପଡୁଥିବା ଅମାବାସ୍ୟାକୁ ଚିତାଲାଗି ବା ଚିତୋଉ ଅମାବାସ୍ୟା କୁହାଯାଏ । ଏହା ଓଡିଶାରେ ପାଳିତ ହେଉଥିବା ଏକ ଗଣପର୍ବ । ଚିତାଲାଗି ଅମାବାସ୍ୟାରେ ପ୍ରତି ଓଡିଆ ଘରେ ଚିତୋଉ ପିଠା ପ୍ରସ୍ତୁତ ହେବାର ପରମ୍ପରା ରହିଛି । ଏଣ୍ଡୁରୀ, ଚକୁଳି, ମଣ୍ଡା ପରି ଚିତୋଉ ଏକ ସ୍ୱତନ୍ତ୍ର ଧରଣର ପିଠା । ଅନ୍ୟ ପିଠା ଓଲଟାଇ ପ୍ରସ୍ତୁତ କରାଯାଉଥିବା ବେଳେ ଏହାକୁ ଓଲଟା ଯାଇନଥାଏ । ତେଣୁ ଏହାକୁ ଅଣଲେଉଟା ପିଠା କୁହାଯାଏ । ଗୃହିଣୀମାନେ ଅରୁଆ ଚାଉଳ ଓ ନଡିଆକୁ ଚିକ୍କଣ କରି ବାଟି ଏଥିରେ ଛେନା, ଗୁଡ, କଦଳୀ ମିଶାଇ ପିଠା ପ୍ରସ୍ତୁତ କରିଥାନ୍ତି । ପଲମରେ ପିଠୋଉ ଦିଆଯାଇ ସରା ଢାଙ୍କି ଦିଆଯାଏ । ସରା ଚାରି ପାଖରେ ଖଣ୍ଡେ ଓଦା କନା ଘୋଡାଇ ଦିଆଯାଏ। ଫଳରେ ପିଠା ପୋଡିବାର ଭୟ ନଥାଏ ଓ ଭଲ ସିଝେ । ଜଗନ୍ନାଥଙ୍କ ନିକଟରେ ଏହି ଚିତୋଉ ପିଠା ଚିତାଲାଗି ଅମାବାସ୍ୟା ଦିନ ଲାଗି କରାଯାଏ । ଗାଁଗଣ୍ଡାମାନଙ୍କରେ ଏହି ପର୍ବକୁ କୃଷିଭିତ୍ତିକ ପର୍ବ ଭାବେ ପାଳନ କରାଯାଏ । ଏହି ଅମାବାସ୍ୟା ବେଳକୁ କ୍ଷେତବାଡିରେ ବେଉଷଣ କାର୍ଯ୍ୟ ଚାଲିଥାଏ । ଫସଲ ଉତ୍ପାଦନ କିପରି ଭଲ ହେବ ସେଥିପାଇଁ ଚାଷୀଭାଇମାନେ ବଡି ଭୋରରୁ ଗାଧୁଆପାଧୁଆ ସାରି ସାଙ୍ଗରେ ଚିତଉ ପିଠା, କ୍ଷୀର ଓ ଫୁଲ ନେଇ ବିଲକୁ ଯାଆନ୍ତି । ବିଲରେ ପୂଜା ଅର୍ଘ୍ୟ ଦେଇ ପୂଜା ସାରି ଚିତୋଉ ପିଠାକୁ ବିଲରେ ପୋତି ଦେଇ ଆସନ୍ତି । ଚାଷୀର ବିଶ୍ୱାସ ଯେ ଏଭଳି କଲେ ଫସଲ ସୁରକ୍ଷିତ ରହେ ଓ ଅମଳ ଅଧିକ ହୋଇଥାଏ । ଆଦିବାସୀମାନେ ଭୟଙ୍କର ପଶୁ ଓ ସାପରୁ ରକ୍ଷା ପାଇବା ପାଇଁ ଏହି ପୂଜା କରନ୍ତି । ସାଧାରଣତଃ ଚାଷୀମାନେ ବର୍ଷା ଋତୁରେ ଚାଷ କରିବା ସମୟରେ ବିଲରେ ଗେଣ୍ଡା ଯୋଗୁଁ ଗୋଡ କଟିଯାଇ କ୍ଷତ ସୃଷ୍ଟି ହୋଇଥାଏ । ଏଥିରୁ ରକ୍ଷା ପାଇବା ପାଇଁ ଚିତୋଉ ପିଠାକୁ ସାରୁ ପତ୍ରରେ ରଖି ଗେଣ୍ଡାଙ୍କ ଉଦ୍ଦେଶ୍ୟରେ ଜଳାଶୟମାନଙ୍କରେ ଭସାଇଥାନ୍ତି ବା ତା ମଧ୍ୟକୁ ଫିଙ୍ଗିଥାନ୍ତି । ସେଥିପାଇଁ ଏହା ଗେଣ୍ଡାକଟା ଅମାବାସ୍ୟା ବା ଗେଣ୍ଡଇଶୁଣୀ ଓଷା ନାମରେ ପରିଚିତ । କଥାରେ ଅଛି- ଶ୍ରାବଣ ମାସରେ ଚିତୋଉ ଯେ ଲାଗି, ଗାଡିଆରେ ସବୁ ଦେଲେ ଫୋପାଡି । ବ୍ରାହ୍ମଣ ଶାସନରେ ପ୍ରତ୍ୟେକ ଘରେ ଚିତୋଉ ପିଠା ଓ କ୍ଷିରୀ ଭୋଗ ଘରର ଇଷ୍ଟ ଦେବତାଙ୍କୁ ଲାଗି କରାଯାଇଥାଏ । ଚିତୋଉ ଅମାବାସ୍ୟା ବେଳକୁ ନଈବଢି ଆସିଥାଏ । ଆକାଶ ଶୁଖିଲା ଥିଲେ ବି ଚିତୋଉ ବେଳକୁ ବର୍ଷା ହୁଏ ଓ ନଈରେ ପାଣି ଆସେ । ଗୃହିଣୀମାନେ ଚିତୋଉ ପିଠା ନେଇ ନଦୀରେ ଭସାଇଥାନ୍ତି । ଚିତୋଉ ଅମାବାସ୍ୟା ସମୟରେ ଯେଉଁ ନଦୀ ବଢି ହୁଏ ତାକୁ ଗାଁମାନଙ୍କରେ ଚିତୋଉ ବଢି କହନ୍ତି । ଚିତୋଉ ଖାଇବା ପାଇଁ ଜଳ ଦେବତା ଆସନ୍ତି ବୋଲି ଲୋକ ବିଶ୍ୱାସ ରହିଛି । ଚିତୋଉ ପିଠାରେ ଚାଉଳ ଓ ନଡିଆକୁ ବାଟି ତିଆରି କରାଯାଉଥିବାରୁ ଏଥିରେ ସ୍ନେହସାର ପରିମାଣ ଅଧିକ ଥାଏ । ତେଣୁ ଏହି ପିଠା ଶରୀର ପାଇଁ ଉପଯୋଗୀ ।

ଚିତାଲାଗି ଅମାବାସ୍ୟା ଉତ୍କଳର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ସହ ଜଡିତ । ଶ୍ରୀମନ୍ଦିରରେ ତିନି ଠାକୁର ଏହି ପବିତ୍ର ତିଥିରେ ରତ୍ନଚିତା ଧାରଣ କରିଥାନ୍ତି । ନିରାପତ୍ତା ଦୃଷ୍ଟିରୁ ଦେବସ୍ନାନ ପୂର୍ଣ୍ଣମା ଦିନ ତିନି ଠାକୁରଙ୍କ ସୁବର୍ଣ୍ଣ ଚିତା ଓଲାଗି କରାଯାଇଥାଏ । ଶ୍ରୀଗୁଣ୍ଡିଚାରେ ରଥରେ ତିନି ଠାକୁର ସୋଲ ଚିତା ଧାରଣ କରିଥାନ୍ତି । ରଥଯାତ୍ରା ପରେ ଠାକୁରଙ୍କୁ ନୀଳାଦ୍ରୀ ବିଜେ ପରେ ଚିତାଲାଗି ଅମାବାସ୍ୟା ଦିନ ସୋଲ ଚିତା ଓଲାଗି ହୁଏ ଓ ଏହି ଚିତା ପୁନଃ ଲାଗି କରାଯାଇଥାଏ । ସାଧାରଣ ଭାବେ ଜଗନ୍ନାଥଙ୍କ ଚିତାକୁ ଧଳା ହିରା ଖଚିତ ରତ୍ନ ଚିତା,ଶ୍ରୀବଳଭଦ୍ରଙ୍କ ଚିତାକୁ ନୀଳା ଖଚିତ ରତ୍ନ ଚିତା ଓ ଦେବୀ ସୁଭଦ୍ରାଙ୍କ ଚିତାକୁ ପାନ୍ନା ଖଚିତ ରତ୍ନ ଚିତା କୁହାଯାଏ । ଏହି ଚିତା ସବୁକୁ ଭଣ୍ଡାର ଘରୁ ଅଣାଯାଇ ଦେଉଳ କରଣ, ତଡଉ କରଣ ଓ ଶ୍ରୀମନ୍ଦିର ପ୍ରଶାସନର ପଦାଧିକାରୀଙ୍କ ଉପସ୍ଥିତିରେ ବଣିଆ ସେବକଙ୍କ ଦ୍ୱାରା ସଫା କରାଯାଏ । ପରମ୍ପରା ଏବଂ ବିଧି ମୁତାବକ ପତିମହାପାତ୍ର ସେବାୟତ ଏହି ଚିତାକୁ ସଂସ୍କାର କରିବା ପରେ ଦଇତାପତି ସେବାୟତ ଶ୍ରୀବିଗ୍ରହଙ୍କ ମସ୍ତକରେ ପରିଧାନ କରାଇଥାନ୍ତି । ଚିତାଲାଗି ଅମାବାସ୍ୟା ଦିନ ଶ୍ରୀମନ୍ଦିରରେ ଭୋଗ ମଣ୍ଡପରେ ପୁଷ୍ପାଳକ ସେବକ ତିନି ବାଡରେ ମଇଲମ କରନ୍ତି । ଏହାପରେ ରତ୍ନ ସିହାଂସନରୁ ଶ୍ରୀଦେବୀ ଓ ଭୂଦେବୀଙ୍କୁ ହାତରେ ନେଇ ଖଟ ଶେଜରେ ବିଜେ କରାଇଥାନ୍ତି । ଦଇତାପତିମାନେ ରତ୍ନ ସିଂହାସନକୁ ଯାଇ ତିନି ବାଡରେ ରତ୍ନଚିତା ଲାଗି କରାଇଥାନ୍ତି । ଶୁଦ୍ଧ ସୁଆରଙ୍କ ଘରୁ ଆସିଥିବା ଓଷ ଓ ପାଟରା ସେବକଙ୍କ ଠାରୁ ଆସିଥିବା ପାଟ ଡୋର ଦ୍ୱାରା ତିନି ଠାକୁରଙ୍କ ଶ୍ରୀମୁଖରେ ରତ୍ନଚିତା ଲାଗି କରିଯାଏ । ଦୁର୍ମୂଲ୍ୟ ପଥରଖଚିତ ଚିତା ସବୁ ଆସନ୍ତା ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଠାକୁରମାନଙ୍କର ଶୋଭା ବର୍ଦ୍ଧନ କରିଥାଏ । ମହାପ୍ରଭୁଙ୍କ ସପ୍ତାବରଣରୁ ଏହା ହେଉଛି ଷଷ୍ଠାବରଣ । ଶେଷ ଆବରଣ ତଥା ରାହୁରେଖା ଠାକୁରଙ୍କ ଶ୍ରୀଅଙ୍ଗରେ ରେଖା ପଞ୍ଚମୀ ତିଥିରେ ଲାଗି ହୁଏ । ଠାକୁରମାନଙ୍କ ତ୍ରିମୂର୍ତ୍ତି ଅଳଙ୍କାର ଲାଗି ପରେ ମହାସ୍ନାନ, କର୍ପୂର ଆଳତି, ମଙ୍ଗଳ ଆଳତି ଓ ବନ୍ଦାପନା ଆଦି କାର୍ଯ୍ୟ ହୋଇଥାଏ । ସରିବା ପରେ ତିନି ବାଡରେ ଚିତୋଉ ପିଠାର ଡାଡ ଭୋଗ ଲାଗି ହୋଇଥାଏ ।

ତ୍ରୟୋଦଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ଏହି ପର୍ବ ଶ୍ରୀମନ୍ଦିରରେ ପାଳିତ ହୋଇ ଆସୁଛି । ଗଙ୍ଗବଂଶୀ ରାଜାମାନେ କଳିଙ୍ଗକୁ ଶାସନ କରିବା ସମୟରେ ଶାସନ କରିବା ସମୟରେ ଶ୍ରୀଜଗନ୍ନାଥଙ୍କ ସେବାପୂଜାରେ ରାଜକୀୟ ଆଡମ୍ବର ପରିଲକ୍ଷିତ ହୋଇଥିଲା । ସେମାନେ ଶ୍ରୀଜଗନ୍ନାଥଙ୍କୁ କଳିଙ୍ଗ ସାମ୍ରାଜ୍ୟର ଅଧିଶ୍ୱର ରୂପେ ସ୍ୱୀକାର କରିଥିଲେ ଏବଂ ଶ୍ରୀମନ୍ଦିରରେ କେତେକ ପର୍ବର ପ୍ରଚଳନ କରାଇଥିଲେ । ତନ୍ମଧ୍ୟରୁ ଏହି ଚିତାଲାଗି ଅମାବାସ୍ୟା ଅନ୍ୟତମ । ଇତିହାସ ପୃଷ୍ଠାରୁ ଜଣାଯାଏ ଯେ ରକ୍ତବାହୁ ଆକ୍ରମଣ ସମୟରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସୁବର୍ଣ୍ଣପୁରରେ ପାତାଳୀ କରି ରଖାଯାଇଥିଲା । ଆଦି ଶଙ୍କରାଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଯଯାତୀ କେଶରୀ ଶ୍ରୀଜଗନ୍ନାଥଙ୍କୁ ସେଠାରୁ ଆଣି ଶ୍ରୀମନ୍ଦିର ରତ୍ନବେଦୀରେ ପଟ୍ଟାଭିଷେକ କରାଇଥିଲେ ଏବଂ ଏହି ରତ୍ନଖଚିତ ସୁବର୍ଣ୍ଣ ଚିତା ଲାଗି କରାଇଥିଲେ । ସେହିଦିନ ଠାରୁ ଓଡିଶାର ପୁରପଲ୍ଲୀରେ ଶ୍ରାବଣ ମାସ ଅମାବାସ୍ୟା ଚିତାଲାଗି ଅମାବାସ୍ୟା ନାମରେ ପରିଚିତ ହୋଇଛି । ଚିତାଲାଗି ଅମାବାସ୍ୟା ଠାରୁ ପର୍ବପର୍ବାଣୀ ଆରମ୍ଭ ହୋଇଥାଏ ।

# ଅଗ୍ନିକନ୍ୟା ନନ୍ଦିନୀ ଶତପଥୀ


ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

୧୯୩୧ ମସିହା ଜୁନ୍ ୯ ତାରିଖରୁ ୨୦୦୬ ମସିହା ଅଗଷ୍ଟ ୪ ତାରିଖ- ଏହାହିଁ ଥିଲା ଦୀର୍ଘ ୭୫ ବର୍ଷର ଜୀବନଯାତ୍ରା । ସାହିତ୍ୟ ହେଉ ଅଥବା ରାଜନୀତି ସବୁଠି ଥିଲା ତାଙ୍କର ପ୍ରତିଭାର ସ୍ୱାକ୍ଷର । ଏପରି ବିରଳ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱର ଅଧିକାରିଣୀ ଥିଲେ ମାଟିର ମହାନାୟିକା ଓ ଅଗ୍ନିକନ୍ୟା ନନ୍ଦିନୀ ଦେବୀ । ଏ ଦିଗରେ ପିତା ସବୁଜ ଯୁଗର ସ୍ରଷ୍ଟା କାଳିନ୍ଦୀଚରଣ ପାଣିଗ୍ରାହୀ ଓ ସାମ୍ୟବାଦର ଉଦ୍‌ଗାତା କକା ଭଗବତୀଚରଣ ପାଣିଗ୍ରାହୀଙ୍କ ଜୀବନାଦର୍ଶ ତାଙ୍କୁ ବହୁ ଭାବରେ ପ୍ରଭାବିତ କରିଥିଲା। ସେହି ଆଦର୍ଶକୁ ପାଥେୟ କରି ସେ ଜାତୀୟସ୍ତରରେ ଜଣେ ଆଗଧାଡିର ନାରୀନେତ୍ରୀ ରୂପେ ନିଜକୁ ପ୍ରତିଷ୍ଠିତ କରିବା ସହ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥିଲେ । ଯିଏ ନିଜକୁ ମହିଳା ନୁହେଁ କେବଳ ଜଣେ ମଣିଷ ବୋଲି ଭାବୁଥିଲେ। ଏହା ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ।

ନନ୍ଦିନୀ ଶତପଥୀ ଏକାଧାରରେ ଥିଲେ ଜଣେ ରାଷ୍ଟ୍ରନୀତିଜ୍ଞା, ସୁସାହିତ୍ୟିକା, ସୁଶାସିକା, ଦୀନଦୁଃଖୀ ଦରିଦ୍ରଙ୍କ ଦରଦୀ ନେତ୍ରୀ, ତଥା ଶିକ୍ଷା, କୃଷି ଓ ଶିଳ୍ପାୟନର ମୁଖ୍ୟ ବିଧାତ୍ରୀ । ବାଲ୍ୟକାଳରୁ ଲଢିବା ଥିଲା ତାଙ୍କ ରକ୍ତରେ । ବ୍ରିଟିଶ ଶାସନ ବିରୋଧରେ ହେଉ କି ଅନ୍ୟାୟ ବିରୋଧରେ, ବନ୍ୟା, ବାତ୍ୟା, ମରୁଡ଼ି ହେଉକି ଛାତ୍ରମାନଙ୍କ ହକ୍ ପାଇଁ- ସବୁଠି ଶୁଭୁଥିଲା ତାଙ୍କ ସ୍ୱର। ଯେଇଁଥିପାଇଁ ତାଙ୍କ ସମସାମୟିକ ଛାତ୍ରୀଛାତ୍ରମାନେ କହୁଥିଲେ - 'ଦୁର୍ଗା ଆସିଗଲେ'। ଜୀବନରେ ପରାଜୟ କ'ଣ ସେ କେବେ ଜାଣି ନଥିଲେ । ଆଉ ଥରେ ସେ ଯେଉଁ କାମରେ ହାତ ଦେଉଥିଲେ ତାହାକୁ ପୂରଣ କରିବା ପର୍ଯ୍ୟନ୍ତ ନିଷ୍ଠାପର ଉଦ୍ୟମ କରୁଥିଲେ ଓ ସେଥିରୁ କେହି ତାଙ୍କୁ ନିବୃତ୍ତ କରିପାରୁନଥିଲେ । ପରାଜୟ କ'ଣ ଜାଣିନଥିବା ନନ୍ଦିନୀ ଦେବୀ କହୁଥିଲେ- "ମୁଁ ବିଜୟୀ ହେବାକୁ ଆଖି ଆଗରେ ରଖି କୌଣସି କଥାରେ ଲଢେ ନାହିଁ । ମୁଁ କେଉଁ କଥା ପାଇଁ ଲଢିବାକୁ ନିଷ୍ପତ୍ତି ନିଏ ତାକୁ ହିଁ ଗୁରୁତ୍ୱ ଦେଇଥାଏ ।" ସବୁବେଳେ ସେ ଗୋଟିଏ କଥା ମନେ ରଖିଥିଲେ, ତାହା ହେଉଛି ତାଙ୍କ ପିତାଙ୍କ ସେହି କାଳଜୟୀ କବିତା ପଂକ୍ତି-"ଅକ୍ଷୟ ହେଉ ପୁଣ୍ୟ ଜଗତେ, ଧର୍ମର ହେଉ ଜୟ ।'' ନନ୍ଦିନୀ ଦେବୀଙ୍କର ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ ଥିଲା । ୧୯୬୨ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ପ୍ରାୟ ଚାରିଦଶନ୍ଧି ଧରି ସେ ଓଡିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୬୨ ମସିହାରେ ପ୍ରଥମେ ରାଜ୍ୟସଭାରେ ପାଦଦେଇ ସେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୧୯୬୬ ରୁ ୧୯୬୮ ମସିହା ପର୍ଯ୍ୟନ୍ତ କେନ୍ଦ୍ରରେ ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରୀ ଭାବେ ସୁଚାରୁରୂପେ ନିଜ ଦାୟିତ୍ୱ ସମ୍ପାଦନ କରିଥିଲେ। ସେହିପରି ୧୯୭୨, ୧୯୭୪, ୧୯୭୭, ୧୯୮୦, ୧୯୮୫, ୧୯୯୦ ଓ ୧୯୯୫ରେ ଓଡିଶା ବିଧାନସଭାକୁ ସାତ ଥର ନିର୍ବାଚିତ ହୋଇଥିଲେ । ୧୯୭୨ ମସିହାରେ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେବାର ଗୌରବ ଲାଭ କରିବା ସହିତ ୧୯୭୩ ମସିହା ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୧୯୭୪ ରୁ ୧୯୭୬ ପର୍ଯ୍ୟନ୍ତ ସେ ଦ୍ୱିତୀୟଥର ପାଇଁ ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରି ଓଡିଶା ସାମଗ୍ରିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏଥିସହିତ ୧୯୮୯ ଓ ୧୯୯୫ ମସିହାରେ ରାଜ୍ୟ ଯୋଜନା ବୋର୍ଡର ଅଧକ୍ଷା ଭାବେ କାର୍ଯ୍ୟକରି ନିଜର ପାରଦର୍ଶିତାର ପ୍ରମାଣ ଦେଇଥିଲେ। ଜନ୍ମରେ ନାରୀ ହେଲେବି ତାଙ୍କଠି ଅତୁଳନୀୟ ପୁରୁଷାକାର ଥିଲା । ନିଜର ପ୍ରତିଭା ଓ ପାରାକାଷ୍ଠା ଯୋଗୁଁ ସେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ଖୁବ୍ ନିକଟବର୍ତ୍ତୀ ହୋଇପାରିଥିଲେ।

କେବଳ ରାଜନୀତି ନୁହେଁ, ନନ୍ଦିନୀ ଦେବୀଙ୍କର ସାହିତ୍ୟ କ୍ଷେତ୍ରରେ ମଧ୍ୟ ଗଭୀର ପ୍ରବେଶ ଓ ପ୍ରବଳ ଅନୁରାଗ ଥିଲା । କାବ୍ୟ, କବିତା, ଗଳ୍ପ ଓ ଅନୁବାଦରେ ସେ ତାଙ୍କର ପ୍ରତିଭାର ପରିଚୟ ଦେଇଥିଲେ । ମାତ୍ର ଏଗାର ବର୍ଷ ବୟସରେ ତାଙ୍କର ପ୍ରଥମ ଗଳ୍ପ "ଅନାଥ'' ବିଦ୍ୟାଳୟର ମୁଖପତ୍ରରେ ପ୍ରକାଶିତ ହୋଇଥିଲା। ଏହା ପରେ ସେ ଆଉ ପଛକୁ ଫେରି ଚାହିଁନଥିଲେ । ତାଙ୍କ ସାରସ୍ୱତ ପ୍ରତିଭାର ଚଉହଦୀ "ଅନାଥ'' ଠାରୁ ଆରମ୍ଭ କରି "ଉତ୍ତର ପୁରୁଷ'' ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ବିଶିଷ୍ଟ ସାହିତ୍ୟିକା ଅମୃତା ପ୍ରିତମ୍‌ଙ୍କ ରେଭେନ୍ୟୁ ଟିକେଟ୍‌କୁ (ଯାହାର ଓଡିଆ ଅନୁବାଦିତ ନାମ ଥିଲା ରସିଦ୍ ଟିକେଟ) ଓଡିଆରେ ଅନୁବାଦ କରି ସେ ପୁଣି ଚର୍ଚ୍ଚିତା ହୋଇଥିଲେ । ଏଥିସହିତ ତସ୍‌ଲିମା ନସରିନ୍‌ଙ୍କ ବଙ୍ଗଳା ପୁସ୍ତକ "ଲଜ୍ଜା''କୁ ଓଡିଆରେ ଅନୁବାଦ କରି ସେ ଅନେକ ପ୍ରଶଂସାର ଅଧିକାରିଣୀ ହୋଇପାରିଥିଲେ । ଓଡିଆ ସାହିତ୍ୟର ବିଭିନ୍ନ ବିଭାଗରେ କୃତିତ୍ୱ ପାଇଁ ନନ୍ଦିନୀ ଶତପଥୀଙ୍କୁ ମିଳିଥିଲା 'ଓଡିଶା ସାହିତ୍ୟ ଏକାଡେମୀ', 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଓ 'ସାହିତ୍ୟ ଭାରତୀ ସମ୍ମାନ' । ଏଥିସହିତ ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ କାର୍ଯ୍ୟ କରି ଓଡିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ଅନେକ କାର୍ଯ୍ୟ କରିଥିଲେ। ନନ୍ଦିନୀ ଶତପଥି ଜଣେ ସୁଦକ୍ଷା ପ୍ରଶାସିକା ଥିଲେ । ଏବେବି ଲୋକମାନେ ଶ୍ରଦ୍ଧା ଓ ସମ୍ମାନର ସହ ତାଙ୍କ ଶାସନକାଳକୁ ମନେ ରଖିଛନ୍ତି । ପ୍ରଶାସନକୁ ଲୋକାଭିମୁଖୀ କରିବା ଓ କର୍ମଚାରୀଙ୍କଠାରୁ ଉପଯୁକ୍ତ କାମ ଆଦାୟ କରିବା କୌଶଳ ତାଙ୍କୁ ବେଶ୍ ଜଣାଥିଲା । ଗୋଟିଏ ପଟେ ପ୍ରଶାସନକୁ ନିୟନ୍ତ୍ରଣ କରି ନିଜର ପାରଦର୍ଶିତା ପ୍ରମାଣ କରିବା ସହ କର୍ମଚାରୀଙ୍କଠାରୁ ଉପଯୁକ୍ତ କାମ ଆଦାୟ କରିବା ପାଇଁ ସେମାନଙ୍କୁ ଅନେକ ସୁବିଧା ସୁଯୋଗ ପ୍ରଦାନ କରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ । ସରେଣ୍ଡର ଲିଭ୍, ଅବସରକାଳୀନ ଭତ୍ତା ଓ ରିହାବିଲିଟେସନ୍ ସ୍କିମ୍‌ରେ ଚାକିରି ଆଦି ପ୍ରଦାନ ଏହାର ଗୋଟିଏ ଗୋଟିଏ ନିଚ୍ଛକ ଉଦାହରଣ । ସେ ସବୁବେଳେ ଓଡିଶାର ବହୁବିଧ ବିକାଶ ନିଜ ଚିନ୍ତା ଓ ଚେତନାରେ ରଖିଥିଲେ । ସେ ବୁଝିଥିଲେ ଶିକ୍ଷା, କୃଷି, ଜଳସେଚନ ଓ ଶିଳ୍ପ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ନ ଆସିଲେ ଓଡିଶାର ଆଖି ଦୃଶିଆ ପ୍ରଗତି ହୋଇପାରିବ ନାହିଁ । ଏହାକୁ ଆଖିଆଗରେ ରଖି ସେ ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ପରିଚାଳନା କମିଟିର ପ୍ରତ୍ୟକ୍ଷ ନିୟନ୍ତ୍ରଣରୁ ମୁକ୍ତ କରି ୧୯୭୪ ମସିହାରେ ପ୍ରଚଳନ କରିଥିଲେ ଯୁଗାନ୍ତକାରୀ ଓ ବହୁଚର୍ଚ୍ଚିତ ପ୍ରତ୍ୟକ୍ଷ ଅନୁଦାନ ଆଇନ୍ । ଏଥିପାଇଁ ଶିକ୍ଷକ ସମାଜ ତାଙ୍କ ପାଖରେ ସବୁଦିନ ଋଣୀ ହୋଇରହିବ । ସେହିପରି ଦୀନହୀନ, ଖଟିଖିଆ ଭୂମିହୀନ ଓ ନାମମାତ୍ର ଚାଷୀଙ୍କ ଦୁଃସ୍ଥିତିକୁ ସୁଧାରିବା ପାଇଁ ସେ ଆରମ୍ଭ କରିଥିଲେ ଐତିହାସିକ ଭୂସଂସ୍କାର ଆଇନ୍ । ଏହି ଆଇନ୍ ଅନୁସାରେ ବହୁ ଜମିଦାରଙ୍କଠାରୁ ସିଲିଂ ବର୍ହିଭୁତ ଜମି ଆଣି ଭୂମିହୀନଙ୍କୁ ବାଣ୍ଟିବାର ବ୍ୟବସ୍ଥା କରାଯାଇଥିଲା। ଏହି ଭୂସଂସ୍କାର ଆଇନ୍ ଯୋଗୁଁ ଅନେକ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିଙ୍କର ସମାଲୋଚନାର ଶରବ୍ୟ ହୋଇଥିଲେ ମଧ୍ୟ ତାଙ୍କୁ ଭ୍ରୁକ୍ଷେପ କରିନଥିଲେ । ସେହିପରି ଗ୍ରାମାଞ୍ଚଳରେ ଗରିବ ଲୋକମାନଙ୍କୁ ସୁଧଖୋର ମହାଜନମାନଙ୍କ ଶୋଷଣରୁ ରକ୍ଷା କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଥିଲେ ସେ ସମୟରେ ତାହା ତାଙ୍କର ଅନ୍ୟ ଏକ ଲୋକପ୍ରିୟ କାର୍ଯ୍ୟକ୍ରମ ଥିଲା । ସେହିପରି ଶିଳ୍ପର ବିକାଶ ନିମନ୍ତେ ସେ କେତେକ ବଳିଷ୍ଠ ପଦକ୍ଷେପ ନେଇଥିଲେ । ତନ୍ମଧ୍ୟରେ ତାଳଚେରର ସାର କାରଖାନା ଓ ଗୋପାଳପୁରର ରେୟାର ଆର୍ଥ କମ୍ପ୍ଲେକ୍ସ ଅନ୍ୟତମ । ସେହିପରି ଜଳସେଚନ ବ୍ୟବସ୍ଥାକୁ ସୁଧାରିବା ପାଇଁ ତାଙ୍କ ସମୟରେ ଅପର କୋଲାବ ଜଳ ପ୍ରକଳ୍ପ ଓ ରେଙ୍ଗାଲି ପ୍ରକଳ୍ପ ପରି କ୍ଷୁଦ୍ର ତଥା ମଧ୍ୟମ ଧରଣ ଜଳ ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା। ଗଣତନ୍ତ୍ରର ସେ ଥିଲେ ଜାଗ୍ରତ ପ୍ରହରୀ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ ଦୈନିକ ସମ୍ବାଦ ପତ୍ର "ଧରିତ୍ରୀ'' ଯାହା ଆଜି ସମ୍ବାଦପତ୍ର ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହା ପଛରେ ରହିଛି ସେହି ମହୀୟସୀ ମହିଳାଙ୍କ ନିରନ୍ତର ଉଦ୍ୟମର ଫଳଶ୍ରୁତି ଏ ମାଟିର ଅଗ୍ନିକନ୍ୟାଙ୍କୁ ଆଜି ତାଙ୍କ ୧୮ତମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଶ୍ରଦ୍ଧାଞ୍ଜଳି ଦେବା ହିଁ ଏହି କ୍ଷୁଦ୍ର ଆଲେଖ୍ୟର ଉଦ୍ଦେଶ୍ୟ।

# ପ୍ରକୃତିର କୋପ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

କେରଳର ୱାୟନାଡରେ ଗତ ମଙ୍ଗଳବାର ଦିନ ଭୋର ସମୟରେ ଘଟିଥିବା ଭୟାନକ ଏବଂ ହୃଦୟ ବିଦାରକ ଭୂସ୍ଖଳନ ପ୍ରକୃତିର କୋପ ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି କୁହାଯାଇପାରିବ। ପ୍ରବଳ ବର୍ଷା ସାଙ୍ଗକୁ ଭୂସ୍ଖଳନର ପ୍ରଭାବ ଏତେ ଭୟଙ୍କର ଥିଲା ଯେ, ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିବା ସଙ୍ଗେ ସଙ୍ଗେ ବଡ ବଡ କୋଠା ମାଟିରେ ମିଶିଯାଇଛି। କେବଳ ଏତିକି ନୁହେଁ, ସେହି ସ୍ଥାନରେ ଏକ ନଦୀ ସୃଷ୍ଟି ହୋଇଥିବାବେଳେ କି ଧନୀ, କି ଗରିବ, ସମସ୍ତେ ଏକାକାର ହୋଇଯାଇଥିଲେ। ଆହୁରି ମଧ୍ୟ ଜୀବଜନ୍ତୁଙ୍କ ମୃତ୍ୟୁ ସଂଖ୍ୟା ଗଣନାର ବାହାରେ ରହିଛି। ଘଟଣାର ଚାରି ଦିନ ପରେ ମୃତ୍ୟୁ ଦେହ ଏବେ ବି ଉଦ୍ଧାର କରାଯାଉଥିବା ରିପୋର୍ଟ ପ୍ରକାଶ ପାଇଛି। ଉଦ୍ଧାର ରିଲିଫ କାର୍ଯ୍ୟରେ ନୌସେନା, ବାୟୁ ସେନା, ଏନଡିଆର୍‌ଏଫ୍, କେଡିଆରଏଫ ଯବାନମାନେ ଅହୋରାତ୍ର ଲାଗିପଡିଥିବାବେଳେ ମୃତ୍ୟୁ ସଂଖ୍ୟା ଆହୁରି ବଢିବା ଆଶଙ୍କାକୁ ଏଡାଇ ଦିଆଯାଉପାରୁନାହିଁ। ଯେଉଁ ସ୍ଥାନରେ ୫ଦିନ ପୂର୍ବେ ସହର ଗଢି ଉଠିଥିଲା, ସବୁଜ ବନାନୀ ସୌନ୍ଦର୍ଯ୍ୟ ଦେଶବିଦେଶର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରୁଥିଲା, ଆଜି ତାହା ବୃକ୍ଷରାଜି ବିହୀନ କାଦୁଅ ନର୍ଦ୍ଦମାରେ ପରିଣତ ହୋଇଛି। ଚଳିତ ଶତାବ୍ଦୀରେ କେରଳରେ ଏହା ସବୁଠାରୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ବୋଲି କହିଲେ ଭୁଲ ହୋଇନପାରେ। ଏହା ନିସନ୍ଦେହ ଯେ, କେରଳରେ ପ୍ରାକୃତିକ ବିପର୍ଯ୍ୟୟ ତଥା ପ୍ରଳୟଙ୍କାରୀ ବର୍ଷା, ଭୂସ୍ଖଳନ ନୂଆ ନୁହେଁ। ୨୦୧୫ ମସିହାରେ କେରଳରେ ପ୍ରଳୟଙ୍କାରୀ ବର୍ଷା ପ୍ରଭାବରେ ଦୀର୍ଘ ଦୁଇ ସପ୍ତାହ ଧରି ଲାଗି ରହିଥିବା ଜଳପ୍ରଳୟର ବିଭୀଷିକା ମନେ ପଡିଲେ ଏବେ ବି ରୋମ ଟାଙ୍କୁରି ଉଠେ। କେରଳର ପଶ୍ଚିମଘାଟ ପର୍ବତମାଳା ଅନ୍ତର୍ଗତ ପଶ୍ଚିମାଂଚଳର ପ୍ରାୟ ୧୭ହଜାର ବର୍ଗ କିଲୋମିଟର ଅଞ୍ଚଳ ଭୂସ୍ଖଳନ ପ୍ରବଣ ଭାବେ ଚିହ୍ନଟ। ଏହି ଅଞ୍ଚଳରେ ପ୍ରକୃତିର ସୁରକ୍ଷା ପାଇଁ ସରକାର, ପ୍ରଶାସନର ଅନାଗ୍ରହ, ଆରବ ସାଗରରେ ଜଳବାୟୁର ଉତ୍ତାପ ବୃଦ୍ଧି ତୃଟିପୂର୍ଣ୍ଣ କୋଠାବାଡି, ରାସ୍ତାଘାଟ ନିର୍ମାଣ, ଆଖିବୁଜା ଜଙ୍ଗଲ ଧ୍ୱଂସ ଭୂସ୍ଖଳନର ମୁଖ୍ୟ କାରଣ ବୋଲି କୁହାଯାଏ। ଆରବ ସାଗରରେ ଜଳବାୟୁ ଉଷ୍ମତା ବୃଦ୍ଧି ଯୋଗୁଁ ମୌସୁମୀ ଋତୁରେ ଆକାଶର କଳାହାଣ୍ଡିଆ ବାଦଲ ସହ ବାଦଲଫଟା ବର୍ଷା ଭୂସ୍ଖଳନର ମୁଖ୍ୟ କାରଣ ହୋଇଛି। ଅବକ୍ଷୟ ପରିବେଶର ସୁରକ୍ଷା ସହ ସମ୍ପୃକ୍ତ ଅଞ୍ଚଳକୁ ଇକୋସେନ୍‌ସଟିଭ୍ ଜୋନରେ ପରିଣତ କରାନଗଲେ କେବଳ ପରିବେଶ ନୁହେଁ, ଜଳବାୟୁ ଉପରେ ଏହାର ପ୍ରଭାବ ଭୟଙ୍କର ହେବା ନେଇ ଗତ ୨୦୧୧ ମସିହାରେ ଖ୍ୟାତନାମା ପରିବେଶଜନିତ ମାଧବ ଗାଡିଗିଲ ଉଭୟ କେରଳ ଓ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ। କେନ୍ଦ୍ର ପରିବେଶ ମନ୍ତ୍ରାଳୟ ଦ୍ୱାରା ଗାଡଗିଲଙ୍କ ନେତୃତ୍ୱରେ ଗଠିତ କମିଟି ଗତ ୨୦୧୧ ମସିହାରେ ପଶ୍ଚିମଘାଟ ପର୍ବତମାଳା ଲାଗି ରହିଥିବା ୬ଟି ରାଜ୍ୟ ତଥା ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, ତାମିଲନାଡୁ ଏବଂ କେରଳ ସଂଲଗ୍ନ ଅଂଚଳକୁ ଇକୋ-ସେନ୍‌ସଟିଭ୍ (ପରିବେଶ ସମ୍ବେଦନଶୀଳ) ଜୋନରେ ପରିଣତ କରିବା ପାଇଁ ସୁପାରିଶ କରିଥିଲେ। ଏହି ଅଂଚଳରେ ସମସ୍ତ ମାନବକୃତ ଧ୍ୱଂସାତ୍ମକ କାର୍ଯ୍ୟାକଳାପ ନିଷିଦ୍ଧ କରିବା ପାଇଁ କମିଟି ସୁପାରିଶ କରିଥିଲେ। କମିଟି ପାଞ୍ଚ ପାଞ୍ଚ ଥର କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ ମଧ ଏଥିପ୍ରତି କେନ୍ଦ୍ର କିମ୍ବା ରାଜ୍ୟ ସରକାର ଗୁରୁତ୍ୱ ଦେଇନଥିଲେ। ଇତିମଧ୍ୟରେ ଦୀର୍ଘ ୧୩ବର୍ଷ ବିତି ଯାଇଥିଲେ ମଧ ସୁପାରିଶ କେବଳ କାଗଜ କଲମରେ ସୀମିତ ରହିଛି। ଉଲ୍ଲେଖଯୋଗ୍ୟ ଯେ, ସରକାରୀ ତଥ୍ୟ ଅନୁସାରେ କେରଳରେ ୧୯୫୦ ମସିହାରୁ ୨୦୧୮ ମସିହା ମଧ୍ୟରେ ୬୦ ପ୍ରତିଶତ ଜଙ୍ଗଲ ଧ୍ୱଂସ ହୋଇଛି। ଯାହାର ପ୍ରଭାବ ଏବେ କେବଳ ଭୂଖଣ୍ଡ ନୁହେଁ ମାନବ ସମାଜ ଉପରେ ପଡିଛି। ଗତ ଦଶନ୍ଧି ମଧ୍ୟରେ କେରଳରେ ଦୁଇଥର ଭୂସ୍ଖଳନ ଘଟିଥିବାବେଳେ ଉତ୍ତରାଖଣ୍ଡରେ ଗତ ୨୦୧୩ ମସିହାରେ ଘଟିଥିବା ବାଦଲଫଟା ବର୍ଷା ଓ ଭୂସ୍ଖଳନର ତାଣ୍ଡବ ଏବେ ବି ମନରୁ ଲିଭିନାହିଁ। ଯେଉଁଥିରେ ୬୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ହଜାର ହଜାର ବଡ ବଡ କୋଠାବାଡି ଜଳ ସ୍ରୋତରେ ମାଟିରେ ମିଶିଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ୧୯୬୮ରେ ପଶ୍ଚିମବଙ୍ଗର ଦାର୍ଜିଲିଂରେ ଭୂସ୍ଖଳନ ଘଟି ୧ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ୧୯୯୮ ମସିହାରେ ଉତ୍ତରପ୍ରଦେଶର ମାପଲା ଗ୍ରାମରେ ଭୂସ୍ଖଳନରେ ୩୮୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିଲା। ଉତ୍ତରଖଣ୍ଡର ଯୋଶୀପୁରରେ ମାଟି ଦବିଯାଉଥିବା ଏବେ ସରକାରଙ୍କର ଚିନ୍ତାର କାରଣ ହୋଇଛି। ହିମାଚଳରେ ପ୍ରତିବର୍ଷ ବାଦଲ ଫଟା ବର୍ଷା, ବନ୍ୟା, ଭୂସ୍ଖଳନ ଏବଂ ମୃତ୍ୟୁ ତାଣ୍ଡବ ଲାଗି ରହିଛି। ୧୯୮୮ ମସିହାରୁ ୨୦୨୨ ମଧ୍ୟରେ ଦେଶରେ ଛୋଟବଡ ୮୦ହଜାରରୁ ଊର୍ଦ୍ଧ୍ୱ ଭୂସ୍ଖଳନ ଘଟିଥିବାବେଳେ ଆମ ରାଜ୍ୟର ଚାରୋଟି ଜିଲ୍ଲା ଗଜପତି, ରାୟଗଡା, କୋରାପୁଟ ଓ ମାଲକାନାଗିରି ଭୂସ୍ଖଳନ ଜୋନରେ ରହିଛି। ନିକଟରେ ପ୍ରବଳ ବର୍ଷାରେ କୋରାପୁଟ ଓ ମାଲକାନଗିରି ଜିଲ୍ଲାର କିଛି ଘାଟିରେ ଭୂସ୍ଖଳନ ଘଟିଥିବାବେଳେ ବହୁ ସ୍ଥାନରେ ରାସ୍ତାଘାଟ ଦବି ଯାଇଥିବା ଜଣାଯାଇଛି। ଏହା ନିଃସନ୍ଦେହ ଯେ, ମଣିଷ ପ୍ରକୃତି ଉପରେ ଯେତିକି ଯେତିକି ଅତ୍ୟାଚାର କରୁଛି, ସେହି ଅନୁପାତରେ ପ୍ରକୃତିର କୋପ ବଢି ଚାଲିଛି। ଯାହାକି ଆମ ଦେଶରେ ବାଦଲ ଫଟା ବର୍ଷା ସାଙ୍ଗକୁ ଭୂସ୍ଖଳନ, ବନ୍ୟା, ବାତ୍ୟା ବଢିଚାଲିଛି। କେରଳ, ହିମାଚଳ, ଉତ୍ତରାଖଣ୍ଡରେ ପ୍ରକୃତିର ତାଣ୍ଡବ ହେଉଛି, ଏହାର ଜ୍ୱଳନ୍ତ ଉଦାହରଣ। ପ୍ରଥମେ ପରିବେଶ ଜଙ୍ଗଲର ସୁରକ୍ଷା, ସହ ବ୍ୟାପକ ବୃକ୍ଷରୋପଣ ପାଇଁ ସମସ୍ତେ ସଂକଳ୍ପ ନେବା ଜରୁରୀ। ଅନ୍ୟଥା ମଣିଷ କେବଳ ପ୍ରକୃତି କୋପର ଶିକାର ହେବା ସାର ହେବ। ୱାୟନାଡାର ପୁନରୁଦ୍ଧାର ଓ ପ୍ରକୃତିର ସୁରକ୍ଷା ପାଇଁ କେନ୍ଦ୍ର ସରକାର ଭୂସ୍ଖଳନ ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିବା ମୃତକଙ୍କ ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Manceshwar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୪ ଅଗଷ୍ଟ ୨୦୨୪ ରବିବାର





## ଦିନରେ ଫେରି, ରାତିରେ ଚୋରି

# ୯ ଆନ୍ତଃରାଜ୍ୟ ଡକାୟତ ଗିରଫ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ପୋଲିସ ଆନ୍ତଃରାଜ୍ୟ ଡକାୟତ ଦଳର ୯ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ମଧ୍ୟରେ ମଧ୍ୟପ୍ରଦେଶର ୬, ମହାରାଷ୍ଟ୍ରର ୨ ଓ ବରଗଡ଼ ଜିଲ୍ଲା ବରପାଲିର ଜଣେ ରହିଛନ୍ତି । ଅଭିଯୁକ୍ତମାନେ ହେଲେ ମଧ୍ୟପ୍ରଦେଶ ରତନାମ ଜିଲ୍ଲା ବିଲ୍‌ପାକ୍ ଥାନା ସିଲମାଓ୍ୱାଡ଼ାର ରିତିକ ଚୌହାନ, ସିଓର ଜିଲ୍ଲା ଗାନ୍ଧୀନଗର ଥାନା ଗ୍ରାମର କ୍ରିଷ୍ଣା ପିମ୍ପଲେ, ନର୍ମଦାପୁରମ୍ ଜିଲ୍ଲା ସୋହାଗପୁର ଥାନା ଜିଜୁଓ୍ୱାଡାର ରବି ବେହେଲିଆ, ଜାମନିତଲା ଗାଁର ସକଲାଲ୍ ସିଂ, ବଣ୍ଟୁ ଦେହେଲିଆ, ତୁରାକାପା ଗାଁର ରାଜୁ ପଓ୍ୱାର । ମହାରାଷ୍ଟ୍ର ଔରଙ୍ଗାବାଦ ଜିଲ୍ଲା ସତାରା ଥାନା ନଟନାଗର ଗାଁର ନୀଲେଶ ଦୀପକ, ଭୀରବାଲା ଥାନା ମୋହନନଗରର ଅକ୍ଷୟ ଲାଲ୍ ହୋଇଥିବା ବେଳେ ବରଗଡ଼ ଜିଲ୍ଲା ବରପାଲିର ଗୋପରଞ୍ଜନ ପୃଷ୍ଟି । ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୧୬୦ ଗ୍ରାମ୍ ସୁନା ଗହଣା, ୧ କେଜି ୭୦୮ ଗ୍ରାମ୍ ରୁପା ଗହଣା, ୨ ଲକ୍ଷ ୩ ହଜାର ୭୦୦ ଟଙ୍କା, ବ୍ୟାଙ୍କ ଆକାଣ୍ଟଉରୁ ୩ ଲକ୍ଷ ୪୦ ହଜାର ୬୧୬ ଟଙ୍କା, ଚୋରି ସ୍କୁଟି, ହାତଘଣ୍ଟା ସହ ୭ ମୋବାଇଲ୍ ଓ ଚୋରି ପାଇଁ ଘର ଭାଙ୍ଗିବା ଉପକରଣ ଜବତ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ରେଲଷ୍ଟେସନ୍, ବସ୍‌ଷ୍ଟାଣ୍ଡ, ଫୁଟ୍‌ପାଥ୍ ଭଳି ଭିନ୍ନ ଭିନ୍ନ ସ୍ଥାନରେ ରହି ଜନଗହଳି ଅଞ୍ଚଳ ଓ ମେଳାରେ ବେଲୁନ୍, ପ୍ଲାଷ୍ଟିକ୍ ଖେଳଣା ଆଦି ବିକ୍ରି କରୁଥିଲେ । ବେଲୁନ୍, ଖେଳଣା ବିକ୍ରି ଆଳରେ ଦିନରେ ଗଳି



କନ୍ଦି ବୁଲି ବିଭିନ୍ନ ଘରକୁ ନିଶାଣ କରୁଥିଲେ । ରାତିରେ ସମ୍ପୃକ୍ତ ଘରୁ ଚୋରି କରି ଚୋରି ସୁନା, ରୁପା ଗହଣା ବରପାଲିର ଗହଣା ଦୋକାନୀ ଗୋପରଞ୍ଜନ ପୃଷ୍ଟିଙ୍କୁ ବିକ୍ରି କରୁଥିଲେ । ଚୋରି ସାମଗ୍ରୀ ବିକ୍ରି ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଜମା କରୁଥିଲେ । ଅଭିଯୁକ୍ତ ଡକାୟତ ଦଳ ଜିଲ୍ଲାର ଲୋଇସିଂହା ଥାନା, ଲାଠୋର ଥାନା ଅଞ୍ଚଳ ସହ ପାଟଣାଗଡ଼ ଥାନା ଅଞ୍ଚଳରେ ୬ ମାମଲା ଓ ବଲାଙ୍ଗିର ଟାଉନ୍ ଥାନା ଅଞ୍ଚଳର ୯ଟି ଚୋରି ମାମଲାରେ ସମ୍ପୃକ୍ତି ରହିଥିବା ବଲାଙ୍ଗିର ଆରକ୍ଷୀ ଅଧିକ୍ଷକ ରିଷିକେଶ ଖିଲାରୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏହି ଘଟଣାରେ ରାଜ୍ୟ ବାହାରର ଆହୁରି ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବାବେଳେ ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ପୋଲିସ ସହାୟତାରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଶ୍ରୀ ଖିଲାରୀ ସୂଚନା ଦେଇଛନ୍ତି ।

## ମା' ଓ ସାନ ଭାଇକୁ ହତ୍ୟା ଉଦ୍ୟମ:ବଡ଼ ପୁଅ ଗଲା ଜେଲ୍

**କଳିଙ୍ଗନଗର, ନ୍ୟୁଜ୍ ବ୍ୟୁରୋ**

ଦାନଗଦି ବ୍ଲକରେ ମା' ଓ ସମ୍ପର୍କୀୟ ସାନ ଭାଇକୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ଯାଜପୁରରୋଡ଼ ପୋଲିସ ବଡ଼ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ବଡ଼ ପୁଅ ଯାଜପୁର ରୋଡ଼ ଥାନା ଜଳକା ଖପୁରିଆପଦାର ରତ୍ନାକର ଧଳଙ୍କ ପୁଅ ଅବିନାଶ (୩୫) । ପୋଲିସ କେସ୍ ନଂ ୪୬୬/୨୦୨୪ରେ ମାମଲା ରୁଜୁ କରିଛି । ଅପରପକ୍ଷରେ ଅବିନାଶଙ୍କ ଠାରୁ ଏକ ଛୁରୀ ପୋଲିସ ଜବତ କରିଛି । ଏ ସମ୍ପର୍କରେ ସାନଭାଇ ସୁରଥ ଚନ୍ଦ୍ର ଧଳ ଥାନାରେ ଅଭିଯୋଗ କରିଥିଲେ । ସୂଚନା ଯୋଗ୍ୟ ଯେ, ଗତ ଜୁଲାଇ ୩୧ ତାରିଖରେ ଅବିନାଶ ମା'ଙ୍କୁ ତଣ୍ଟି ଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲା । ଏହାକୁ ସାନ ଭାଇ ସୁରଥ ତୀବ୍ର ବିରୋଧ କରିଥିଲା ଫଳରେ ମା' ମୃତ୍ୟୁରୁ ବର୍ତ୍ତୀ ଯାଇଥିଲେ । ଏଥିରେ ଅବିନାଶ ଉତ୍‌କ୍ଷିପ୍ତ ହୋଇ ଛୁରୀରେ ସୁରଥକୁ ଆକ୍ରମଣ କରିଥିଲା । ତେବେ ଆକ୍ରମଣର କାରଣ ସ୍ପଷ୍ଟ ହୋଇନଥିଲେ ମଧ୍ୟ ଅତ୍ୟଧିକ ମଦ୍ୟ ପାନ ଏହାର କାରଣ ହୋଇପାରେ । ତେବେ କୋର୍ଟରେ ଜାମିନ୍ ନାମଞ୍ଜୁର ହେବାରୁ ଅବିନାଶକୁ ଜେଲ୍ ପଠାଇ ଦିଆଯାଇଛି ।

# ସାମାନ୍ୟ ବର୍ଷାରେ ଜମୁଛି ପାଣି:ନାହିଁନଥିବା ଅସୁବିଧା ଭୋଗୁଛନ୍ତି ଛାତ୍ରଛାତ୍ରୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଡ୍ରେନ୍ ଅଛି, ହେଲେ ପାଣି ନିଷ୍କାସନ ହେଉନି । ଏ ହେଉଛି ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ନାରାୟଣ ନଗରର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୃଶ୍ୟ । ସାମାନ୍ୟ ବର୍ଷା ହେଲେ ସ୍କୁଲ୍ ଆଗରେ ପ୍ରାୟ ଫୁଟେ ପାଣି ଜମି ରହୁଛି । ଫଳରେ ନୀଚାରେ ଥିବା ଘର ଗୁଡିକରେ ପାଣି ପଶୁଛି । ସୂଚନାମତେ ସାହୁ ଗଳି ନିକଟରେ ଲକ୍ଷ୍ମୀପ୍ରସାଦ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ରହିଛି । ୧୯୮୬ ମସିହାରେ ଏହି ବିଦ୍ୟାଳୟ ସ୍ଥାପନ କରାଯାଇଥିଲା । ବର୍ତ୍ତମାନ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୮୦ ଛାତ୍ରଛାତ୍ରୀ ପଢୁଛନ୍ତି । ବର୍ତ୍ତମାନ ବର୍ଷାଦିନ ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ ସ୍କୁଲ୍ ଆଗରେ ପାଣି ଜମୁଛି । ଜମି ରହୁଥିବା ପାଣି ଦେଇ ଛାତ୍ରଛାତ୍ରୀ ସ୍କୁଲ୍ ଯାଉଥିବାରୁ ଗୋଡ଼ କୁଣ୍ଡାଇ ହେଉଥିବା ନିଜେ ପ୍ରଧାନ ଶିକ୍ଷୟିତ୍ରୀ ଅନନ୍ତି ଭୋଇ ପ୍ରକାଶ କରିଛନ୍ତି । ଏନେଇ ସରପଞ୍ଚଙ୍କୁ ମଧ୍ୟ ସେ ଜଣାଇଥିବା କହିଛନ୍ତି । ସୂଚନାଯୋଗ୍ୟ



ଯେ ଦଶ ବର୍ଷ ପୂର୍ବେ ଏହି ରାସ୍ତା କଂକ୍ରିଟ ହୋଇଥିଲା । ସେ ସମୟରେ ମାଟି ଘର ଥିବାରୁ ରାସ୍ତା ନୀଚା ହୋଇଥିବାରୁ ପାଣି ନିଷ୍କାସନ ହେଉଥିଲା । ବର୍ତ୍ତମାନ ଉଭୟ ପାର୍ଶ୍ୱରେ ପକ୍କା ଘର ହେବାରୁ ଉଭୟ ପାର୍ଶ୍ୱ ଉଚ୍ଚ ହେବାରୁ ପାଣି ନିଷ୍କାସନ ହୋଇନପାରି ଜମି ରହୁଛି । ପାଣି ନିଷ୍କାସନ ପାଇଁ ତିନିବର୍ଷ ତଳେ ସ୍କୁଲ୍ ପଛପଟେ ତତ୍କାଳୀନ ସରପଞ୍ଚ ରାଜେନ୍ଦ୍ର ମେହେର ଏକ ଡ୍ରେନ୍ ନିର୍ମାଣ କରିଥିଲେ । କିନ୍ତୁ ଏହି ଡ୍ରେନ୍‌ର ଶେଷମୁଣ୍ଡରେ ବ୍ୟକ୍ତିଗତ ଜମିଥିବାରୁ ଏହା ଅସଂପୂର୍ଣ୍ଣ ରହିଛି । ତେବେ ନିର୍ମାଣ ହୋଇଥିବା ଡ୍ରେନ୍‌ରେ ସାହିବାସୀ ଅଳିଆ ଆବର୍ଜନା ପକାଉ ଥିବାରୁ ଡ୍ରେନ୍‌ଟି ପୋତି ହୋଇଯିବା ଯୋଗୁଁ ପାଣି ଯାଇପାରୁନାହିଁ । ତେବେ ପୂର୍ବରୁ ଗାଁର କେତେକ ରାସ୍ତା କଂକ୍ରିଟ ଉପରେ କଂକ୍ରିଟ କରିଥିବା ବେଳେ ଏହି ଗଳି ରାସ୍ତାକୁ କଂକ୍ରିଟ କରିବାକୁ ସାହିବାସୀ ଦାବି କରିଛନ୍ତି ।



## ନାରାହାଣ୍ଡି ଓ ଷଣ୍ଢଗାଁ ଗ୍ରାମକୁ ସ୍ୱଚ୍ଛ ଗ୍ରାମ ଘୋଷିତ

**କୋଟପାଡ଼, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଦ୍ୱାରା କୋଟପାଡ଼ ବ୍ଲକ ଅନ୍ତର୍ଗତ ଡମନାହାଣ୍ଡି ପଞ୍ଚାୟତର ନାରାହାଣ୍ଡି ଗ୍ରାମ ଏବଂ ଏସ. ବି. ନୁଆଁଗାଁ ପଞ୍ଚାୟତର ଷଣ୍ଢଗାଁ ଗ୍ରାମକୁ ଆଦର୍ଶ ଗ୍ରାମ ରୂପେ (ସ୍ୱଚ୍ଛଗ୍ରାମ ) ଘୋଷଣା କରାଯାଇଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ପରିମଳ ବ୍ୟବସ୍ଥାକୁ ଶତପ୍ରତିଶତ କାର୍ଯ୍ୟକାରୀ କରିବାକୁ ନେଇ ବ୍ଲକ ଅଧିକାରୀ କର୍ମଚାରୀ ମାନଙ୍କ ଦ୍ୱାରା ଆଲୋଚନା କରାଯାଇଥିଲା ଏବଂ ଉପସ୍ଥିତ ଗ୍ରାମବାସୀଙ୍କୁ ପରିମଳ ପାଇଁ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଛି । ଯେପରିକି ଗ୍ରାମର ପ୍ରତ୍ୟେକ ଲୋକ ପାଇଖାନାର ବ୍ୟବହାର କରିବା, ନାଳନର୍ଦ୍ଦମାକୁ ସଫା ରଖିବା, ଅବର୍ଜ୍ୟନା କୁଣ୍ଡର ବ୍ୟବହାର କରିବା ଏବଂ ପ୍ଲାଷ୍ଟିକ ଅବର୍ଜ୍ୟନାର ସୁପରିଚାଳନା ଇତ୍ୟାଦି ଏହି କାର୍ଯ୍ୟକ୍ରମରେ କୋଟପାଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ ଦୋରା,ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ବ୍ଲକ ସଂଯୋଜକ ଭାସ୍କର ପଟ୍ଟନାୟକ, ପଞ୍ଚାୟତ ଅଧିକାରୀ ସାଇ ପ୍ରସାଦ ପଟ୍ଟନାୟକ, ତାପସ କୁମାର ପତି, ଏବଂ ସରପଞ୍ଚ, ସମିତି ସଭ୍ୟ,ବ୍ୟତୀତ ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ଏସ. ଏଚ. ଜି. ସଦସ୍ୟା,ସି.ଆର. ପି ଏବଂ ବହୁ ସଂଖ୍ୟକ ପଞ୍ଚାୟତର ବାସିନ୍ଦା ଉପସ୍ଥିତ ରହିଥିଲେ ।

## ରାସ୍ତାରେ ବୋଲ୍‌ବମ୍ ଭକ୍ତଙ୍କ ଚାଲିଗଲା ଜୀବନ

**ସାଲେପୁର, ନ୍ୟୁଜ୍**

ପାଣି ଭାର ନେଇ ଯାଉଥିବା ସମୟରେ ଚାଲିଗଲା କାଉଡିଆ ଭକ୍ତଙ୍କ ଜୀବନ । ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ବରକନ୍ଧା ଗ୍ରାମର ଚନ୍ଦ୍ରଶେଖର ବୋଲ୍‌ବମ୍ ସଂଘର କିଛି ସଦସ୍ୟ କଟକ ଗଡ଼ଗଡ଼ିଆ ଘାଟରୁ ପାଣି ଆଣି ଆସିବା ବାଟରେ ଜଣେ ଭକ୍ତ ସାଲେପୁର ବିଶେଶ୍ୱର ଶିବ ମନ୍ଦିରର ନିକଟ ରାସ୍ତାରେ ହଠାତ୍ ଆସୁସ୍ଥ ହୋଇପଡିଥିଲେ । ସ୍ଥାନୀୟ ଲୋକ ଓ ତାଙ୍କ ସାଥୀଙ୍କ ସହାୟତାରେ ସାଲେପୁର ମେଡିକାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ହେଲେ ମହାକାଳପଡ଼ାର ବୁଲୁ ବାରିକ । ଘଟଣାସ୍ଥଳରେ ସାଲେପୁର ପୋଲିସ ପହଞ୍ଚି ଶବକୁ ଜବତ କରି ତଦନ୍ତ କରୁଛି ।

# ୩୧ ପଞ୍ଚାୟତକୁ ସମ୍ଭାଳୁଛନ୍ତି ମାତ୍ର ୯ ଜଣ କନିଷ୍ଠ ଯନ୍ତ୍ରୀ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକରେ ବିଭିନ୍ନ ଯୋଜନା କାର୍ଯ୍ୟକାରିତାରେ ବ୍ୟାପକ ହେରଫେର୍ ହେଉଥିବା ଅଭିଯୋଗ ଆସିଛି । ବ୍ଲକ ସ୍ତରରେ ପ୍ରସ୍ତୁତ ହୋଇଥିବା ବ୍ୟବସ୍ଥା ଯୋଗୁଁ ହିଁ ଦୁର୍ନୀତି ବଢୁଛି । ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପଞ୍ଚଦଶ ଅର୍ଥ କମିଶନ, ରାଜ୍ୟ ଅର୍ଥ ଆୟୋଗ ଅନୁଦାନରେ ହେଉଥିବା କାମଗୁଡ଼ିକରେ ଦୁର୍ନୀତି ହେଉଛି । ଏପରିକି ଗତ ସରକାରଙ୍କ ଅମଳରେ ୨୦୨୪ ସାଧାରଣ ନିର୍ବାଚନର ଅଳ୍ପ କିଛି ମାସ ପୂର୍ବରୁ ଆରମ୍ଭ ହୋଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ଓ ଫାଇଭ-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ବହୁ ମାତ୍ରାରେ ଦୁର୍ନୀତି ହୋଇଛି । ଧାମନଗର ବ୍ଲକରେ ଫାଇଭ-ଟି ରୂପାନ୍ତରଣ ହୋଇଥିବା କୌଣସି ଗୋଟିଏ ସ୍କୁଲ୍‌ରେ ସମ୍ପୂର୍ଣ୍ଣ ଭଲ କାମ ହୋଇଛି । କହିହେବନି ସବୁଆଡ଼େ ନିମ୍ନମାନର କାମ କରାଯାଇଛି । ବିଶେଷ କରି ବଗିଚା, ମଣ୍ଡପ, ରଂପା ଓ କୋଠା ରଙ୍ଗ କାମ ନିମ୍ନମାନର ହୋଇଛି । ଏମିତିକି କେତେକ ସ୍କୁଲ୍‌ର ରୂପାନ୍ତରଣ କାର୍ଯ୍ୟକ୍ରମର ଲୋକାର୍ପଣ କରାଯାଇଛି ହେଲେ କାମ ୨୫ ପ୍ରତିଶତ ମଧ୍ୟ ହୋଇନାହିଁ । ନିର୍ବାଚନକୁ ଆଖି ଆଗରେ ରଖି ତରବରିଆ ଭାବେ ଯୋଜନା




କାର୍ଯ୍ୟକାରୀ କରିବା ଓ ବ୍ଲକରେ କର୍ମଚାରୀ ଅଭାବ ଏହାର ମୂଳ କାରଣ । ଧାମନଗର ବ୍ଲକରେ ୩୧ଟି ପଞ୍ଚାୟତ ରହିଛି ରାଜ୍ୟ ପଞ୍ଚାୟତ ଆଇନ୍ ଅନୁସାରେ ପ୍ରତି ପଞ୍ଚାୟତକୁ ଜଣେ ଲେଖାଏଁ ଗ୍ରାମ ପଞ୍ଚାୟତ ଟେକ୍ନିକାଲ୍ ଆସିଷ୍ଟାଣ୍ଟ କିମ୍ବା କନିଷ୍ଠ ଯନ୍ତ୍ରୀ ରହିବା କଥା ହେଲେ ଧାମନଗର ବ୍ଲକରେ ମାତ୍ର ୯ ଜଣ କନିଷ୍ଠ ଯନ୍ତ୍ରୀ ଓ ଜିପିଟିଏ ଅଛନ୍ତି । ସେହିପରି ସବୁ ପଞ୍ଚାୟତରେ ନିର୍ବାହୀ ଅଧିକାରୀ ନାହାନ୍ତି ବ୍ଲକର ୩୧ ପଞ୍ଚାୟତକୁ ମାତ୍ର ୨୦ଜଣ ନିର୍ବାହୀ ଅଧିକାରୀ ଅଛନ୍ତି । ଆକାଉଣ୍ଟାଣ୍ଟ ଓ ଡାଟା ଏଣ୍ଟ୍ରି ଅପରେଟର ମିଶି ୨୪ ଜଣ ଏବଂ ଜିଆର୍‌ଏସ୍ ୪ ଜଣ ରହିଛନ୍ତି । ନିକଟରେ ଦଶ ବର୍ଷରୁ ଅଧିକ ସମୟ ଧରି କାମ କରୁଥିବା ଜିଆରଏସ୍‌ଙ୍କୁ ପଦୋନ୍ନତି ମିଳିବା ପରେ ସେମାନେ ଏଠାରୁ ରିଲିଭ ହୋଇଯାଇଛନ୍ତି । ତାଙ୍କ ବଦଳରେ କିଛି ଆକାଉଣ୍ଟାଣ୍ଟ ଓ ଡିଇଓ ଆସିଛନ୍ତି ହେଲେ ଜିଆରଏସ କି ନିର୍ବାହୀ ଅଧିକାରୀ ନାହାନ୍ତି । ଏହିସବୁ କାରଣରୁ ବ୍ଲକରେ ଥିବା କର୍ମଚାରୀଙ୍କ ଉପରେ ଚାପ ପଡୁଛି । ଏହି ଆଳରେ ଦୁର୍ନୀତି, ଲାଞ୍ଚ ଓ ପିସି କାରବାର ବଢୁଛି ମାତ୍ର କେଇଜଣ କର୍ମଚାରୀ ଲକ୍ଷ ଲକ୍ଷ ଲୋକଙ୍କର କାମ କରିବା ସମ୍ଭବ ହେଉନାହିଁ । ଏଣୁ ଲୋକେ ନିଜ କାମ କରାଇବା ଲାଗି ଲାଞ୍ଚ ଦେଇ କରାଉଛନ୍ତି । ସବୁଠାରୁ ବଡ଼ ସମସ୍ୟା ହେଉଛି କନିଷ୍ଠ ଯନ୍ତ୍ରୀଙ୍କ ଅଭାବ ୩୧ ପଞ୍ଚାୟତକୁ ୯ ଜେଇ କାମ କରୁଛନ୍ତି ତା ଭିତରୁ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ କୌଣସି ପଞ୍ଚାୟତ ଆଲର୍ଟ କରାଯାଇ ନାହିଁ । ଗୋବିନ୍ଦ ପ୍ରଧାନଙ୍କୁ ଗଡ଼ିଆଳି, ବମକୁରା, ପଧାନୀ, ରାଧାବଲ୍ଲଭପୁର, ଭଟସାହି ପଞ୍ଚାୟତ ସନ୍ତୋଷ କୁମାର ପତିଙ୍କୁ ଅର୍ଜୁନପୁର, ରଇପୁର, ଧୁଷୁରୀ, ସାହସପୁର ଓ ହସନାବାଦ ଦେବେନ୍ଦ୍ର ନାୟକଙ୍କୁ ଭଗବାନପୁର, ଚୁଡ଼ାକୁଟି, ଆନନ୍ଦପୁର, ମୁସ୍ତଫାପୁର ଓ କଲ୍ୟାଣୀ ରବୀନ୍ଦ୍ର ନାଥ ସଙ୍କୁ ଫତେପୁର, କାଶୀମପୁର, ଦୋବଲ ଓ ଖଡ଼ିପଦା ପଞ୍ଚାୟତ ସେହିପରି ଅନ୍ନପୂର୍ଣ୍ଣା ସାହୁଙ୍କୁ ଅସୁରାଳି, ପାଳସାହି, କୋଠାର ପଞ୍ଚାୟତର ଦାୟିତ୍ୱ ଦିଆଯାଇଛି । ଦିଲୀପ ପଣ୍ଡାଙ୍କୁ ନଦୀଗାଁ, ଭଟସାହି ଓ ଅନ୍ୟ ୨ଟି ପଞ୍ଚାୟତର ଦାୟିତ୍ୱ ପ୍ରଦାନ କରାଯାଇଛି । ମନୋଜ ବେହେରାଙ୍କ ପାଖରେ ବୟାଙ୍ଗଡିହ, ଗୋବିନ୍ଦପୁର, ଖପରପଦା, ଦଇପୁର ଓ ଦଳାଙ୍ଗ ପଞ୍ଚାୟତ ଥିବାବେଳେ ନରେନ୍ଦ୍ର ମଲ୍ଲିକଙ୍କୁ କୌଣସି ପଞ୍ଚାୟତ ଦିଆଯାଇନାହିଁ । ପ୍ରକାଶ ମଲ୍ଲିକଙ୍କୁ କେବଳ କରଦା ପଞ୍ଚାୟତ ଦିଆଯାଇଛି । ଏ ଧାରା ପ୍ରାୟ ୪ ବର୍ଷ ହେଲା ଚାଲି ଆସିଛି । କନିଷ୍ଠ ଯନ୍ତ୍ରୀ କମ୍ ଥିବାବେଳେ ଅଧିକ କାମ କରିବାକୁ ପଡୁଛି । ଏଣୁ କୌଣସି କାମର ତଦାରଖ ଠିକ୍ ଭାବେ ହୋଇପାରୁନାହିଁ । ଏହାର ସୁଯୋଗ ମଧ୍ୟ ସ୍ଥାନୀୟ ଠିକାଦାର ବା କୁଜିନେତା ନେଉଛନ୍ତି । ନିଜ ନିଜ ବିଲ୍ ପାସ୍ କରାଇବା ଲାଗି ଜେଇଙ୍କୁ ସହଜରେ ଲାଞ୍ଚ ଦେଉଛନ୍ତି ଆଉ ବିଲ୍ ପାସ୍ କରାଇ ନେଉଛନ୍ତି । ସେପଟେ ଏ ଅଭିଯୋଗକୁ ବିଡିଓ ବନବିହାରୀ ଦିନ୍ଦା ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଯେ, ଖୁବ୍‌ଶୀଘ୍ର ଜେଇ ପୋଷ୍ଟିଂ ହେବେ ତା ପରେ କାମ ସୁରୁଖୁରୁରେ ଚାଲିବ ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମାଆ ପୁଅଙ୍କ ମୃତ୍ୟୁ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକରେ ଘଟିଛି ଏକ ଅଭାବନୀୟ ଘଟଣା । ବିଦ୍ୟୁତ୍ ଆଘାତରେ ମାଆ ପୁଅଙ୍କ ମୃତ୍ୟୁ ଘଟିଛି । ଏପରି ଏକ ହୃଦୟ ବିଦାରକ ଘଟଣା ଘଟିଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଜୟନ୍ତୀଗିରି ଗ୍ରାମରେ । ସୂଚନା ମୁତାବକ, ଶୁକ୍ରବାର ସକାଳେ ଦୁର୍ଯ୍ୟୋଧନ ଅମନାତ୍ୟ ଶୌଚ ହୋଇ ନିଜ ଗାମୁଛାରେ ପୋଛି ହୋଇ ଗାମୁଛା ଶୁଖାଇବା ସମୟେର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛଟପଟ ହେଉଥିବା ବେଳ ତାଙ୍କ ମାଆ ରାମା ଅମନାତ୍ୟ ପୁଅକୁ ବିଦ୍ୟୁତ୍ ଆଘାତରୁ ରକ୍ଷା କରିବା ପାଇଁ ଯାଇ ନିଜେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛଟପଟ ହୋଇ ତେଳ ପଡିଯାଇଥିଲେ । ଠିକ୍ ସେହି ସମୟରେ ଦୁର୍ଯ୍ୟୋଧନଙ୍କ ସ୍ତ୍ରୀ ଆଉ ତାଙ୍କ ଶାଶୁଙ୍କୁ ମଧ୍ୟ ବିଦ୍ୟୁତ୍ ଆଘାତ ଲାଗିଥିବା ସୂଚନା ମିଳିଛି । କିନ୍ତୁ ସୌଭାଗ୍ୟବଶତଃ ଦୁର୍ଯ୍ୟୋଧନଙ୍କ ସ୍ତ୍ରୀ ଏବଂ ଶାଶୂ ଅଳ୍ପକେ ବର୍ତ୍ତି ଯାଇଥିଲେ । ଦୁର୍ଯ୍ୟୋଧନ, ତାଙ୍କ ସ୍ତ୍ରୀ ଓ ମାଆଙ୍କୁ ଜୟପୁର ଜିଲ୍ଲା ମେଡ଼ିକାଲେର ଭର୍ତ୍ତି କରାଯାଇଥିଲା । ଡାକ୍ତର ମାଆ ପୁଅଙ୍କୁ ମୃତ ଘୋଷଣା କରିଥିଲେ । ଏଭଳି ଏକ ହୃଦୟ ବିଦାରକ ଘଟଣାକୁ ନେଇ ଜୟନ୍ତୀଗିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି । ଘଟଣାରେ ଦୁର୍ଯ୍ୟୋଧନଙ୍କ ଶାଶୂ ଗୁରୁତର ଆହତ ହୋଇଥିବା ବେଳେ ଜୟପୁର ଜିଲ୍ଲା ମେଡ଼ିକାଲରେ ତାଙ୍କୁ ଭର୍ତ୍ତି କରାଯାଇଛି ।

## ଦେଶୀ ମହୁଲି ମଦ ଜବଦ:ଦୁଇଜଣ କୋର୍ଟ ଚାଲାଣ

**କଳିଙ୍ଗନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଓ ସୁକିନ୍ଦା ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରି ଖଣି ଅଞ୍ଚଳରେ ଦୁଇଜଣ ଚୋରା ମହୁଲି ବେପାରୀଙ୍କୁ ଧରି କୋର୍ଟ ଚାଲାଣ କରିଛି । ଖବର ମୁତାବକ ଖଣି ଅଞ୍ଚଳକୁ ଯାଜପୁର ଅବକାରୀ ବିଭାଗର ମୋବାଇଲ ସ୍କ୍ୱାର୍ଡ ଏବଂ ସୁକିନ୍ଦା ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା । ଚିଙ୍ଗୁଡ଼ିପାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବେଣାଗାଡ଼ିଆ ଗ୍ରାମ ମଝିରେ ୫ ଲିଟର ଦେଶୀ ମହୁଲି ମଦ ନେଇ ଯାଉଥିବା ସମୟରେ ଢେଙ୍କାନାଳ ଜିଲ୍ଲାର ଗୀତାଞ୍ଜଳି ମହାନ୍ତ (୩୮ ବର୍ଷ) ସ୍ୱାମୀ ଅଜିତ ମହାନ୍ତଙ୍କୁ ଏବଂ କାଳିଆପାଣି ଗ୍ରାମ ପଞ୍ଚାୟତର ବିର୍ସାନଗରରୁ ବିଧାନ ମହାନ୍ତ (୪୧ ବର୍ଷ )ଙ୍କୁ ପନ୍ଦର ଲିଟର ମହୁଲି ମଦ ସହିତ ଜବତ କରିଥିଲେ । ଏହି ଦୁଇଜଣଙ୍କ ନାମରେ କେସ୍ ନମ୍ବର ଯଥାକ୍ରମେ ୭୯/୨୪୨୫ ଏବଂ ୯୮/୨୪୨୫ ଏକ କେସ୍ ରୁଜୁ କରି ଦୁଇଜଣଙ୍କୁ କୋର୍ଟ ଚାଲାଣ କରିଛନ୍ତି । ଏହି ଦୁଇଜଣଙ୍କ ମଧ୍ୟରୁ ବିଧାନ ମହାନ୍ତଙ୍କ ନିକଟରୁ ଏକ ମୋଟର ସାଇକେଲ ମଧ୍ୟ ମହୁଲି ମଦ ସହିତ ଗିରଫ କରାଯାଇଛି ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି । ଯାଜପୁର ଅବକାରୀ ବିଭାଗର ଅଧିକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶ କ୍ରମେ ଏହି ଅଭିଯାନକୁ ସଫଳ କରାଯାଇଥିଲା । ଏହି ମିଳିତ ଚଢ଼ଉରେ ସୁକିନ୍ଦା ଅବକାରୀ ବିଭାଗର ଏସ.ଆଇ ଭରତ କୁମାର ମିଶ୍ର, ଯାଜପୁର ଅବକାରୀ ବିଭାଗର ଏସ.ଆଇ ଶ୍ରୀକାନ୍ତ ପଣ୍ଡା ଏବଂ ବିଭୁପ୍ରସାଦ ସାହୁ ସଦଳବଳେ ସାମିଲ୍ ହୋଇଥିଲେ । ପ୍ରକାଶଥାଉକି ଖଣି ଅଞ୍ଚଳର ସୀମାନ୍ତ ଅଞ୍ଚଳ ଏବଂ ଢେଙ୍କାନାଳ ଜିଲ୍ଲା ସଂଲଗ୍ନ ଅଧିକାଂଶ ଗାଁ ଗୁଡିକରେ ବର୍ତ୍ତମାନ ନିର୍ଦ୍ଦ୍ୱନ୍ଦ୍ୱରେ ବ୍ୟାପକ ଦେଶୀ ମହୁଲି କାରବାର କରାଯାଉଛି ଏବଂ ଏହି ଅଞ୍ଚଳରୁ ସୁକିନ୍ଦା ଏବଂ କଳିଙ୍ଗନଗର ପର୍ଯ୍ୟନ୍ତ ବ୍ୟାପକ ପରିମାଣରେ କାରବାର କରାଯାଉଥିବାର ଅଭିଯୋଗ ହୋଇଆସୁଛି ।

## ବିଦ୍ୟୁତ୍ ସରବରାହରେ ତ୍ରୁଟି:ଜଳିଗଲା ଲକ୍ଷ ଲକ୍ଷ ଟଙ୍କାର ଯନ୍ତ୍ରାଂଶ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ନରଣପୁର ପଞ୍ଚାୟତ ଅନ୍ତର୍ଗତ ଅଲଣାପଦା ଗ୍ରାମରେ ଗୁରୁବାର ଭୟଙ୍କର ବିଦ୍ୟୁତ୍ ସଙ୍କଟ ଦେଖାଯାଇଥିଲା । ହଠାତ୍ ଗ୍ରାମର ପ୍ରତ୍ୟେକ ଘରେ ବିଦ୍ୟୁତ୍ ବଲ୍‌ବ ଗୁଡିକ ଠୋ ଠା ଶବ୍ଦ କରି ଫାଟିବା ସହିତ ଘରେ ଘରେ ଥିବା ବିଦ୍ୟୁତ ଉପକରଣ ସବୁ ଜଳିଯାଇଥିଲା । କାହାର ରେଫ୍ରିଜିରେଟର ତ କାହାର ବିଦ୍ୟୁତ୍ ପଙ୍ଖା, କାହାର ଗ୍ରାଇଣ୍ଡର ତ କାହାର ଇନ୍‌ଭଟର୍, ଏମିତି ଅନେକ ଘରର ପାଣି ପମ୍ପ, ଓ୍ୱାସିଙ୍ଗମେସିନ୍, ଟିଭି, ଏସି ପରି ଯନ୍ତ୍ରାଂଶ ନଷ୍ଟ ହୋଇଗଲା । ଲୋକେ ଭୟଭୀତ ହୋଇ ପରସ୍ପରକୁ ପଚାରିବାରୁ ପ୍ରାୟ ଲୋକଙ୍କ ଘରର ପରିସ୍ଥିତି ଏପରି ହୋଇଥିବା ଜଣାପଡିଥିଲା । ଲାଗିଥିବା ଭୋଲ୍ଟେଜ୍ ମିଟରରେ ଦେଖିବାରେ ଜଣାପଡିଲା କି ଗ୍ରାମରେ ଭୋଲ୍ଟେଜ ୪୪୦ ଭୋଲ୍ଟେଜର ବିଦ୍ୟୁତ ପ୍ରବାହିତ ହେଉଛି । ଗ୍ରାମରେ ଥିବା ଟ୍ରାନ୍ସଫର୍ମରରୁ



ସଟ୍‌ସର୍କିଟ୍ ହୋଇ ନିଆଁ ଝୁଲ ଖସୁଥିବା ଦେଖିବାକୁ ମିଳିଥିଲା । ବିଦ୍ୟୁତ୍ ବିଭାଗକୁ ଖବର ଦେବାପରେ ମଧ୍ୟ କେହି ବିଦ୍ୟୁତ୍ କର୍ମଚାରୀ କିମ୍ବା ମେଣ୍ଟେନାନ୍ସ କର୍ମଚାରୀଙ୍କ ଦେଖା ମିଳିଲାନାହିଁ । ଦେବଲୋଚନ ନାଏକ, ଶରତ ନାଏକ, ବିରବର ନାଏକ, ହୃଷିକେଶ ନାଏକ, ବିଶ୍ୱନାଥ ନାଏକ, ଭୀମସେନ ସାହୁ, ଜଗଦୀଶ ମହାକୁଡ଼, ଅକ୍ଷୟ ମହାନ୍ତ, ଜଗବନ୍ଧୁ ମହାକୁଡ଼, ତ୍ରିଲୋଚନ ମହାକୁଡ଼, ଘନଶ୍ୟାମ ମହାନ୍ତ, ଦୀନବନ୍ଧୁ ସେଣ୍ଠ ପ୍ରମୁଖ ଏ ନେଇ ଅଭିଯୋଗ କରିଛନ୍ତି । ବିଦ୍ୟୁତ୍ ବିଭାଗ ପ୍ରତି ସମୟରେ ମେଣ୍ଟେନାନ୍ସ ନାମରେ ବିଦ୍ୟୁତ୍ କାଟ୍ କରୁଥିବା ବେଳେ କାହା ତ୍ରୁଟି ପାଇଁ ଏତେ ବଡ଼ ଅଘଟଣ ଘଟିଲା ତାହାର ସମୀକ୍ଷା କରାଯିବା ଆବଶ୍ୟକ । ପ୍ରତି ମାସ ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ କରାଯାଉଥିବା ବେଳେ, ବିଦ୍ୟୁତ୍ ବିଭାଗର ଦାୟିତ୍ୱ ହୀନତା ଓ ତ୍ରୁଟି ପାଇଁ ଘଟିଥିବା ଏହି ଅଘଟଣ ଲାଗି ଲୋକଙ୍କର ହୋଇଥିବା ଲକ୍ଷ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ନଷ୍ଟର କ୍ଷତିପୂରଣ ଭରିବ କିଏ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି ।

## ଡାଲିଙ୍କୁ ଉମାଙ୍କ ଜବାବ:ବିଜେଡ଼ି ଆଜି ବି ଶକ୍ତିଶାଳୀ ଦଳ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଜେଡ଼ି ଓ ବିଜେପି ମଧ୍ୟରେ କଥା କଟାକଟି ହୋଇଛି । ବିଜେପି ନେତା ଅରବିନ୍ଦ ଡାଲି ବିଜେଡି ବସା ଭାଙ୍ଗିଯିବ ବୋଲି କହିଥିବା ବେଳେ ଏହାର କଡ଼ା ଜବାବ ଦେଇଛନ୍ତି ବିଜେଡି ନେତା ଉମା ସାମନ୍ତରାୟ । ଶ୍ରୀ ସାମନ୍ତରାୟ କହିଛନ୍ତି ବିଜେଡ଼ି ଆଜିବି ଶକ୍ତିଶାଳୀ ଦଳ । ନବୀନ ପଟ୍ଟନାୟକଙ୍କ ପ୍ରତି ଲୋକଙ୍କ ବିଶ୍ୱାସ ରହିଛି । ତାଙ୍କ କହିବାର କିଛି ଗୁରୁତ୍ୱ ନାହିଁ, ବିଜେଡ଼ିକୁ କିଛି ଫରକ୍ ପଡ଼ିବନି । ତାଙ୍କ ସ୍ଥିତି ଟଳମଳ । ପ୍ରଲୋଭନ ଓ ଚକ୍ରାନ୍ତ କରି ବିଜେପିକୁ ଯାଉଛନ୍ତି । ସେ ଆହୁରି କହିଛନ୍ତି ନିର୍ବାଚନରେ ହାର ଜିତ ଲାଗି ରହିଥାଏ । ଲୋକ ତାଙ୍କୁ ଭୋଟ୍ ଦେଇ ସରକାରକୁ ଆଣିଛନ୍ତି । ଏବେ ଅନୁଭବ କରିସାରିଲେଣି । ସରକାର କେମିତି ଚାଲିଛି । ଯେଉଁମାନେ ରଙ୍ଗ ବଦଳାନ୍ତି, ସେମାନଙ୍କ ଚରିତ୍ର ସେପରି ବୋଲି ସେ କହିଛନ୍ତି ।

# ଏମ୍‌କେସିଜିରେ ଅଧାରେ ଅଟକିଛି ରୋଗୀ ସେବା ସଦନ ନିର୍ମାଣ



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍ ପରିସରରେ ନିର୍ମାଣ ଚାଲିଥିବା ରୋଗୀ ସେବା ସଦନ ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ରହିଛି । ପ୍ରଥମରୁ ଏହି କୋଠା ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା ଠିକାଦାର ଜଣଙ୍କ କଳା ତାଲିକାଭୁକ୍ତ ହୋଇଯାଇଛନ୍ତି । ଏହା ଭିତରେ ପୁଣିଥରେ ନୂତନ ଟେଣ୍ଡର ଆହ୍ୱାନ କରାଯାଇଥିଲେ ମଧ୍ୟ ତାହା ସଫଳ ହୋଇପାରିନାହିଁ । ଫଳରେ ରୋଗୀ ସେବା ସଦନ ନିର୍ମାଣ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନାଥାଉକି, ଏମ୍‌କେସିଜି ମେଡ଼ିକାଲକୁ ପ୍ରତ୍ୟେକ ଦିନ ୩ ହଜାରରୁ ଅଧିକ ରୋଗୀ ଆସୁଛନ୍ତି । ଗଞ୍ଜାମ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ବଡ଼ ମେଡ଼ିକାଲ୍‌କୁ ରୋଗୀଙ୍କ ସୁଅ ଛୁଟୁଥିବା ବେଳେ ନିକଟବର୍ତ୍ତୀ ଜିଲ୍ଲା କନ୍ଧମାଳ, ଗଞ୍ଜାମ, ବୌଦ୍ଧ ଓ ପୁରୀ ଭଳି ଜିଲ୍ଲାରୁ ମଧ୍ୟ ରୋଗୀ ଏଠାକୁ ଆସୁଛନ୍ତି । ଏମ୍‌କେସିଜିରେ ରୋଗୀଙ୍କ ଭିଡ଼ ଯୋଗୁଁ ଗୋଟିଏ ଦିନରେ ଡ଼ାକ୍ତରଙ୍କୁ ଦେଖାଇବା, ରକ୍ତ ପରୀକ୍ଷା କରିବା, ଔଷଧ ନେବା ଭଳି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ । ଏଭଳି ସ୍ଥିତିରେ ଦୂର ଦୂରାନ୍ତରୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଏମ୍‌କେସିଜିରେ ଏକାଧିକ ଦିନ ରହିବାକୁ ପଡୁଛି । ସେହିପରି ଇନ୍‌ଡ଼ୋରରେ ଏକାଧିକ ଦିନ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କ ସମ୍ପର୍କୀୟମାନେ ମଧ୍ୟ ରାତି କାଟିବା ପାଇଁ ସମସ୍ୟା ଭୋଗୁଛନ୍ତି । ଏହିସବୁ ସମସ୍ୟାର ସମାଧାନ ପାଇଁ ଏମକେସିଜି ମେଡ଼ିକାଲ୍ ପରିସରରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ରୋଗୀ ସେବା ସଦନ ନିର୍ମାଣ କରିବାକୁ ୨ ବର୍ଷ ତଳେ ନିଷ୍ପତି ନିଆଯାଇଥିଲା । ଏହି କୋଠା ନିର୍ମାଣ ହେବା ପରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଅତି ସହଜରେ ଓ ସୁବିଧାରେ ରାତିରେ ରହି ପାରିବେ ବୋଲି କୁହାଯାଇଥିଲା । ଏମ୍‌କେସିଜି କର୍ତ୍ତୃପକ୍ଷଙ୍କ ପ୍ରସ୍ତାବ କ୍ରମେ ପାଓ୍ୱାରଗ୍ରୀଡ୍ କର୍ପୋରେସନ୍ ଏମ୍‌କେସିଜିରେ ୧୦୦ ଶଯ୍ୟା ବିଶିଷ୍ଟ ରୋଗୀ ସେବା ସଦନ ନିର୍ମାଣ କରିବ ବୋଲି ସହମତି ପ୍ରକାଶ କରିଥିଲା । ପାଓ୍ୱାରଗ୍ରୀଡ଼ ପକ୍ଷରୁ ବହୁ କୋଟି ଟଙ୍କା ବ୍ୟୟରେ ପିଜି ହଷ୍ଟେଲ୍ ନିକଟରେ ଥିବା ଖାଲି ସ୍ଥାନରେ ଗତବର୍ଷ ଠାରୁ ୭ ମହଲା ବିଶିଷ୍ଟ ଏହି କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ପାଓ୍ୱାରଗ୍ରୀଡ୍ ପକ୍ଷରୁ ହିଁ କୋଠା ନିର୍ମାଣ ପାଇଁ ଠିକାଦାର ନିଯୁକ୍ତ କରାଯାଇଥିଲା । ହେଲେ ଅଧାରୁ ଅଧିକ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଠିକାଦାର ଜଣଙ୍କ ନାମ ବନ୍ଦ କରି ଦେଇଥିଲେ । ଠିକ୍ ସମୟରେ ନିର୍ମାଣ କାର୍ଯ୍ୟ ଶେଷ ନକରିବାରୁ ପାଓ୍ୱାରଗ୍ରୀଡ୍ ପକ୍ଷରୁ ସମ୍ପୃକ୍ତ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରାଯାଇଥିବା ଶୁଣିବାକୁ ମିଳିଛି । ଏହାପରେ ଅଧା କୋଠାକୁ ସମ୍ପୂର୍ଣ୍ଣ କରିବାକୁ ପାଓ୍ୱାରଗ୍ରୀଡ୍ ପକ୍ଷରୁ ନୂତନ ଭାବେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ହେଲେ କେବଳ ଜଣେ ହିଁ ଟେଣ୍ଡର ପକାଇଥିବାରୁ ସେହି ପ୍ରକ୍ରିୟା ସଫଳ ହୋଇପାରିନଥିଲା । ବର୍ତ୍ତମାନ ପୁଣିଥରେ ଟେଣ୍ଡର ପ୍ରକାଶ କରିବାକୁ ପାଓ୍ୱାରଗ୍ରୀଡ୍ ପକ୍ଷରୁ ଯୋଜନା ହୋଇଥିବା ଶୁଣିବାକୁ ମିଳିଛି ।

# ବିମାନ ବନ୍ଦର ସମ୍ପ୍ରସାରଣ ଭେଲିକି:ବ୍ରହ୍ମପୁର-ଭୁବନେଶ୍ୱର ବିମାନ ସେବା ବନ୍ଦ

**ଗୋପାଳପୁର, ନ୍ୟୁଜ୍ ବ୍ୟୁରୋ**

ରଙ୍ଗେଇଲୁଣ୍ଡା ବିମାନ ପଡିଆ (ଏୟାରଷ୍ଟ୍ରିପ୍)ରୁ ବହୁ ପ୍ରତିକ୍ଷିତ ଭୁବନେଶ୍ୱର-ବ୍ରହ୍ମପୁର ଓ ବ୍ରହ୍ମପୁର-ଭୁବନେଶ୍ୱର ବିମାନ ସେବା ବନ୍ଦ ହୋଇଯାଇଛି । ଚଳିତ ମାସରୁ ବିମାନ ସେବା ବନ୍ଦ ରହିବ ବୋଲି ଜଣାପଡିଛି । ପରିଚାଳନା ସମସ୍ୟା ଯୋଗୁ ବିମାନ ସେବା ବାତିଲ୍ କରାଯାଇଥିବା ବିମାନସେବା ପ୍ରଦାନ କରୁଥିବା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ବିମାନସେବା ବନ୍ଦ ହେବା ଫଳରେ ଏହା ଉପରେ ନିର୍ଭର କରୁଥିବା ବ୍ରହ୍ମପୁର ସମେତ ଜିଲ୍ଲାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଅନ୍ୟ ପଟେ ବିମାନ ବନ୍ଦର ସମ୍ପ୍ରସାରଣ କାମ ଚାଲୁ ରହିଥିବା ସହ କିଛି ଦିନ ମଧ୍ୟରେ ରନଓ୍ୱେ କାମ ଆରମ୍ଭ ହେଉଥିବାରୁ ବିମାନ ଚଳାଚଳ ବନ୍ଦ କରିବାକୁ ଜୁଲାଇରେ ବାଣିଜ୍ୟ ଓ



ପରିବହନ ବିଭାଗ ପକ୍ଷରୁ ଗଞ୍ଜାମ ରାସ୍ତା ଓ କୋଠାବାଡ଼ି ବିଭାଗକୁ ଅବଗତ କରାଯାଇଥିଲା । ଫଳରେ ବିମାନ ପଡିଆ ସମ୍ପ୍ରସାରଣ କାମ ସରିବା ପରେ ହିଁ ପୁଣିଥରେ ଏଠାରୁ ବିମାନ ଚଳାଚଳ ଆରମ୍ଭ ହୋଇପାରେ ବୋଲି ସୂଚନା ମିଳିଛି । ଗତ ମେ ମାସରୁ ଏଠାକୁ ଚଳାଚଳ କରୁଥିବା ଇଣ୍ଡିଆ ଓ୍ୱାନ୍ ବିମାନ ନିୟମିତ ଆସୁନଥିଲା । ପୂର୍ବରୁ ସପ୍ତାହରେ ରବିବାର ଓ ବୁଧବାର ଚଳାଚଳ କରୁଥିବାବେଳେ ୩ ମାସ ହେଲା କେବଳ ବୁଧବାର ହିଁ ବିମାନ ସେବା ଚାଲୁଥିଲା । ଏବେ ବିମାନଚଳାଚଳ ବନ୍ଦ ହୋଇଯାଇଥିବାରୁ କେବେ ପୁଣି ଏଠାରୁ ବିମାନସେବା ଆରମ୍ଭ ହେବ ତାହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଚଳିତବର୍ଷ ଡିସେମ୍ବର ସୁଦ୍ଧା ନିର୍ମାଣ କାର୍ଯ୍ୟ ସାରିବାକୁ ଦିନ ଧାର୍ଯ୍ୟ କରାଯାଇଛି । ସୂଚନାଯୋଗ୍ୟ, ବ୍ରିଟିଶ ଅମଳ ତଥା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରୁ ବ୍ରହ୍ମପୁର ସନ୍ନିକଟ ଭଞ୍ଜବିହାର ଠାରେ ବିମାନ ପଡ଼ିଆ ନିର୍ମାଣ କରାଯାଇଥିଲା । କାଳକ୍ରମେ ଏହି ବିମାନ ପଡିଆ ଓଡ଼ିଶା ସରକାର, କେନ୍ଦ୍ରୀୟ ପ୍ରତିରକ୍ଷା ବିଭାଗ, ବେସରକାରୀ ପ୍ରତିଷ୍ଠାନ ଦ୍ୱାରା ବ୍ୟବହୃତ ହୋଇଆସୁଥିଲା । ୨୦୧୮ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶାର କେତେକ ଛୋଟ ବିମାନ ବନ୍ଦରର ରୂପାନ୍ତରୀକରଣ ନିମନ୍ତେ ସେଗୁଡ଼ିକୁ 'ଉଡାନ' ଯୋଜନାରେ ସାମିଲ୍ କରାଯାଇଥିଲା । କିନ୍ତୁ ରଙ୍ଗେଇଲୁଣ୍ଡା ବିମାନପଡିଆ (ଏୟାରଷ୍ଟ୍ରିପ୍) ପାଇଁ ଠିକ୍ ସମୟରେ ଡିପିଆର ପ୍ରସ୍ତୁତ କରାଯାଇ ପାରିନଥିବାରୁ ବିମାନ ପଡିଆ 'ଉଡାନ' ଯୋଜନାରେ ସାମିଲ୍ ହେବାରୁ ବଞ୍ଚିତ ହୋଇଥିଲା । ଶେଷରେ ଗତ ବିଜେଡି ସରକାର ୨୦୨୩ ମାର୍ଚ୍ଚ ୫ ତାରିଖରେ ତରବରିଆ ଭାବେ ୪୦ ଏକର ପରିମିତ ତଥା ୭୫୦ ମିଟର ରନଓ୍ୱେ ବିଶିଷ୍ଟ ବିମାନ ପଡିଆରୁ ଭୁବନେଶ୍ୱର ଓ ବ୍ରହ୍ମପୁର ମଧ୍ୟରେ ବିମାନ ସେବା ଶୁଭାରମ୍ଭ କରିଥିଲେ । ଏଠାରୁ ସପ୍ତାହରେ ଦୁଇଦିନ ୯ ଆସନ ବିଶିଷ୍ଟ ନନ୍ ସେଡ୍ୟୁଲଡ ବିମାନ ଚଳାଚଳ ଆରମ୍ଭ କରାଯାଇଥିଲା । ଅନେକ ସମୟରେ କେବଳ ଜଣେ ଯାତ୍ରୀଙ୍କୁ ନେଇ ବିମାନ ଚଳାଚଳ ସହ କେବେ କେବେ ବିନା ଯାତ୍ରୀରେ ଏଠାରୁ ବିମାନ ଯାତ୍ରା କରି ଆସୁଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୩୧ କୋଟି ୫ ଲକ୍ଷ ୭୩ ହଜାର ୨୬୦ ଟଙ୍କା ବ୍ୟୟ ଅଟକଳରେ ଗତ ଡିସେମ୍ବର ୨୭ ତାରିଖରୁ ବିମାନ ବନ୍ଦରର ଉନ୍ନତିକରଣ କାମ ଚାଲୁ ରହିଥିବା ବେଳେ ଆସନ୍ତା ଡିସେମ୍ବର ୨୬ ତାରିଖ ସୁଦ୍ଧା ନିର୍ମାଣ କାମ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୪ ଅଗଷ୍ଟ, ରବିବାର,୨୦୨୪


## ପ୍ୟାରିସ୍ ଅଲିମ୍ପିକ୍ସ
# କ୍ୱାର୍ଟର ଫାଇନାଲରେ ଦୀପିକା ଶୁଟ ଅଫରେ ହାରିଗଲେ ଭଜନ କୌର



**ପ୍ୟାରିସ୍**

ଦେଶର ଷ୍ଟାର ତୀରନ୍ଦାଜ ଦୀପିକା କୁମାରୀ ଦମଦାର ଢଙ୍ଗରେ ନିଜର ମ୍ୟାଚ୍ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ପ୍ୟାରିସ ଅଲିମ୍ପିକ୍ସର ତୀରନ୍ଦାଜି ଇଭେଣ୍ଟରୁ ଭାରତ ପାଇଁ ଆସିଛି ମିଶ୍ରିତ ଫଳ। ଦେଶର ଷ୍ଟାର ତୀରନ୍ଦାଜ ଦୀପିକା କୁମାରୀ ଦମଦାର ଢଙ୍ଗରେ ନିଜର ମ୍ୟାଚ୍ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

କିନ୍ତୁ ଭାରତର ଅନ୍ୟତମ ଯୁବ ତୀରନ୍ଦାଜ ଭଜନ କୌର ପ୍ରି-କ୍ୱାର୍ଟର ଫାଇନାଲରେ ହାରି ଯାଇଛନ୍ତି । ସେ ଦମଦାର ପ୍ରଦର୍ଶନ କରିଥିଲେ ହେଁ ଶୁଟ ଅଫରେ ଇଣ୍ଡୋନେସିଆର ଦିୟାନନ୍ଦା ଠାରୁ ହାରି ଯାଇଛନ୍ତି।

ପ୍ରି-କ୍ୱାର୍ଟର ପ୍ରଥମ ସେଟକୁ ଇଣ୍ଡୋନେସିଆର ଦିୟାନନ୍ଦା ୨୯-୨୮ରେ ଜିତିଥିଲେ। ଦ୍ୱିତୀୟ ସେଟରେ ଭଜନ କମବ୍ୟାକ କରି ୨୭-୨୫ରେ ବାଜି ମାରି ନେଇଥିଲେ। ତୃତୀୟ ସେଟ ଦିୟାନନ୍ଦାଙ୍କ ସପକ୍ଷରେ ଯାଇଥିଲା।

୪ର୍ଥ ସେଟ ଟାଇ ହୋଇଥିଲା। ୫ମ ସେଟରେ ଭଜନ କୌର ଚମତ୍କାର ପ୍ରଦର୍ଶନ କରି ୨୭-୨୬ରେ ଜିତି ନେଇଥିଲେ। ଫଳରେ ଉଭୟଙ୍କ ୫ ପଏଣ୍ଟ ହୋଇଯାଇଥିଲା। ଫଳରେ ମ୍ୟାଚ୍ ଶୁଟ ଅଫକୁ ଯାଇଥିଲା। ଶୁଟ ଅଫରେ ଦିୟାନନ୍ଦା ୯ ପଏଣ୍ଟ ହାସଲ କରିବାରୁ ଭଜନଙ୍କ ପାଖରେ ମ୍ୟାଚ୍ କବଜା କରିବାକୁ ସୁଯୋଗ ରହିଥିଲା। କିନ୍ତୁ ସେ ମାତ୍ର ୮ ପଏଣ୍ଟକୁ ହିଟ କରିଥିଲେ। ଫଳରେ ଦିୟାନନ୍ଦା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ଏହାପୂର୍ବରୁ ସମାନ ମହିଳା ଏକକ ବର୍ଗର ଆଉ ଏକ କ୍ୱାର୍ଟର ଫାଇନାଲରେ ଭାରତର ଦୀପିକା କୁମାରୀ ୬-୪ରେ ଜର୍ମାନୀର ମିଚେଲ କ୍ରୋପେନଙ୍କୁ ପରାସ୍ତ କରିଥିଲେ। ଦୀପିକା ପ୍ରଥମ ସେଟକୁ ୨୭-୨୪ରେ ଜିତିଥିବା ବେଳେ ଦ୍ୱିତୀୟ ସେଟ ୨୭-୨୭ରେ ଟାଇ ହୋଇଥିଲା।

ତୃତୀୟ ସେଟକୁ ଦୀପିକା ୨୬-୨୧ରେ ପୁଣି ଜିତିଥିଲେ। ୪ର୍ଥ ସେଟକୁ ୨୯-୨୭ରେ ଜିତି ନେଇଥିଲେ। କ୍ରୋପେନ ୫ମ ସେଟ ୨୭-୨୭ରେ ଟାଇ ହେବାକୁ ଦୀପିକା ୬-୪ରେ ମ୍ୟାଚ୍ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏବେ ତାଙ୍କର ମୁକାବିଲା ଭଜନଙ୍କୁ ହରାଇଥିବା ଇଣ୍ଡୋନେସିଆର ଦୟାନନ୍ଦାଙ୍କ ସହ ହେବ।

## ଆଇସିସି ନେଲା ବଡ଼ ନିଷ୍ପତ୍ତି
# ଚମ୍ପିଆନ୍ସ ଟ୍ରଫି ଖେଳିବାକୁ ପାକିସ୍ତାନ ଯିବନାହିଁ ଭାରତ



**ନୂଆଦିଲ୍ଲୀ**

ଯଦିଓ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏପର୍ଯ୍ୟନ୍ତ କୌଣସି ଅଫିସିଆଲ ବିବୃତ୍ତି ଦେଇନାହିଁ, ଆଗାମୀ ଚମ୍ପିଆନ୍ସ ଟ୍ରଫିରେ ଭାରତ ଏହାର ସମସ୍ତ ମ୍ୟାଚ ପାକିସ୍ତାନ ବାହରେ ଖେଳିବ। ଆଇସିସିର ଏ ନିଷ୍ପତ୍ତି ପରେ ଏହି ସମ୍ଭାବନା ସତରେ ପରିଣତ ହେବାକୁ ଯାଉଛି। କ୍ରିକବଜ ରିପୋର୍ଟ ଅନୁଯାୟୀ କଲମ୍ବୋରେ ଅନୁଷ୍ଠିତ ବାର୍ଷିକ ସାଧାରଣ ସଭା (ଏଜିଏମ୍) ରେ ଆଇସିସି ପ୍ରାୟ ୬୫ ମିଲିୟନ ଡଲାରର ବଜେଟ ଅନୁମୋଦନ କରିଛି । ଏହି ବଜେଟରେ ପାକିସ୍ତାନ ବାହାରେ କିଛି ଖେଳ ମ୍ୟାଚ ସହିତ ଜଡିତ ଖର୍ଚ୍ଚ ହେବ।

ଆସନ୍ତା ବର୍ଷ ପାକିସ୍ତାନରେ ଖେଳାଯିବାକୁ ଥିବା ଚମ୍ପିଅନ୍ସ ଟ୍ରଫି ପାଇଁ ଯଦି ଭାରତୀୟ ଦଳ ପାକିସ୍ତାନ ଯିବାକୁ ମନା କରିବ। ତେବେ ଆଇସିସି ସମସ୍ତ ସମ୍ଭାବନା ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡିଛି। ମାର୍ଚ୍ଚ ୨୦୨୪ ରେ ପାକିସ୍ତାନରେ ପ୍ରସ୍ତାବିତ ମ୍ୟାଚ ସ୍ଥାନଗୁଡିକର ଏକ ଯୋଜନା ବିଷୟରେ ପୂର୍ବରୁ ଅନୁଧ୍ୟାନ ସାରିଛି। ମ୍ୟାଚ ପୂର୍ବରୁ ସୁବିଧା ଗୁଡ଼ିକର ନବୀକରଣ ପାଇଁ ଲାହୋର, କରାଚି ଏବଂ ରାୱଲପିଣ୍ଡି ତିନୋଟି ଷ୍ଟାଡିୟମରେ ବହୁ ପରିମାଣର ନବୀକରଣ କାର୍ଯ୍ୟ ଚାଲିଛି, ଯାହାର ଦାୟିତ୍ୱ ପିସିବି ନେଇଛି।

ତେବେ ବଜେଟ ସମ୍ବନ୍ଧରେ ଦେଖିଲେ ପ୍ରତିଯୋଗିତା ପାଇଁ ପ୍ରାୟ ୩୫ ମିଲିୟନ ଡଲାର ପ୍ରଦାନ କରାଯାଇଥିଲା ବେଳେ ଏଥିରେ ଅଂଶଗ୍ରହଣ ଏବଂ ପୁରସ୍କାର ରାଶି ପାଇଁ ଅତିରିକ୍ତ ୨୦ ମିଲିୟନ ଡଲାର ଦିଆଯାଇଛି। ସେହିପରି ୧୫ ମ୍ୟାଚ୍, ୨୦ ଦିନିଆ ଟୁର୍ଣ୍ଣାମେଣ୍ଟକୁ ଟେଲିଭିଜନ ସହିତ ଜଡିତ ଉତ୍ପାଦନ ଖର୍ଚ୍ଚ ପାଇଁ ଆଉ ୧୦ ମିଲିୟନ ଡଲାର ଅନୁମୋଦନ କରାଯାଇଛି।

# ପ୍ୟାରିସ ଅଲିମ୍ପିକ୍ସରେ ଆଥ୍ଲେଟଙ୍କୁ ଖାଇବା ପାଇଁ କରିବାକୁ ପଡୁଛି ସଂଘର୍ଷ

**ପ୍ୟାରିସ୍**

ପ୍ୟାରିସ୍ ଅଲିମ୍ପିକ୍ସ ଆରମ୍ଭ ହେବା ପରଠାରୁ ଆୟୋଜକ କମିଟି ସ୍ଥାନ ତଥା କ୍ରୀଡ଼ା ଗ୍ରାମରେ ସୁବିଧା ଅଭାବକୁ ନେଇ ବିଦେଶୀ ଖେଳାଳି ଏବଂ ଦଳର ସଦସ୍ୟଙ୍କୁ କଡ଼ା ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଛି।

ଜଣେ ଆଥଲେଟ ନାମ ଗୋପନ ରଖିବା ସର୍ତ୍ତରେ ଆଇଏନ୍ଏସ୍‌କୁ କହିଛନ୍ତି ଯେ ଯେତେବେଳେ ଆମେ ଆମର ଇଭେଣ୍ଟରେ ଅଂଶଗ୍ରହଣ କରିବା ପରେ ଫେରୁଥିଲୁ, କ୍ରୀଡ଼ା ଗ୍ରାମରେ ଖାଦ୍ୟ ଉପଲବ୍ଧ ନାହିଁ। ଯେତେବେଳେ ଆମେ ଆୟୋଜକ କମିଟି ଅଧିକାରୀଙ୍କୁ ଏହାର କାରଣ ପଚାରିଥିଲୁ, ସେମାନଙ୍କର କୌଣସି ଉତ୍ତର ନଥିଲା। ଆୟୋଜକ କମିଟି ତୁରନ୍ତ ଏହି ମୌଳିକ ସୁବିଧା ପ୍ରତି ଧ୍ୟାନ ଦେବା ଉଚିତ୍।

ଅନ୍ୟ ଜଣେ ଖେଳାଳି କହିଛନ୍ତି, ଆମର ଆବଶ୍ୟକତା ବୁଝାଇବାରେ ଅସୁବିଧା ହେଉଛି। ଏପରିକି ଜଣେ ଷ୍ଟାର ଆନ୍ତର୍ଜାତୀୟ ଟେନିସ୍ ଖେଳାଳି, ଯାହାଙ୍କ ନାମ ମୁଁ ପ୍ରକାଶ କରିପାରିବି ନାହିଁ, ସେ ଖାଦ୍ୟ ପାଇଲେ ନାହିଁ, ଯାହା ଆମ ସମସ୍ତଙ୍କୁ ଚକିତ କରିଥିଲା।

# କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରି କ୍ରୀଡ଼ା ଭିତ୍ତିଭୂମିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ସକାଳେ ପ୍ରାତଃଭ୍ରମଣ ସମୟରେ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନରେ ଯାଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ କ୍ରୀଡ଼ା ଭିତ୍ତିଭୂମି ସହିତ ଷ୍ଟାଡିୟମର ଅନ୍ୟାନ୍ୟ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି।

ଏହି ଅବସରରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡା ବିଭାଗର ବରିଷ୍ଠ ଅଧିକାରୀ ଏବଂ ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସୂରଜ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି ।



# ପ୍ୟାରିସ ଅଲିମ୍ପିକ୍ସ: ମଉଳିଗଲା ମନୁଙ୍କ ହ୍ୟାଟ୍ରିକ ମେଡାଲ ଆଶା

**ପ୍ୟାରିସ୍**

ପ୍ୟାରିସ ଅଲିମ୍ପିକ୍ସର ୨୫ ମିଟର ପିସ୍ତଲ ଫାଇନାଲରେ ଚତୁର୍ଥ ସ୍ଥାନରେ ରହି ଯାଇଛନ୍ତି ମନୁ ଭାକର। ଗୋଟିଏ ଇଭେଣ୍ଟରେ ଦୁଇଟି ପଦକ ଜିତି ଇତିହାସ ରଚିଥିବା ଶୁଟର ମନୁ ଭାକର ଶେଷରେ ନିରାସ ହୋଇଛନ୍ତି । ପ୍ୟାରିସ ଅଲିମ୍ପିକ୍ସର ୨୫ ମିଟର ପିସ୍ତଲ ଫାଇନାଲରେ ଚତୁର୍ଥ ସ୍ଥାନରେ ରହି ଯାଇଛନ୍ତି । ମନୁ ଭାକର ଫଳରେ ହ୍ୟାଟ୍ରିକ ମେଡାଲ ଆଶା ମଉଳି ଯାଇଛି।

ଫାଇନାଲ ଫାଇଟରେ ଏକ ସମୟରେ ମନୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଚତୁର୍ଥ ସ୍ଥାନକୁ ଖସି ଆସିଥିଲେ ହଙ୍ଗେରୀର ବେରୋଣିକା ମେଜର।



ତାଙ୍କୁ ପଛରେ ପକାଇ ବ୍ରୋଞ୍ଜ ବିଜୟୀ ହୋଇଛନ୍ତି । ସେହିପରି ଦକ୍ଷିଣ କୋରିଆ ପ୍ରଥମରେ ରହି ସ୍ୱର୍ଣ୍ଣ ବିଜେତା ହୋଇ ଥିବାବେଳେ ଫ୍ରାନ୍ସ ରୌପ୍ୟ ଜିତି ନେଇଛି।

୨୨ ବର୍ଷୀୟ ମନୁ ୨୫ ମିଟର ପିସ୍ତଲ ଫାଇନାଲରେ ପଦକ ଜିତି ପାରିନଥିଲେ ମଧ୍ୟ ପୂର୍ବ ଦୁଇ ଇଭେଣ୍ଟରେ ବ୍ରୋଞ୍ଜ ବିଜୟୀ ହୋଇ ଭାରତକୁ ଗର୍ବିତ କରିଛନ୍ତି। ସେ ୧୦ ମିଟର ଏୟାର ପିସ୍ତଲ ମହିଳା ବର୍ଗରେ ଭାରତକୁ ପ୍ରଥମ ବ୍ରୋଞ୍ଜ ପଦକ ଭେଟି ଦେଇଥିଲେ। ଏହାପରେ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଇଭେଣ୍ଟରେ ମଧ୍ୟ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ଜିତିଥିଲେ।

ମିକ୍ସଡ ଇଭେଣ୍ଟରେ ତାଙ୍କ ସହ ସରବଜତ ସିଂହ ରହିଥିଲେ। ମନୁ ନିଜର ହ୍ୟାଟ୍ରିକ ମେଡାଲ ସହ ଭାରତକୁ ଆଉ ଏକ ପଦକ ଭେଟି ଦେବା ନେଇ ଆଶା କରା ଯାଉଥିଲା। କିନ୍ତୁ ସେ ୨୫ ମିଟର ପିସ୍ତଲ ଫାଇନାଲରେ କୌଣସି ପଦକ ଜିତି ପାରିନାହାନ୍ତି । ଏଥିସହ ମନୁଙ୍କ ପ୍ୟାରିସ ଅଲିମ୍ପିକ୍ସ ଯାତ୍ରା ଶେଷ ହୋଇଛି। ଅନ୍ୟପଟେ ଭାରତ ଏଯାଏ ପ୍ୟାରିସ ଅଲିମ୍ପିକ୍ସରେ ୩ଟି ପଦକ ଜିତିଛି ମନୁ ଓ ସରବଜୋଙ୍କ ବ୍ୟତୀତ ୫୦ ମିଟର ରାଇଫଲ ଥ୍ରୀ ପୋଜିସନରେ ସ୍ୱପ୍ନିଲ କୁଶାଲେ ବ୍ରୋଞ୍ଜ ବିଜୟୀ ହୋଇଛନ୍ତି।

# ରାଜ୍ୟସଭା ରେସ୍‌ରେ ମନମୋହନ ଆଗରେ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟସଭା ସାଂସଦ ପଦରୁ ମମତା ମହାନ୍ତ ଇସ୍ତଫା ପ୍ରଦାନ କରିବା ପରେ ଯେଉଁ ଆସନଟି ଖାଲିପଡିଲା ସେଥିପାଇଁ ବିଜେପିରୁ କେଉଁ ନେତାଙ୍କୁ ପଠାଯିବ ବା ଚୟନ କରାଯିବ ସେ ନେଇ ଦଳୀୟ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସଂଖ୍ୟା ଦୃଷ୍ଟିରୁ ଏହି ଆସନରେ ବିଜେପି ପ୍ରାର୍ଥୀ ହିଁ ସାଂସଦ ହେବା ନିଶ୍ଚିତ ହୋଇଥିବାରୁ ଦଳର ଅନ୍ୟ ବରିଷ୍ଠ ନେତାଙ୍କ ନାମ ଉପରେ ଆଲୋଚନା ଆରମ୍ଭ ହୋଇଗଲାଣି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନାମ ସବୁଠାରୁ ଆଗରେ ରହିଛି। ସେହିପରି ପୂର୍ବତନ ସଭାପତି ସମୀର ମହାନ୍ତି ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ନାମକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଯଦିଓ ବିଜେପି ସଂସଦୀୟ ବୋର୍ଡ ଓଡ଼ିଶାରୁ କେଉଁ ନେତାଙ୍କୁ ରାଜ୍ୟସଭା ସାଂସଦ ପଦ ପାଇଁ ମନୋନୟନ ଚୂଡାନ୍ତ କରିବେ ତା ପୂର୍ବରୁ ଏହି ପଦ ପାଇଁ ଦଳୀୟ ନେତାଙ୍କ ମଧ୍ୟରେ ଲବି ଆରମ୍ଭ ହୋଇଛି।

ଓଡ଼ିଶାରେ ୨୪ବର୍ଷ ଧରି ଶାସନ କ୍ଷମତାରେ ଥିବା ବିଜୁ ଜନତା ଦଳ ଗତ ନିର୍ବାଚନରେ ପରାଜୟ ଲାଭ କରିଥିବା ବେଳେ ପ୍ରଥମ ଥର ପାଇଁ



ବିଜେପି ସରକାର ଗଠନ ହୋଇଛି। ରାଜ୍ୟରେ ବିଜେପିକୁ ବିଜୟୀ କରାଇବାରେ ରାଜ୍ୟସଭାପତି ଶ୍ରୀ ସାମଲଙ୍କର ବଳିଷ୍ଠ ଭୂମିକା ରହିଥିବା କୁହାଯାଉଛି। ସେଥିପାଇଁ ରାଜ୍ୟସଭା ସାଂସଦ ପଦ ନିମନ୍ତେ ଶ୍ରୀ ସାମଲଙ୍କ ନାମ ଉପରେ ଦଳ ମୋହର ମାରିପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ମୟୂରଭଞ୍ଜ ଜିଲ୍ଲାରେ ବିଜେପିର ବିଜୟ କ୍ଷେତ୍ରରେ ବିଶ୍ୱେଶ୍ୱର ଟୁଡୁଙ୍କ ଭୂମିକା ଥିବାରୁ ତାଙ୍କ ନାମ ମଧ୍ୟ ଏହି ପଦ ଲାଗି ଆଲୋଚନା ହେଉଛି। ଏଠାରେ ସୂଚନାଯୋଗ୍ୟ ଯେ, ଗତ ନିର୍ବାଚନରେ ବିଜେପିରୁ ୭୮ ଜଣ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ଆଉ ତିନିଜଣ ସ୍ୱାଧୀନ ପ୍ରାର୍ଥୀ ବିଜେପିକୁ ସମର୍ଥନ ଦେଇଛନ୍ତି। ସେ ଦୃଷ୍ଟିରୁ ରାଜ୍ୟସଭା ସାଂସଦ ଆସନଟି ସହଜରେ ବିଜେପି ଅକ୍ତିଆର କରିବା ସୁନିଶ୍ଚିତ ହୋଇଛି।

# ୱାଇ.ବି ଖୁରାନିଆ ହେବେ ପରବର୍ତ୍ତୀ ପୋଲିସ୍ ମୁଖ୍ୟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ପରବର୍ତ୍ତୀ ପୋଲିସ୍ ମୁଖିଆ ହେବେ ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ୱାଇ.ବି. ଖୁରାନିଆ। କେନ୍ଦ୍ର କ୍ୟାବିନେଟ୍ କମିଟି ତାଙ୍କ ଡେପୁଟେସନ ଅବଧିକୁ ଆଗୁଆ ସମାପ୍ତ କରି ଓଡ଼ିଶା କ୍ୟାଡରକୁ ଫେରାଇ ଦେବା ପରେ ଶ୍ରୀ ଖୁରାନିଆ ରାଜ୍ୟର ନୂଆ ପୋଲିସ୍ ମହାନିର୍ଦ୍ଦେଶକ ହେବେ ବୋଲି ଜଣାପଡିଛି। ସଂପ୍ରତି ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ଅରୁଣ କୁମାର ଷଡଙ୍ଗୀ ଅସ୍ଥାୟୀ ଡିଜି ଭାବେ କାର୍ଯ୍ୟ କରୁଛନ୍ତି। କେନ୍ଦ୍ର ସରକାରଙ୍କ କର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଜୁଲାଇ ୨୬ ତାରିଖ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପ୍ରସ୍ତାବ



ଆଧାରରେ ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ଶ୍ରୀ ଖୁରାନିଆଙ୍କୁ ଓଡ଼ିଶା କ୍ୟାଡରକୁ ଫେରାଇ ଦେବା ପାଇଁ କେନ୍ଦ୍ର ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଅନୁମୋଦନ କରିଛନ୍ତି। କେନ୍ଦ୍ରୀୟ ଡେପୁଟେସନକୁ ଆଗୁଆ ସମାପ୍ତ କରି ବି. ଖୁରାନିଆଙ୍କୁ ଓଡ଼ିଶା ଫେରାଇ ଦିଆଯାଇଥିବାରୁ ସେ ରାଜ୍ୟର ପରବର୍ତ୍ତୀ ପୋଲିସ୍ ଡିଜିପି ହେବା ସ୍ପଷ୍ଟ ହୋଇଛି।

# ତୀରନ୍ଦାଜିରେ ପଦକ ଜିତିବା ସ୍ୱପ୍ନ ଅଧାରେ ରହିଲା, ଶେଷ ଖେଳାଳି ଦୀପିକା ବି ହାରିଲେ

**ପ୍ୟାରିସ୍**

ଶନିବାର କ୍ୱାର୍ଟର ଫାଇନାଲରେ ଦୀପିକାଙ୍କ ମୁକାବିଲା ଦକ୍ଷିଣ କୋରିଆର ସୁ-ହେଓନଙ୍କ ସହ ହୋଇଥିଲା । ଦୀପିକା ଆଗରେ ଥିଲେ ମଧ୍ୟ ଶେଷରେ ମ୍ୟାଚ୍ ହାରି ବାହାରର ରାସ୍ତା ଦେଖିଛନ୍ତି।

ତୀରନ୍ଦାଜିରୁ ଅଲିମ୍ପିକ୍ସ ପଦକ ପାଇଁ ଦୀର୍ଘ ୩୬ ବର୍ଷ ହେଲା ଭାରତ କରିଥିବା ଅପେକ୍ଷା ଆହୁରି ଲମ୍ବା ହୋଇଛି । ପ୍ୟାରିସ ଅଲିମ୍ପିକ୍ସରେ ଭାରତର ସମସ୍ତ ତୀରନ୍ଦାଜ ବିନା ପଦକରେ ନିଜର ଅଭିଯାନ ଶେଷ କରିଛନ୍ତି।

ପୁରୁଷ ଏକକ, ମହିଳା ଏକକ, ପୁରୁଷ ଟିମ, ମହିଳା ଟିମ, ମିକ୍ସଡ ଟିମ ଭଳି ଇଭେଣ୍ଟରେ ଭାରତ ଭାଗ ନେଇଥିଲେ ହେଁ ସବୁ ଥରେ ଦେଶକୁ



ନିରାଶ ହେବାକୁ ପଡ଼ିଛି। ଧୀରଜ ଓ ଅଙ୍କିତା ଯୋଡ଼ି ସେମି ଫାଇନାଲ ଯାଏ ଯାଇଥିଲେ ହେଁ ଶୁକ୍ରବାର ବିନା ପଦକରେ ନିଜର ଅଭିଯାନ ଶେଷ କରିଥିଲେ।

ମିକ୍ସଡ ଟିମରେ ଏମାନେ ହାରିବା ପରେ ଆଜି ଷ୍ଟାର ଖେଳାଳି ଦୀପିକା କୁମାରୀଙ୍କ ଉପରେ ସାରା ଦେଶର ନଜର ଥିଲା ହେଲେ ସେ ମଧ୍ୟ କ୍ୱାର୍ଟର ଫାଇନାଲରେ ହାରି ସମସ୍ତଙ୍କୁ ନିରାଶ କରିଛନ୍ତି । ଦୀପିକାଙ୍କ ପରାଜୟ ସହ ଚଳିତ ପ୍ୟାରିସ ଅଲିମ୍ପିକ୍ସରେ ଭାରତର ତୀରନ୍ଦାଜି ଅଭିଯାନ ଶେଷ ହୋଇଛି। ବିନା ପଦକରେ ଦଳକୁ ସ୍ୱଦେଶ ଫେରିବାକୁ ପଡ଼ିଛି।

ଆଜି କ୍ୱାର୍ଟର ଫାଇନାଲରେ ଦୀପିକାଙ୍କ ମୁକାବିଲା ଦକ୍ଷିଣ କୋରିଆର ସୁ-ହେଓନଙ୍କ ସହ ହୋଇଥିଲା। ଦୀପିକା ଆଗରେ ଥିଲେ ମଧ୍ୟ ଶେଷରେ ମ୍ୟାଚ୍ ହାରି ବାହାରର ରାସ୍ତା ଦେଖିଛନ୍ତି। ଗୁରୁତ୍ୱପୂର୍ଣ୍ଣ ୫ମ ସେଟରେ ସେ ୨୭-୨୯ରେ ସୁଙ୍କ ଠାରୁ ହାରିଥିଲେ। ସୁ ୬-୪ରେ ମ୍ୟାଚ ଜିତି ସେମିରେ ପ୍ରବେଶ କରିଛନ୍ତି।

ପ୍ରଥମ ସେଟକୁ ଦୀପିକା ବେଶ ଚମତ୍କାର ଢଙ୍ଗରେ ୨୮-୨୬ରେ ଜିତିଥିଲେ। ଦ୍ୱିତୀୟ ସେଟକୁ ସୁ ୨୮-୨୫ରେ କବଜା କରିଥିଲେ। ତୃତୀୟ ସେଟ ଦୀପିକା ପୁଣି ୨୯-୨୮ରେ ଜିତିଥିଲେ। ଏଥିସହ ବ୍ୟବଧାନକୁ ୪-୨ କରି ଦେଇଥିଲେ। କିନ୍ତୁ ସୁ ଦମଦାର କମବ୍ୟାକ କରି ୪ର୍ଥ ସେଟକୁ ୨୯-୨୭ ଓ ୫ମ ସେଟକୁ ୨୯-୨୭ରେ ଜିତି ସେମିରେ ପ୍ରବେଶ କରିଥିଲେ।

## ଆଉ ଜଣେ କୁବେର ଯନ୍ତ୍ରୀ ଧରାପଡିଲେ
# ଓଡ଼ିଶା ଓ ପଶ୍ଚିମବଙ୍ଗରେ ୮୫ଟି ଫ୍ଲାଟ୍, ଅମାପ ସମ୍ପତ୍ତି

**ଭୁବନେଶ୍ୱର: ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ବ୍ୟାରେଜ ଡିଭିଜନ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାସ ପ୍ରଧାନ ଗିରଫ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ କଲା ଭିଜିଲାନ୍ସ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରେଡ୍ ହୋଇଥିଲା। ଭିଜିଲାନ୍ସ ଅଧିକାରୀମାନେ ଅଣ୍ଟାଳି ଅଣ୍ଟାଳି ହାଲିଆ ହୋଇଗଲେ ପଛେ, କିନ୍ତୁ ତାଲିକା ସରୁନଥିଲା। ବାଲେଶ୍ୱର ଜଳସେଚନ ବିଭାଗର କୋଟିପତି ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ ପ୍ରଧାନଙ୍କ ଏତେ ସ୍ଥାବର ଓ ଅସ୍ଥାବର ସଂପତ୍ତି ଆଖି ଆଗରେ ଦେଖି ଭିଜିଲାନ୍ସ ଅଧିକାରୀମାନେ ବି ବିଶ୍ୱାସ କରିପାରୁନାହାନ୍ତି । ସେ ଜଣେ ଯନ୍ତ୍ରୀ ନା ଇଂରେଜ ଅମଳର କୋଉ ଜମିଦାର ଆୟ ବହିର୍ଭୂତ ସମ୍ପତ୍ତି (ଡିଏ) ଠୁଳ ଅଭିଯୋଗରେ ଭିଜିଲାନ୍ସ ଯନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ବାଲେଶ୍ୱରସ୍ଥିତ କାର୍ଯ୍ୟାଳୟ ଓ ସରକାରୀ କ୍ୱାର୍ଟର ସମେତ ବାଲେଶ୍ୱର ଜିଲ୍ଲାର ୭ଟି ସ୍ଥାନରେ ଚଢଉ କରି ବିପୁଳ ସଂପତ୍ତି ଠାବ କରିଛି।

ଭିଜିଲାନ୍ସର ୭ଟି ଟିମ୍ ଏକକାଳୀନ ଭାବେ ବାଲେଶ୍ୱର ଜିଲ୍ଲାର ୭ଟି ସ୍ଥାନରେ ଚଢଉ କରିଥିଲେ। ବାଲେଶ୍ୱର ବଡ଼ବଜାରସ୍ଥିତ ଘର, ବଡ଼ବଜାରରେ ଥିବା ତାଙ୍କର ୫ ତାଲା ବହୁତଳ କୋଠା ଏବଂ ମାର୍କେଟ୍ କମ୍ପ୍ଲେକ୍ସ, ବାଲିଆପାଳ ମଇଁଷାମୁଣ୍ଡାସ୍ଥିତ ସମ୍ପର୍କୀୟ ଘର, ବାଲେଶ୍ୱର ଇରିଗେସନ୍ କଲୋନୀରେ ଥିବା ସରକାରୀ କ୍ୱାର୍ଟର୍ସ, ଜଳେଶ୍ୱର ଶାନ୍ତିଆରେ ଥିବା ତାଙ୍କର ସହଯୋଗୀ ଏବଂ ତାଙ୍କ ଅଫିସ୍ ଚାମ୍ବରରେ ଚଢଉ କରାଯାଇଥିଲା । ଚଢଉ ପରେ ଭିଜିଲାନ୍ସ ଅଧିକାରୀ ବାବୁଙ୍କ ସମ୍ପତ୍ତି ଦେଖି ଜଳକା ହୋଇଯାଇଥିଲେ। ଏସବୁ ସଂପତ୍ତି ବାଦ୍ ଜଳେଶ୍ୱର



ଗୋବରା ଘାଟରେ ତାଙ୍କର ଗୋଟିଏ ନୂଆକରି ମାର୍କେଟ୍ କମ୍ପ୍ଲେକ୍ସ ମଧ୍ୟ ନିର୍ମାଣ ହେଉଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା।

ବଡ଼ କଥା ହେଲା, ବାବୁଙ୍କର ରହିଛି ୮୫ଟି ଫ୍ଲାଟ୍, ସେଥିମଧ୍ୟରୁ କେବଳ ଜଳେଶ୍ୱରରେ ୮୦ଟି ଫ୍ଲାଟ୍ ରହିଛି। ପୁରୀ ଡେଲାଙ୍ଗରେ ୪ଟି ଓ ପଶ୍ଚିମବଙ୍ଗ ସୁନାକାନିଆରେ ଗୋଟିଏ ଏହି ସବୁ ଫ୍ଲାଟ୍ ପ୍ରଭାସ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ରହିଛି। ବିଭିନ୍ନ ବର୍ଷରେ ଜମି କିଣାଯାଇଥିବା ବେଳେ ଏହାର ବର୍ତ୍ତମାନ ମୂଲ୍ୟ ୨.୦୭ କୋଟି ଟଙ୍କା ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ସେହିପରି ଚଢ଼ଉ ବେଳେ ତାଙ୍କ ଘରୁ ନଗଦ ୧୧ଲକ୍ଷ ୭୦ହଜାର ୯୮୦ ଟଙ୍କା, ଗୋଟିଏ ସୁନା ବିସ୍କୁଟ୍ ସମେତ ୩୩୪.୫୫ ଗ୍ରାମର ସୁନା ଅଳଙ୍କାର ଜବତ କରାଯାଇଥିଲା । ଏହାବ୍ୟତୀତ ବିଭିନ୍ନ ବ୍ୟାଙ୍କ, ପୋଷ୍ଟାଲ ଏବଂ ଇନ୍ସୁରାନ୍ସ ଶ୍ରୀ ପ୍ରଧାନଙ୍କର ୭୮ଲକ୍ଷ ୨ହଜାର ୭୭୯ ଟଙ୍କା ଜମା ରହିଛି । ତାଙ୍କର ଗୋଟିଏ ଦୁଇ ଚକିଆ ଥିବା ବେଳେ ଗୋଟିଏ ୪ ଚକିଆ ଗାଡ଼ି ରହିଛି । ଆହୁରି ମଧ୍ୟ ଘରର ଆସବାବପତ୍ରର ମୂଲ୍ୟ ୬ଲକ୍ଷ ୬୩ ହଜାର ଶ୍ରୀ ପ୍ରଧାନଙ୍କୁ ଭିଜିଲାନ୍ସ ଏସବୁ ସମ୍ପତ୍ତିର ହିସାବ ମାଗିଥିଲା। କିନ୍ତୁ ସେ ସନ୍ତୋଷଜନକ ଉତ୍ତର ଦେଇନପାରିବାରୁ ତାଙ୍କ ନାମରେ ଡିଏ ମାମଲା ରୁଜୁ କରାଯିବା ସହ ତାଙ୍କୁ ଅଟକ ରଖାଯାଇଛି।

ଉଲ୍ଲେଖଯୋଗ୍ୟ, ବାଲେଶ୍ୱର ଜଳସେଚନ ବିଭାଗରେ ଦୀର୍ଘ ଦିନ ଧରି କାମ କରି ଆସୁଛନ୍ତି । ପ୍ରଭାସ ସେ ୨୦୦୭ ପର୍ଯ୍ୟନ୍ତ ବାଲେଶ୍ୱର ଜଳସେଚନ ବିଭାଗର ଏସଡିଓ ଥିଲେ ପରେ ପ୍ରମୋସନ୍ ପାଇ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ହୋଇପାରିଥିଲେ। ୨୦୨୦-୨୧ମସିହାରୁ ବାଲେଶ୍ୱର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଭାବେ ତାଙ୍କୁ ଦାୟିତ୍ୱ ମିଳିଥିଲା । ତେବେ ଟଙ୍କା ନଦେଲେ, ସେ କିଛି କାମ କରୁନଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଖାଲି ସେତିକି ନୁହେଁ, ଆହୁରି ମଧ୍ୟ ପ୍ରଭାସ କାମ କରିଦେବା ପାଇଁ ଘରକୁ ମଟନ୍, ଚିଙ୍ଗୁଡ଼ି ଏବଂ କଙ୍କଡ଼ା ପଠାଇବାକୁ ଲୋକଙ୍କୁ କହୁଥିଲେ। ତେଣୁ ଦୀର୍ଘ ଦିନ ହେବ ତାଙ୍କ ନାମରେ ଅଭିଯୋଗ ରହିଥିଲା। କିନ୍ତୁ ପ୍ରମାଣ ମିଳୁ ନଥିବାରୁ ଭିଜିଲାନ୍ସ ଚଢଉ କରିପାରୁନଥିଲା।

# ଜେଲ୍ ଗଲେ ଗୋଲାମୁଣ୍ଡା ବିଡିଓ



**ଧର୍ମଗଡ: ନ୍ୟୁଜ୍ ବ୍ୟୁରୋ**

ଗିରଫ ହେଲେ ଗୋଲାମୁଣ୍ଡା ବିଡିଓ ଅକ୍ଷମିତା କାର୍ତ୍ତିକ ସରକାରୀ ଗାଡ଼ିରେ ଭବାନୀପାଟଣାରୁ ଗୋଲାମୁଣ୍ଡା ଯାଉଥିବାବେଳେ ଜାରିଙ୍ଗଛକ ନିକଟରେ ଭିଜିଲାନ୍ସ ରେଡ କରିଥିଲା । ଯାଞ୍ଚ ବେଳେ ତାଙ୍କ ଗାଡ଼ିରୁ ନଗଦ ୪ ଲକ୍ଷ ୯୨ ହଜାର ଟଙ୍କା ମିଳିଥିଲା । ତେବେ ଏହି ଅର୍ଥ ସମ୍ପର୍କରେ ସେ ସନ୍ତୋଷଜନକ ଉତ୍ତର ଦେଇନପାରିବାରୁ ଭିଜିଲାନ୍ସ ତାଙ୍କୁ ଅଟକ ରଖି ମାମଲା ରୁଜୁ କରିଥିଲା।

ଗତକାଲିଠୁ ୧୮ ଘଣ୍ଟାଧରି ବିଡିଓଙ୍କୁ ପଚରାଉଚରା ପରେ ଗିରଫ କରିଛି। ଭିଜିଲାନ୍ସ ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସର ୪ଟି ଟିମ ବିଡିଓଙ୍କ ଘର, ଅଫିସ, କ୍ୱାର୍ଟର୍ସ, ଭୁବନେଶ୍ୱର ଫ୍ଲାଟ ସମେତ କୋରାପୁଟ ଓ ରାୟଗଡ଼ାର ବିଭିନ୍ନ ସ୍ଥାନରେ ଚଢାଉ କରିଛି । ଅକ୍ଷମିତା ଆଗରୁ ମଧ୍ୟ ବହୁ ଦୁର୍ନୀତିରେ ଲିପ୍ତ ଥିବା ଜଣାପଡ଼ିଛି। କୋଷାଗୁମୁଡ଼ାରେ ଥିବାବେଳେ କୋଭିଡ ପାଣ୍ଠିର ଅପବ୍ୟବହାର ପାଇଁ ସେ ନିଲମ୍ବିତ ହୋଇଥିଲେ । ଗୁଣୁପୁର ତହସିଲଦାର ଥିବାବେଳେ ରେଡକ୍ରସ ପାଣ୍ଠିର ଅପବ୍ୟବହାର ଅଭିଯୋଗରେ ଜିଲ୍ଲାପ୍ରଶାସନ ତାଙ୍କ ବିରୋଧରେ ପୋଲିସରେ ଅଭିଯୋଗ କରିଥିଲେ।




କେନ୍ଦୁଝର : ଓଡ଼ିଶାର ଖରିଆର ଓ ବଲାଙ୍ଗୀର ଫରେଷ୍ଟ ଡିଭିଜନରେ ବନ୍ୟପ୍ରାଣୀମାନଙ୍କ ସୁରକ୍ଷା ଓ ଉଦ୍ଧାର ନିମନ୍ତେ ଆଦାନି ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ ଅଧିନସ୍ଥ ମହାନଦୀ ମାଇନ୍ସ ଆଣ୍ଡ ମିନେରାଲ୍ସ ପାଇଭେଟ୍ ଲିମିଟେଡ୍ ଏବଂ କଳିଙ୍ଗ ଆଲୁମିନା ଲିମିଟେଡ୍ ପକ୍ଷରୁ ୨ଟି 'ରକ୍ଷକ' ଗାଡି ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତ କାର୍ଯ୍ୟକ୍ରମରେ ଆଇଏଏସ୍ ମିସ୍ ପ୍ରେକ୍ଷା ଅଗ୍ରୱାଲ୍, ଡିଏଫ୍ଓ ଧନରାଜ ହନୁମନ୍ତ, ୩ଜଣ ଏସିଏଫ୍ ଏବଂ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀ ନବଲ କିଶୋର ଶର୍ମା ଓ ଧର୍ମେନ୍ଦ୍ର ଦୁବେଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଅଛନ୍ତି। ( ଫଟୋ : ସମ୍ବାଦ କଳିକା)

## ଲୋୟର ସୁକ୍‌ତେଲ୍ ପ୍ରକଳ୍ପରେ ହେରଫେର ଅଭିଯୋଗ

# ଭିଟାମାଟି ହରାଇବାର ଦୁଃଖ ଏଯାଏ ଲିଭିନି

**ବଲାଙ୍ଗୀର, ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲାର ଜୀବନଧାରା ଲୋୟର ସୁକତେଲ୍ ପ୍ରକଳ୍ପ ବିଭିନ୍ନ କାରଣରୁ ଚର୍ଚ୍ଚାରେ ରହୁଛି। ନିର୍ବାଚନ ପୂର୍ବରୁ ଏହା ପ୍ରମୁଖ ରାଜନୈତିକ ପ୍ରସଙ୍ଗ ପାଲଟିଥିଲା। ପ୍ରକଳ୍ପ ଲୋକାର୍ପିତ ହୋଇଥିଲେ ହେଁ ଚାଷୀ ଜଳସେଚନ ପାଇଁ ପାଣି ପାଉନାହାନ୍ତି। ୨୦୨୪ ଖରିଫ୍ ବେଳକୁ ଜଳଭଣ୍ଡାରରୁ ପାଖାପାଖି ୫୦ ହଜାର ଏକର ଜମିକୁ ପାଣି ମାଡ଼ିବ ବୋଲି ତତ୍କାଳୀନ ବିଜେଡି ସରକାର ଘୋଷଣା କରିଥିଲେ। କିନ୍ତୁ ବାସ୍ତବ କାର୍ଯ୍ୟାନ୍ୱୟନକୁ ଦେଖିଲେ ୨୦୨୬ ବେଳକୁ ହିଁ ଜଳଭଣ୍ଡାରରୁ ଜଳସେଚନ ସୁବିଧା ମିଳିବ। ଯାହା ବିଧାନସଭାରେ ଉଭୟ ଶାସକ ଓ ବିରୋଧୀ ଦଳର ତର୍କବିତର୍କ ବେଳେ ସାମନାକୁ ଆସିଛି। ତେବେ ଏହି ପ୍ରକଳ୍ପ




ଯୋଗୁଁ ବିସ୍ଥାପିତ ହୋଇଥିବା ଲୋକମାନେ ଅସନ୍ତୋଷ ଜାହିର କରିଛନ୍ତି। କୁଶମେଲସ୍ଥିତ ବିସ୍ଥାପିତ କଲୋନିରେ ରହୁଛନ୍ତି ଭଗବତୀ ପଟ୍ଟନିଆ। ବୟସ ୮୫ ଉପରେ। ନା' ତାଙ୍କୁ କ୍ଷତିପୂରଣ ରାଶି ମିଳିଛି, ନା' ଜମି। ଭଗବତୀଙ୍କ ଭଳି ବହୁ ବିସ୍ଥାପିତ ସମସ୍ୟା ଭିତରେ ଘାଣ୍ଟି ହେଉଛନ୍ତି। ସରକାରୀ ରିପୋର୍ଟ ମୁତାବକ, ଲୋୟର ସୁକତେଲ୍ ଜଳସେଚନ ପ୍ରକଳ୍ପରେ ବଲାଙ୍ଗୀର ସଦର ବ୍ଲକ୍‌ର ୧୭ଟି ଗ୍ରାମରୁ ୩୫୩୫ ଜଣ ଓ ଲୋଇସିଂହା ବ୍ଲକ୍‌ର ୧୧ଟି ଗ୍ରାମରୁ ୩୧୮୪ ଜଣ ବିସ୍ଥାପିତ ହୋଇଛନ୍ତି। ସର୍ବମୋଟ ୨୯ ଖଣ୍ଡ ଗ୍ରାମରୁ ମୋଟ ୫୩୩୯ ରୟତି ଖାତାଦାରଙ୍କ ୯୮୫୦.୫୬ ଏକର ଜମି ଅଧିଗ୍ରହଣ ହୋଇଥିବା ବେଳେ ୬୭୧୯ ବିସ୍ଥାପିତ ପରିବାରଙ୍କୁ ଥଇଥାନ କରାଯାଇଛି। ମୃତ୍ୟୁ ଓ ଅନ୍ୟାନ୍ୟ କାରଣ ହେତୁ ୨୫୩ ଜଣଙ୍କ ସହାୟତାକୁ ନାମଞ୍ଜୁର କରାଯାଇଛି। ୨୪୦ ବିସ୍ଥାପିତ ପରିବାରକୁ ବାରମ୍ବାର ନୋଟିସ୍ ପରେ ମଧ୍ୟ ସେମାନେ ଥଇଥାନ ସହାୟତା ରାଶି ଗ୍ରହଣ କରୁନାହାନ୍ତି। ଅନ୍ୟପକ୍ଷରେ ୨୫୫ ଭୂମିହୀନ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଇଛି। ବାରମ୍ବାର ନୋଟିସ ସତ୍ତ୍ୱେ ୧୩ ଭୂମିହୀନ ପରିବାର ସହାୟତା ରାଶି ଗ୍ରହଣ କରିନାହାନ୍ତି। ସେହିପରି ଭୂମିହରା ପ୍ରଜାଙ୍କ ମଧ୍ୟରୁ ୧୧୨୪ ଖାତାଦାର ତାଙ୍କ କ୍ଷତିପୂରଣ ରାଶି ଗ୍ରହଣ କରିନାହାନ୍ତି। ଖାତାଦାର ପ୍ରଜାଙ୍କ ଅଂଶୀଦାରମାନଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇ ପାରୁନଥିବାରୁ ତଥା ଅଦାଲତରେ ମାମଲା ଚାଲୁଥିବାରୁ ସହାୟତା ରାଶି ପ୍ରଦାନ କରାଯାଇପାରୁନାହିଁ ବୋଲି ବିଧାନସଭାରୁ ଉତ୍ତର ମିଳିଛି। କ୍ଷତିପୂରଣ ଗ୍ରହଣ କରୁନଥିବା ବିସ୍ଥାପିତଙ୍କ ଅଭିଯୋଗ ହେଲା, ସେମାନଙ୍କ ଜମିର ଅନୁପାତ ଏବଂ ମାନ ଅନୁସାରେ କ୍ଷତିପୂରଣ ରାଶି ଧାର୍ଯ୍ୟ କରାଯାଇନାହିଁ। ଅସନ୍ତୁଷ୍ଟଙ୍କ ଯୁକ୍ତି ହେଲା, ଜମିର କିସମ ଅନୁସାରେ କ୍ଷତିପୂରଣ ରାଶି ସ୍ଥିର ହେବା କଥା। ଏଭଳି ଗଣ୍ଡଗୋଳିଆ ପରିସ୍ଥିତି ମଧ୍ୟରେ ଏହି ପ୍ରକଳ୍ପର ମୁଖ୍ୟ ନିର୍ମାଣଯନ୍ତ୍ରୀ ବହୁ କୋଟି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ପଞ୍ଝାରେ ପଡ଼ିଛନ୍ତି। ଫଳରେ ଲୋୟର ସୁକ୍‌ତେଲ୍‌ର କ୍ଷତିପୂରଣ ରାଶି ଧାର୍ଯ୍ୟ ଏବଂ ନିର୍ମାଣ କାର୍ଯ୍ୟରେ ବଡ଼ଧରଣର କେଳେଙ୍କାରୀ ହୋଇଥିବା ଏକପ୍ରକାର ସ୍ପଷ୍ଟ ବାରି ହେଉଛି।

## ଲାଞ୍ଚ ନେଇ ଧରା ପଡିଲେ ମୃତ୍ତିକା ସଂରକ୍ଷଣ ଅଧିକାରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ର ମୃତିକା ସଂରକ୍ଷଣ ପରିଦର୍ଶକ ସୁଧାଂଶୁ ଶେଖର ରଣା ୧୧ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଫାର୍ମ ପଣ୍ଡର ଫାଇନାଲ ବିଲ୍ କରି ଦେବା ପାଇଁ ଜଣେ ବ୍ୟକ୍ତିଙ୍କ ଠାରୁ ପାଟଭାଡି ଛକ ଠାରେ ୧୧ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ମାଡି ବସିଥିଲେ। ତାଙ୍କ ଠାରୁ ସମସ୍ତ ଟଙ୍କା ଉଦ୍ଧାର କରାଯାଇଛି। ଶ୍ରୀ ରଣାଙ୍କ ୨ ଟି ଠିକଣାରେ ଭିଜିଲାନ୍ସ ଚଢାଉ କରିଛି।

## ଏଆଇବିଓସି ଓଡ଼ିଶା ଶାଖା ଦ୍ୱାରା ବୃକ୍ଷରୋପଣ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅଖିଳ ଭାରତୀୟ ବ୍ୟାଙ୍କ ଅଧିକାରୀ ସଂଘ (ଏଆଇବିଓସି) ଓଡ଼ିଶା ଶାଖା ତରଫରୁ ସ୍ଥାନୀୟ ନନ୍ଦନକାନନ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଆଇବିଓସିର ରାଜ୍ୟ ସଭାପତି ବୈଲୋଚନ ସାହୁ, ସମ୍ପାଦକ ଅମିତାଭ ଦାସ, ସର୍ବ ଭାରତୀୟ ସ୍ତରର ଉପ-ସଭାପତି ଅରୁଣ କୁମାର ବିଷୋୟୀ ଏବଂ ସହ ବର୍ଦ୍ଧିତ ସାଧାରଣ ସମ୍ପାଦକ ଗୌରୀ ଶଙ୍କର ଚୌଧୁରୀ, ପି.କେ. ମହାନ୍ତି, ସମ୍ବିତ ରାଉତ, ସୌମେନ୍ଦ୍ର ସାହୁ ଓ ସୁକାନ୍ତ ଛାଟୋଇଙ୍କ ସମେତ ଇସି ସଦସ୍ୟମାନେ ଉପସ୍ଥିତ ଥିଲେ। ବିଭିନ୍ନ କିସମର ୫୦ରୁ ଊର୍ଦ୍ଧ୍ୱ ଚାରାଗଛ ରୋପଣ କରାଯାଇଥିଲା। ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ବୃନ୍ଦ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହାୟତା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## କାଇଁଝରୀ ଡ୍ୟାମ ଜଳାଶ୍ରୟରୁ ଜାଲରେ ଧରା ପଡିଲା ବିରାଟ ରୋହି ମାଛ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**



ଜାଲରେ ଧରା ପଡିଲା ବିରାଟ ରୋହି ମାଛ। କେନ୍ଦୁଝର ସଦର ବ୍ଲକ ଅଞ୍ଚଳରେ ଥିବା କାଇଁଝରି ଡ୍ୟାମ ଜଳାଶୟରୁ ଶୁକ୍ରବାର ବିରାଟ ଚାଇନା ରୋହି ଜାଲରେ ପଡିଛି। ରଘୁନାଥପୁର ଗ୍ରାମର ଫକିର ନାଏକ ମାଛ ମାରିବା ସମୟରେ ଜାଲରେ ପଡ଼ିଥିବା ଜଣାପଡିଛି। ମାଛଟିର ଓଜନ ୧୩ କେଜି ୫୦୦ ଗ୍ରାମ ଥିବାବେଳେ ମାଛଟିକୁ ଦେଖିବାକୁ ଲୋକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।


**Government of Odisha "e" procurement Notice** O-167

OFFICE OF THE EXECUTIVE ENGINEER,
RURAL WORKS ELECTRICAL DIVISION, SAMBALPUR.
*E-mail – eerwelectricaldivn.sambalpur@gmail.com*
Bid Identification No. EE /RWELECT/SBP/05/2024-25

| | | | |
|---|---|---|---|
| 1. | Name of the work | :- | 1. SHIFTING OF HT LINE OVER BRIDGE CONSTRUCTION SITE AT KUTURAKEN VILLAGE UNDER RWES BOLANGIR 2. Installation of 25 KVA Sub-Station for power supply to staff quarter ITI Kutra under R.W.E.S. Sundargarh |
| 2. | Estimated Cost | :- | 1.Rs. 6,95,838.00/- 2. Rs. 8,41,424.00/- |
| 3. | Availability of bid document in the website. | :- | 11.30 Hours of 06.08.2024 to 17:00 Hours of 14.08.2024 |
| 4. | Date of Opening of Tenders | :- | 11:30 Hours on dt. 16.08.2024 |

Further details and any corrigendum/Addendum/cancellation of tender can be seen from the Web Site www.tendersodisha.gov.in only.

OIPR-34175/11/0006/2425 Executive Engineer, R.W Electrical Division Sambalpur


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମେଗା ଷ୍ଟିଲ ପ୍ଲାଣ୍ଟ ...

ଅନୁମୋଦନ ପାଇଛି। ସେଥି ମଧ୍ୟରୁ ୩୫୨ଟି ପ୍ରକଳ୍ପକୁ ଜମି ହସ୍ତାନ୍ତର କରାଯାଇଛି। ଏତଦ୍ ବ୍ୟତୀତ ୧୮୩ଟି ପ୍ରକଳ୍ପ ଶିଳ୍ପ ସ୍ଥାପନ ପାଇଁ କାମ ଆରମ୍ଭ ହୋଇଛି। ୭୪ଟି ଶିଳ୍ପ କାର୍ଯ୍ୟକ୍ଷମ ହୋଇସାରିଛି।

ସେହିପରି ରାଜ୍ୟରେ ୧୨ଟି ବୈଦେଶିକ ପୁଞ୍ଜି ବିନିଯୋଗ ପ୍ରସ୍ତାବ ରହିଛି। ୪୧ଟି ଗୁରୁତ୍ୱପୂର୍ଣ୍ଣ ପୁଞ୍ଜି ନିବେଶ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଶିଳ୍ପ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି ଶ୍ରୀ ଶର୍ମା ପ୍ରକାଶ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ବିପୁଳ ସୁଯୋଗ ରହିଛି। ଏ ଦିଗରେ ସମସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ସରକାରୀ ସ୍ତରରେ ଶିଳ୍ପ ସଂସ୍ଥାମାନଙ୍କୁ ଉପଯୁକ୍ତ ସୁଯୋଗ ଯୋଗାଇଦେବା ସହିତ ସେମାନଙ୍କ ସମସ୍ତ ଆବଶ୍ୟକତା ପୂରଣ ଦିଗରେ ସରକାରଙ୍କ ସମସ୍ତ ସଂପୃକ୍ତ ବିଭାଗ ସହଯୋଗ ଯୋଗାଇଦେବା ଜରୁରୀ ବୋଲି ସେ ମତ ଦେଇଥିଲେ।

ବୈଠକରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଭୁପିନ୍ଦର ସିଂ ପୁନିଆ ଓ ଶିଳ୍ପ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

### କୃଷକ ସମସ୍ୟା...

ରିପୋର୍ଟ ଦାଖଲ କରିବା ଏବଂ ଆଗାମୀ ଯୋଜନା ଏବଂ କାର୍ଯ୍ୟପନ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଆଦେଶ ଦେଇଥିଲେ। ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲ୍ଲା ଏବଂ ଏହି ଜିଲ୍ଲା ନିଜ ପାରମ୍ପରିକ କୃଷି ପାଇଁ ପ୍ରସିଦ୍ଧ, ଏହାକୁ ଅଗ୍ରଗତିର ସହ ଆଗକୁ ନେବା ପାଇଁ ସମସ୍ତ ପ୍ରକାର ସହାୟତା କରିବା ପାଇଁ ରାଜ୍ୟସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଗ୍ରାମାଞ୍ଚଳର ବିଦ୍ୟୁତିକରଣ, ଟ୍ରାନ୍ସଫର୍ମର ପୋଡ଼ି, ସମୟ ଅସମୟରେ ବିଦ୍ୟୁତ କାଟ୍ ଭଳି ସମସ୍ୟା ଏବଂ ବହୁତ ଦିନରୁ ଅଟକି ଥିବା ବିଦ୍ୟୁତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଆଦେଶ ଦେଇଥିଲେ।

ଏହି ସମୀକ୍ଷା ବୈଠକରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ, ବାଙ୍ଗିରିପୋଷି ବିଧାୟିକା ସଞ୍ଜାଲୀ ମୁର୍ମୁ, ସାରସକଣା ବିଧାୟକ ଭାଦବ ହାଂସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାୟକ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଂସଦା, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ତଥା ଉଦ୍ୟାନ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ମୟୂରଭଞ୍ଜ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ଟିପିଏନ୍‌ଓଡିଏଲ୍‌ର ସିଇଓ ବିଜୟ ଦାସ୍ ବାସାକ୍ ଓ ଶକ୍ତି ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ଏବଂ ବିଧାୟକଗଣଙ୍କ ଦ୍ୱାରା ପଚାର ଯାଇଥିବା ତଥ୍ୟକୁ ଉପସ୍ଥାପନା କରିବା ସହିତ ଜିଲ୍ଲାରେ କୃଷିରେ କିଭଳି ଉନ୍ନତି ହୋଇ ପାରିବ ସେ ବିଷୟରେ ନିଜ ନିଜ ମତ ପୋଷଣ କରିଥିଲେ।

### କେଦାରନାଥ : ଭୂସ୍ଖଳନରେ...

ରାଉରକେଲା ଯାଇ ସେଠାରୁ ଟ୍ରେନରେ କେଦାରନାଥ ଯାତ୍ରା କରିଥିଲେ। ସେଠାରେ ବଡ଼ ଧରଣର ଭୂସ୍ଖଳନ ହେବା ଫଳରେ ବାଟରେ ୩/୪ଦିନ ହେବ ଫସି ରହିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବା ସୂଚନା ମିଳିଥିବାବେଳେ ବେଳେ ସେମାନେ ଖାଇବା ପିଇବାରେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେଠାରେ ପ୍ରାୟ ୨୦୦ରୁ ଅଧିକ ଲୋକ ଫସି ରହିଥିବା ପରିବାର ଲୋକେ କହିଛନ୍ତି। ବିନା ଏଆରଲିଫ୍ଟରେ ସେଠାରୁ ଉଦ୍ଧର ସମ୍ଭବ ନଥିବାରୁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ନିବେଦନ କରାଯାଇଛି।

ସେପଟେ ତେଲକୋଇ ଜଗମୋହନପୁର ପଞ୍ଚାୟତର ସରପଞ୍ଚ ଗୋବିନ୍ଦ ପ୍ରଧାନ ତେଲକୋଇ ତହସିଲଦାରଙ୍କୁ ଏବାଦରେ ଲିଖିତ ଜଣାଇ ପ୍ରସାଶନ ପଦକ୍ଷେପ ଲୋଡିଛନ୍ତି। ତେଲକୋଇ ତହସିଲଦାର ଅନୁପମା ମୁର୍ମୁ ଏବାଦରେ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କ ସହ ଯୋଗାଯୋଗ କରିଥିବା ଜଣାପଡିଛି। ସମସ୍ତ ୪ ଜଣ ସୁରକ୍ଷିତ ସ୍ଥାନରେ ଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ ଯୋଗାଯୋଗରେ ଥିବା କହିଛନ୍ତି କେନ୍ଦୁଝର ଜିଲ୍ଲାପାଳ।

### ଚିତାଲାଗି ନୀତି ...

ଏଥିରେ ଚିତଉ ପିଠା କରି ଜୀବଜନ୍ତୁମାନଙ୍କୁ ଖୁଆଇ ସନ୍ତୁଷ୍ଟ କରିବାର ପ୍ରଥା ରହିଛି। ସେଥି ପାଇଁ ଗେଣ୍ଡେଇକଟା ଓଷା ନାମରେ ମଧ୍ୟ ଜଣା। ବାଲେଶ୍ୱର, ମୟୁରଭଞ୍ଜ ଓ କେଉଁଝର ଆଦି ଅଞ୍ଚଳରେ ଏହି ପର୍ବକୁ ଗେଣ୍ଡାକଟା ଅମାବାସ୍ୟା କୁହାଯାଏ। ଏହା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆଦିବାସୀମାନଙ୍କ ମଧ୍ୟରେ ଜନ୍ତୁଆଦିଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ପାଳିତ ପର୍ବମାନଙ୍କ ମଧ୍ୟରେ ଗୋଟିଏ। ସାଧାରଣତଃ ଋଷୀମାନେ ବର୍ଷା ଋତୁ ସମୟରେ ଧାନ ଫସଲ କରିବା ସମୟରେ, ବିଲରେ ଗେଣ୍ଡା ଯୋଗୁଁ ଗୋଡ଼ କାଟି ହୋଇ କ୍ଷତି ହୋଇଥାଏ। ଏଣୁ ଏହି ସମ୍ଭାବନାକୁ ଏଡ଼େଇବା ନିମନ୍ତେ ଚିତଉ ପିଠାକୁ ସାରୁ ପତ୍ରରେ ରଖି ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଜଳାଶ୍ରୟରେ ଭସା ଯାଏ।

### ବନ୍ଧା ହେଲେ ...

ସେମାନଙ୍କ ସହିତ ଚାଟିଂ କରିବା ପରେ ସେ ସେମାନଙ୍କୁ ବାହା ହେବାକୁ ରାଜି ହୋଇଥିଲେ। ଏହା ପରେ ଅଭିଯୁକ୍ତ ସେମାନଙ୍କ ସହିତ ସଂପର୍କ ରଖିଥିଲେ ଓ ସେମାନଙ୍କଠାରୁ ପଇସାପତ୍ର ସହିତ ଗାଡ଼ି ନେଇଥିଲେ। ଏହି ଦୁଇ ମହିଳାଙ୍କ ମଧ୍ୟରୁ ଅଭିଯୁକ୍ତ ଜଣଙ୍କଠାରୁ ୩୬ ଲକ୍ଷ ଟଙ୍କା ଓ ବାଲେନୋ କାର ନେଇଥିବା ବେଳେ ଅନ୍ୟ ଜଣଙ୍କଠାରୁ ୮ ଲକ୍ଷ ଟଙ୍କା ଓ ଏକ ବୁଲେଟ ନେଇଛନ୍ତି। ଏହି ଦୁଇ ମହିଳାଙ୍କ ଏତଲା ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ମାଟ୍ରିମୋନିଆଲ ସାଇଟ୍‌ରେ ଯାଞ୍ଚ କଲା ପରେ ଆମେ ଜାଣିବାକୁ ପାଇଲୁ ଯେ ମୋଟ ୪୯ ଜଣ ମହିଳାଙ୍କ ସହ ଚାଟିଂ ବା ବିଭିନ୍ନ ସ୍ତରରେ ସଂପର୍କରେ ଅଛନ୍ତି। ଦୁଇ ଜଣ ଆନୁଷ୍ଠାନିକ ଭାବେ ଏତଲା ଦେଇଥିବା ବେଳେ ଆମେ ଫୋନ୍ କରି ଆଉ ଦୁଇ ଜଣ ମହିଳାଙ୍କୁ ପଚାରିବାରେ ଅଭିଯୁକ୍ତ ସେମାନଙ୍କ ସହିତ ଏଗ୍ରିମେଣ୍ଟ କରି ବାହା ହୋଇଥିବା ଜଣାପଡ଼ିଛି। ଏହି ଦୁଇ ମହିଳାଙ୍କ ମଧ୍ୟରୁ ଜଣେ କୋଲାକାତାର ଓ ଅନ୍ୟ ଜଣେ ଦିଲ୍ଲୀର। ପୁଲିସ କମିଶନର ଶ୍ରୀ ପଣ୍ଡା କହିଛନ୍ତି ଯେ ଅଭିଯୁକ୍ତ ବିଶେଷ କରି ଛାଡ଼ପତ୍ର ପାଇଥିବା ମହିଳାମାନଙ୍କୁ ଟାର୍ଗେଟ କରୁଥିଲେ। ମାଟ୍ରିମୋନିଆଲ ସାଇଟ୍ ଜାରିଆରେ ସେମାନଙ୍କୁ ଜାଣିବା ପରେ ସେମାନଙ୍କ ସହିତ ଚାଟିଂ କରୁଥିଲେ ଓ ବିବାହ କରିବାକୁ ପ୍ରତିଶ୍ରୁତି ଦେଉଥିଲେ। ଏନେଇ ଏଗ୍ରିମେଣ୍ଟ ମଧ୍ୟ କରୁଥିଲେ। ଏଗ୍ରିମେଣ୍ଟ କଲା ପରେ ଅଭିଯୁକ୍ତ ସେମାନଙ୍କଠାରୁ ପଇସା ଓ ଗାଡ଼ି ନେଉଥିଲେ। ଗାଡ଼ିଗୁଡ଼ିକୁ ଟ୍ରାଭେଲ୍ ଏଜେନ୍ସୀ ଜରିଆରେ ଭଡ଼ାରେ ଲଗାଉଥିଲେ। ଯେତେବେଳେ ପୀଡ଼ିତାମାନେ ତାଙ୍କୁ ଟଙ୍କା ଫେରସ୍ତ କରିବାକୁ କହୁଥିଲେ, ସେତେବେଳେ ସେ ଦୁବାଇ ପଳାଉଥିଲେ। ସେଠାରେ ବୁଲାବୁଲି କରି ଫେରି ଆସୁଥିଲେ। ଯେଉଁ ଦୁଇ ଜଣ ମହିଳା ଅଭିଯୋଗ କରିଛନ୍ତି, ସେମାନେ କହିଛନ୍ତି ଯେ ଅଭିଯୁକ୍ତ ସେମାନଙ୍କୁ ବନ୍ଧୁକ ଦେଖାଇ ଧମକ ମଧ୍ୟ ଦେଇଥିଲେ। ଯେହେତୁ ଅଭିଯୁକ୍ତ ୪୯ ଜଣ ମହିଳାଙ୍କ ସହିତ ସଂପର୍କରେ ଥିଲେ, ତେଣୁ ଅନ୍ୟ ପୀଡ଼ିତାମାନଙ୍କୁ ସହିତ ଆମେ ଯୋଗାଯୋଗ କରିଛୁ। ତାଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ମହିଳାଙ୍କ ସଂଖ୍ୟା ଆହୁରି ବଢ଼ିବ ବୋଲି ଆଶା କରାଯାଉଛି। ଏହି ୪୯ ଜଣଙ୍କ ମଧ୍ୟରେ ରାଜ୍ୟ ତଥା ରାଜ୍ୟ ବାହାରର ମହିଳା ଅଛନ୍ତି। ଏ ନେଇ ଆହୁରି ତଦନ୍ତ ହେବ। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ। ସତ୍ୟଜିତଙ୍କ କଳାକାରନାମା ନେଇ ଅଭିଯୋଗ ପାଇବା ପରେ କମିଶନରେଟ ପୁଲିସ ତାଙ୍କୁ ଧରିବା ପାଇଁ ଫାସ ପକାଇଥିଲା। କାରଣ ସେ ଏମିତି ଠକେଇ କରିବା ପରେ ଦୁବାଇ ପଳାଉଥିଲେ। ସେ ସେଠାରେ ଷ୍ଟାର ବକ୍ସରେ ଚାକିରି ମଧ୍ୟ କରୁଥିଲେ। ପୁଲିସ କମିଶନରଙ୍କ ସୂଚନା ଅନୁଯାୟୀ, ଜଣେ ମହିଳା ତାଙ୍କ ସହିତ ଚାଟିଂ କରି ତାଙ୍କୁ ଡକାଇଥିଲେ। ତା'ପରେ ତାଙ୍କୁ ଧରାଯାଇଥିଲା। ମାଟ୍ରିମୋନିଆଲ ସାଇଟ୍‌ରେ ସତ୍ୟଜିତ ନିଜକୁ ଆଇବି ଇନ୍ସପେକ୍ଟର ଭାବେ ପରିଚୟ ଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ସେ ନିଜକୁ ଜଣେ ପୁଲିସ୍ କର୍ମଚାରୀ ବୋଲି କହୁଥିଲେ। ସୂଚନାଯୋଗ୍ୟ, ସତ୍ୟଜିତ ବିବାହିତ ହୋଇଥିବା ବେଳେ ମିଛ କହି ଆହୁରି ୪ ଜଣଙ୍କୁ ବିବାହ କରିଛନ୍ତି। ଉକ୍ତ ୪ ଜଣଙ୍କ ମଧ୍ୟରୁ ୨ ଜଣ ଥାନାରେ ଅଭିଯୋଗ କରିଥିବା ବେଳେ ଆଉ ୨ ଜଣଙ୍କ ସଂପର୍କରେ ପୁଲିସ୍ ମାଟ୍ରିମୋନିଆଲ୍ ସାଇଟ୍ ଓ ତାଙ୍କ ମୋବାଇଲ ଫୋନ୍ ଯାଞ୍ଚ ବେଳେ ସୂଚନା ପାଇଥିଲା।

## ଦାରିଦ୍ର୍ୟର କରୁଣ ପରିସ୍ଥିତି : ବିଷ ପିଇ ବାପା, ମା' ଓ ପୁଅ ଗୁରୁତର

**କଟକ, ନ୍ୟୁଜ ବ୍ୟୁରୋ**

ଗୋଟିଏ ପରିବାରର ୩ ଜଣ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ବାପା, ମାଆ ଓ ପୁଅ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଘଟଣାଟି ଘଟିଛି କଟକ ସିଡିଏ ସେକ୍ଟର ୬ ଅଞ୍ଚଳରେ। ବେଙ୍ଗାଲୁରୁର ଏକ ଆଇଟି କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର ଥିବା ସୌମ୍ୟ ରଞ୍ଜନ ପଣ୍ଡାଙ୍କ ସହିତ ତାଙ୍କ ବାପା ଉମାଚରଣ ପଣ୍ଡା ଓ ମା' ସରୋଜିନୀ ପଣ୍ଡା ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଗୁରୁବାର ବିଳମ୍ବିତ ରାତିରେ ବନ୍ଦ ଘରୁ ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୌମ୍ୟଙ୍କ ବାପା ଉମାଚରଣ ପଣ୍ଡା ଓ ମା' ସରୋଜିନୀ ପଣ୍ଡାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଛି। ତେବେ କାହିଁକି ଗୋଟିଏ ପରିବାରର ତିନି ଜଣ ସଦସ୍ୟ ଆତ୍ମହତ୍ୟା ଉଦ୍ୟମ କଲେ, ତାହା ସ୍ପଷ୍ଟ ହୋଇନାହିଁ। ମର୍କତ ନଗର ଥାନା ପୁଲିସ ଏହି ମାମଲାର ତଦନ୍ତ କରୁଛି।


**OFFICE OF THE MUNICIPAL COUNCIL, SONEPUR** C-326

Ph.06654-220475, e-Mail-sonepurm.hud@nic.in
No. 3172 /Dt. 01.08. 24
Corrigendum to TCN No.3100 dt.26..07.2024

This is for information of all concerned to this office tender call notice no.3100 dt.26.07.2024 that the last date for receipt of tender is 12.08.2024 upto 4.00P.M and opening of the tender is dt. 13.08.2024 at 11.00A.M.All other terms & conditions remain unchanged.

Executive Officer, Sonepur Municipality
OIPR-13098/11/0006/2425



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
CAD-725

ପତ୍ର ସଂଖ୍ୟା ୨୪୨୮୩ ଭୁ.ଉ.କ.,ଭୁବନେଶ୍ୱର ତା ୩୧/୦୭/୨୪ ରିଖ
INS-Shop-୧୭/୯୦

**ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଇନ୍ଦ୍ରଧନୁ ମାର୍କେଟ୍ କମ୍ପ୍ଲେକ୍ସ ମୌଜା-ନୟାପଲ୍ଲୀ, ଭୁବନେଶ୍ୱର ଅନ୍ତର୍ଗତ ଦୋକାନଗୃହ ନଂ-F5G-158 କୁ ଶ୍ରୀ ସୁରେଶ ଚନ୍ଦ୍ର ପାଢୀ, ପିତା- ସ୍ୱର୍ଗତ ରାଧାକ୍ରିଷ୍ଣ ପାଢୀ, ଗ୍ରାମ/ପୋଷ୍ଟ ଥାନା-ବ୍ରହ୍ମପୁର, ଜିଲ୍ଲା- ଗଞ୍ଜାମ, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା।

ଆବଣ୍ଟନଗ୍ରାହୀ ସୁରେଶ ଚନ୍ଦ୍ର ପାଢୀ ଗତ ତା-୧୪.୦୨.୨୦୨୩ ରିଖରେ ମୃତ୍ୟୁ ବରଣ କରିଅଛନ୍ତି।

( Death certificate No. 1825/2023 dated 23.02.2023) Legal heir certificate Misc.Case No. E-LHC/2024/ 87259 dated 09.06.2024 issued by the Govt.of Odisha ଅନୁଯାୟୀ ସୁରେଶ ଚନ୍ଦ୍ର ପାଢୀଙ୍କର ଉତ୍ତରାଧିକାରୀ (୧) ଗୀତା ପାଢୀ (ସ୍ତ୍ରୀ), (୨) ନୀନା ପାଢୀ (ବିବାହିତା କନ୍ୟା) ଓ (୩) ସନ୍ତୋଷ କୁମାର ପାଢୀ (ପୁତ୍ର) ଅଟନ୍ତି।

ବର୍ତ୍ତମାନ ଉତ୍ତରାଧିକାରୀମାନେ ଉକ୍ତ ଦୋକାନଗୃହର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଦୋକାନ ଗୃହର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବାପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଦୋକାନ ଗୃହର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୁତ୍ରରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସଂପାଦନ କରାଯିବ।

ଆବଣ୍ଟନ ଅଧିକାରୀ - ୧
OIPR-13033/11/0087/2425 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ



GOVT. OF ODISHA
DEPARTMENT OF WATER RESOURCE
DIRECTORATE OF GROUND WATER DEVELOPMENT
OFFICE OF THE EXECUTIVE ENGINEER, GWD DIVISION NO- 1, DELTA SQUARE, UNIT -8, BHUBANESWAR, PIN—751012, TEL- 0674-2973581
E- mail- executiveengineeerhpbbsr@gmail.com
767 A-201 Dt 01/08/24

E-PROCUREMENT NOTICES No: GWD DIVN.-1, BBSR-02/2024-25, dt.01-08.2024

| Sl No | Total number of work | | 3nos of work as mention below |
|---|---|---|---|
| 1 | Name of works | : | 1. Construction of 5nos Rooftop rain water harvesting structure (RRHS) in Govt. building under CHHATA scheme in Bhubaneswar Urban of Khurda District under GWD Division-I, Bhubaneswar during the FY-2024-25- Phase-I. 2. Construction of 4nos Rooftop rain water harvesting structure (RRHS) in Govt. building under CHHATA scheme in Bhubaneswar Urban of Khurda District under GWD Division-I, Bhubaneswar during the FY-2024-25- Phase-II. 3. Construction of 4nos Rooftop rain water harvesting structure (RRHS) in Govt. building under CHHATA scheme in Bolgarh block of Khurda District under GWD Division-I, Bhubaneswar during the FY-2024-25. |
| 2 | Estimate cost ( without GST) | : | 1.Rs.18,11,515/- 2.Rs.14,36,644/- 3.Rs.10,53,725/- |
| 3 | Bid Identification no- | : | 1. GWD DIVN.-1, BBSR-04/2024-25 2.GWD DIVN.-1, BBSR-05/2024-25 3. GWD DIVN.-1-BBSR -06/2024-25 |
| 4 | Period of completion | : | Two month |
| 5 | Class contractor | : | D & C |
| 6 | Date and time of availability of Bid document in the portal | : | Dt.05.08.2024, 11.00hrs to 16.08.2024, 17.00hrs |
| 7 | Date and time of receipt of bids in portal | | Dt.05.08.2024, 11.00hrs to 16.08.2024, 17.00hrs |
| 8 | Last date and time of for receipt of bid in the portal | | 16.08.2024, upto 17.00hrs |
| 9 | Date & time of opening of bid document(Bid opening date) | : | 17.08.2024 at 12.00hrs in the office of the Executive Engineer, G.W.D. Division-I, Bhubaneswar. |
| 10 | Date of lottery | | To be intimated to the responsive bidders through their registered e-mail |
| 11 | Bid security | | 1.Rs.18,200.00 2.Rs.14,400.00 3.Rs.10,600.00 |
| 12 | Cost of tender paper | : | 1.Rs.6000.00 2.Rs.6000.00 3.Rs.6000.00 |
| 13 | Procurement officer | | Executive Engineer, G.W.D. Division-I, Delta square, Unit-8, Bhubaneswar. |

OIPR-32462/11/0010/2425 Executive Engineer, GWD Division-1 Bhubaneswar



GOVT. OF ODISHA
OFFICE OF THE SUPERINTENDING ENGINEER,
JAJPUR IRRIGATION DIVISION, JAJPUR.
Office Phone No.06728-222022
Email – jpt.irrigation@gmail.com.
A-203

'e' -Procurement Notice No. 06/ 2024-25

| | | |
|---|---|---|
| 1 | Name of work | : Road work. |
| 2 | Total No. of Packages | : 01(OneNo. of Package only. |
| 3 | Estimated Cost | : Rs. 88.00 Lakh |
| 4 | Mode of Payment of EMD (Bid Security) & Bid cost | :The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN. |
| 5 | Period of completion | : Up-to 6 (Six) Calendar Months. |
| 6 | Other details as follows: | |
| | I. Procurement Officer | :Superintending Engineer, Jajpur Irrigation Division, Jajpur |
| | II. Period of Online Bidding | : Dt. 05.08.2024 from 10.00 Hrs. to Dt.16.08.2024 up to 17.00 Hrs. |
| | III. Date, time & place of opening of both Technical & Financial bid for the work. | : Dt. 17.08.2024 at 11.30 Hrs. in the office of the Superintending Engineer, Jajpur Irrigation Division, Jajpur. |
| | IV. Date of Transparent Lottery to be Conducted (If required) | : Dt. 22.08.2024 at 11.00 Hrs. in the office of the Superintending Engineer, Jajpur Irrigation Division Jajpur |

Further details can be seen from the Govt. web site www.tendersorissa.gov.in.
OIPR-32130/11/0008/2425 Superintending Engineer, Jajpur Irrigation Division


## ଆଳୁ ଗୋଦାମ କର୍ମଚାରୀଙ୍କୁ ଆକ୍ରମଣ କରି ୯ ଲକ୍ଷ ଲୁଟ୍

**କେନ୍ଦ୍ରାପଡ଼ା ନ୍ୟୁଜ ବ୍ୟୁରୋ**

ଅଶାନ୍ତ ହୋଇପଡ଼ିଛି କେନ୍ଦ୍ରାପଡ଼ା। ପୁଣିଥରେ ଆଳୁ ଗୋଦାମ କର୍ମଚାରୀଙ୍କୁ ଭୁଜାଲିରେ ହାଣି ୯ ଲକ୍ଷ ଟଙ୍କା ଲୁଟ୍ କରାଯାଇଛି ବୋଲି ସଦର ଥାନାରେ ଅଭିଯୋଗ ହୋଇଛି। ଆଳୁ ଗୋଦାମ କର୍ମଚାରୀ ବ୍ୟାଙ୍କରେ ଟଙ୍କା ଜମା କରିବାକୁ ଯାଉଥିବା ବେଳେ ଅଧା ରାସ୍ତାରେ ୩ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ପ୍ରଥମେ ବନ୍ଧୁକ ଦେଖାଇଲେ, ତା'ପରେ ଭୁଜାଲିରେ ହାଣି ୯ ଲକ୍ଷ ଟଙ୍କା ନେଇଯାଇଛନ୍ତି। ଶ୍ୟାମସୁନ୍ଦରପୁର ପୋଲ ଗଡାଣି ନିକଟସ୍ଥ ରାସ୍ତା ଉପରେ ଏହି ଲୁଟ୍ ହୋଇଛି। ମିଳିଥିବା ସୂଚନା ଅନୁସାରେ ଗୋପ ସ୍ଥିତ ଶ୍ରୀରାମ ଆଳୁ ଭଣ୍ଡାର ମାଲିକ ସୁଶାନ୍ତ କୁମାର ସାହୁଙ୍କ ନିକଟରେ ବିଶ୍ୱଜିତ ଦାସ କଲେକ୍ସନ ଏଜେଣ୍ଟ ଭାବେ କାର୍ଯ୍ୟ କରନ୍ତି। ଗୋପରୁ ଆଇଡିଏଫସି ବ୍ୟାଙ୍କକୁ କଲେକ୍ସନ ଟଙ୍କା ଜମା କରିବାକୁ ବିଶ୍ୱଜିତ ଯାଉଥିଲେ। ପୂର୍ବରୁ ଗୋପ ନିକଟରୁ ତାଙ୍କୁ ୩ ଜଣ ଅନୁକରଣ କରି ପିଛା କରିଥିଲେ। ଶ୍ୟାମସୁନ୍ଦରପୁର ପୋଲ ଗଡାଣି ନିକଟରେ ତାଙ୍କ ବାଇକ ଆଗରେ ୩ଜଣ ଦୁର୍ବୃତ୍ତ ଆଡ ପକାଇ ଅଟକାଇ ଥିଲେ। ଗାଡ଼ି ଚାଳକ ହେଲ୍‌ମେଟ୍ ପିନ୍ଧିଥିବା ବେଳେ ପଛରେ ବସିଥିବା ଦୁଇ ଯୁବକ ମୁଖା ପିନ୍ଧିଥିଲେ। ୩ ଜଣଙ୍କ ଭିତରୁ ଜଣେ ବିଶ୍ୱଜିତଙ୍କ ଛାତିରେ ବନ୍ଧୁକ ଲଗାଇ ଦେଇ ଟଙ୍କା ବ୍ୟାଗ ମାଗିଥିଲେ। ବନ୍ଧୁକର ଟ୍ରିଗର ଚିପିଥିଲେ ହେଁ ଗୁଳି ଫୁଟିନଥିଲା। ପରେ ତାଙ୍କୁ ଭୁଜାଲିରେ ହାଣି ତାଙ୍କ ଠାରୁ ଟଙ୍କା ବ୍ୟାଗ୍ ଛଡାଇ ନେଇ ଦୁର୍ବୃତମାନେ ପଳାଇଥିଲେ।

ଭୁବନେଶ୍ୱର
୦୪ ଅଗଷ୍ଟ
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

### ସ୍ୱାଧୀନତା ଦିବସ ପାଳନ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ

# ଦେଶ ଓ ଜାତିପ୍ରେମ ଭାବନା ଉଦ୍ରେକ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ



**ଭୁବନେଶ୍ୱର,୩/୮ ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ୭୮ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ । ଏ ସଂକ୍ରାନ୍ତରେ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତା ଦିବସ ସମସ୍ତଙ୍କ ପାଇଁ ଗର୍ବ, ଗୌରବ ଓ ଭାବାବେଗର ପ୍ରତୀକ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହାତ୍ମା ଗାନ୍ଧୀ ମାର୍ଗରେ ହେବାକୁ ଥିବା ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାଧାରଣତନ୍ତ୍ର ଦିବସ-୨୦୨୪ରେ ଅଂଶଗ୍ରହଣ କରି ବିଜୟୀ ହୋଇଥିବା ବିଭିନ୍ନ ପରେଡ୍ ଦଳ ଓ ପ୍ରଜ୍ଞାପନ ମେଢ଼କୁ ପୁରସ୍କାର ପ୍ରଦାନ କରିବେ । ତେଣୁ ଉକ୍ତ ସମାରୋହର ପ୍ରସ୍ତୁତିର ବିଭିନ୍ନ ଦିଗକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବିସ୍ତୃତ ଭାବରେ ସମୀକ୍ଷା କରିଥିଲେ । ଚଳିତ ବର୍ଷର ସ୍ୱାଧୀନତା ଦିବସ ଉପଲକ୍ଷେ ଓଡ଼ିଆ ଅସ୍ମିତା ଏବଂ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନକୁ ସ୍ୱାଧୀନତା ଦିବସ ସମାରୋହର ମୁଖ୍ୟ ଥିମ୍ ରୂପେ ଗ୍ରହଣ କରି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ । ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ, ପାର୍କ, ବସ୍‌ଷ୍ଟାଣ୍ଡ ଆଦିରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଭାତରେ ରାମଧୁନ୍ ପରିବେଷଣ ଦ୍ୱାରା ଦେଶପ୍ରେମ ଉଦ୍ରେକକାରୀ ପରିବେଶ ସୃଷ୍ଟି କରିବା ପାଇଁ ସମ୍ଭାବିତ ପଦକ୍ଷେପଗୁଡ଼ିକ ବିଷୟରେ ଆଲୋଚନା କରାଯାଇଥିଲା । ଏହା ସହ ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପତାକା ଉତ୍ତୋଳନ ସ୍ଥାନଠାରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ, ସ୍ୱାଧୀନତା ଦିବସ ଉତ୍ସବର ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧା ପ୍ରସାରଣ, ଗଣମାଧ୍ୟମକୁ ସୂଚନା ପ୍ରଦାନ, ଉତ୍ସବ ସ୍ଥଳର ସାଜସଜ୍ଜା, ନିମନ୍ତ୍ରିତ ଅତିଥିଙ୍କ ଉପବେସନ ବ୍ୟବସ୍ଥା ଆଦି ବିଷୟରେ ଆଲୋଚନା ହୋଇଥିଲା । ସ୍ୱାଧୀନତା ଦିବସ ଉପଲକ୍ଷେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାରେ ଆଲୋକ ସଜ୍ଜାର ବ୍ୟବସ୍ଥା କରାଯିବ । ସେହିପରି ସୁରକ୍ଷା ବ୍ୟବସ୍ଥା ତଥା ଟ୍ରାଫିକ୍ ନିୟନ୍ତ୍ରଣକୁ କମିଶନରେଟ୍ ପୋଲିସ ପକ୍ଷରୁ ପରିଚାଳନା କରାଯିବ । ଏହି ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର କୁମାର ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଗୁରବୀର ସିଂହ, ଉପନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ନିର୍ବାଚନୀ ବଣ୍ଡ: ଏସ୍‌ଆଇଟି ତଦନ୍ତକୁ ସୁପ୍ରିମକୋର୍ଟଙ୍କ ନା




**ନୂଆଦିଲ୍ଲୀ, ୩/୮**

ପ୍ରତ୍ୟାହୃତ ହୋଇ ସାରିଥିବା ନିର୍ବାଚନୀ ବଣ୍ଡ ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ହୋଇଥିବା ଆବେଦନକୁ ଶନିବାର ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି । ନିର୍ବାଚନୀ ବଣ୍ଡ ଜରିଆରେ ବିଭିନ୍ନ ରାଜନୀତିକ ଦଳ ପାଇଥିବା ଚାନ୍ଦାର ଅପବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି । ଏହାର ତଦନ୍ତ ଏସ୍‌ଆଇଟି ଦ୍ୱାରା କରିବାକୁ ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିଲା । କିନ୍ତୁ ଏହାକୁ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରି ଦେଇଛନ୍ତି । ବିଭିନ୍ନ ରାଜନୀତିକ ଦଳ ଓ କର୍ପୋରେଟ ଡୋନର ବା ଚାନ୍ଦାଦାତାଙ୍କ ମଧ୍ୟରେ ନିର୍ବାଚନୀ ବଣ୍ଡ ଜରିଆରେ ଅନୈତିକ ଡିଲ୍ ହୋଇଥିବା ଅଭିଯୋଗ ହୋଇଛି । ବିଭିନ୍ନ ରାଜନୀତିକ ଦଳ ବିଶେଷ କରି କ୍ଷମତାରେ ଥିବା ଦଳଗୁଡ଼ିକ ବଡ଼ବଡ଼ ବ୍ୟବସାୟୀ ଓ ସଂସ୍ଥାମାନଙ୍କ ଠାରୁ ଚାନ୍ଦା ଦେଇ ସେମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଇଥିବା ଅଭିଯୋଗ ହୋଇଛି । ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ଜେବି ପାରଡିୱାଲା ଓ ଜଷ୍ଟିସ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି ଯେ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏବେ ଠାରୁ ତଦନ୍ତ ନିର୍ଦ୍ଦେଶ ଦେବା ଅପରିପକ୍ୱ ଓ ଅନୁଚିତ ହେବ । ଆବେଦନକାରୀ ସାଧାରଣ ଆଇନ ବ୍ୟବସ୍ଥା ଅନୁଯାୟୀ ନିଜର ଅଭିଯୋଗ ଦାଖଲ କରିପାରିବେ । ଯଦି ସେମାନଙ୍କ ଅଭିଯୋଗର ତଦନ୍ତ ନ ହେବ କିମ୍ବା ରିପୋର୍ଟ ଦାଖଲ କରା ନ ଯିବ, ତା'ହେଲେ ଆବେଦନକାରୀ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟ ଆସିପାରିବେ । ନ୍ୟାୟିକ ସମୀକ୍ଷାର ଆବଶ୍ୟକ ଥିବାରୁ କୋର୍ଟ ନିର୍ବାଚନୀ ବଣ୍ଡର ପ୍ରସଙ୍ଗରେ ହସ୍ତକ୍ଷେପ କରିଥିଲେ । କିନ୍ତୁ ଏହା ସହ ଜଡ଼ିତ ଅପରାଧିକ ଦିଗର ତଦନ୍ତ ଆଇନ ଅନୁସାରେ କରାଯାଇ ପାରିବ । ଅଭିଯୋଗର ତଦନ୍ତ ଯଦି ନ ହେବ, ତା'ହେଲେ କୋର୍ଟ ଏଥିରେ ହସ୍ତକ୍ଷେପ କରିପାରିବେ । କେନ୍ଦ୍ର ସରକାର ୨୦୧୭ରେ ନିର୍ବାଚନ ବଣ୍ଡ ସ୍କିମ୍ ଘୋଷଣା କରିଥିଲେ । ଏହି ସ୍କିମ୍ ୨୯ ଜାନୁଆରୀ ୨୦୧୮ରେ ଆଇନଗତ ଭାବରେ କାର୍ଯ୍ୟକାରୀ ହୋଇଥିଲେ । ଯଦି ଆମେ ସରଳ ଭାଷାରେ କହିବା, ତେବେ ରାଜନୀତିକ ଦଳମାନଙ୍କୁ ଅର୍ଥ ଦାନ କରିବାର ଏକ ମାଧ୍ୟମ ହେଉଛି ନିର୍ବାଚନୀ ବଣ୍ଡ । ଏହି ବଣ୍ଡକୁ ଭାରତର ଯେକୌଣସି ନାଗରିକ କିମ୍ବା କମ୍ପାନୀ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସିଲେକ୍ଟ ଶାଖାରୁ କିଣି ପାରିବେ ଏବଂ ନିଜ ପସନ୍ଦର କୌଣସି ରାଜନୈତିକ ଦଳକୁ ଦାନ କରିପାରିବେ । କିନ୍ତୁ ଏଥିରେ କୌଣସି ବ୍ୟକ୍ତି କିମ୍ବା କମ୍ପାନୀର ନାମ ପ୍ରକାଶ କରାଯିବ ନାହିଁ, ଅର୍ଥାତ୍ ଏହା ଗୋପନ ରହିବ । ତେବେ ଏହାକୁ ଫେବୃୟାରୀ ୧୫ରେ ସୁପ୍ରିମକୋର୍ଟ ଅସାମ୍ବିଧାନିକ କହିବା ସହ ତୁରନ୍ତ ପ୍ରତ୍ୟାହାର କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

### ୱାୟନାଡ ଭୂସ୍ଖଳନ ବିପର୍ଯ୍ୟୟ

# ପୀଡିତ ପରିବାରକୁ ସୁରକ୍ଷା ଦେଲା ବନ୍ୟ ହାତୀ



**ନୂଆଦିଲ୍ଲୀ, ୩/୮**

କେରଳର ୱାୟନାଡ ଜିଲ୍ଲାରେ ଭୂସ୍ଖଳନ ଜନିତ ପ୍ରଳୟଙ୍କରୀ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହୋଇଥିବା ଏକ ପରିବାର ବନ୍ୟ ହାତୀ ସହାୟତାରେ ଉଦ୍ଧାର ହେବାରେ ସମର୍ଥ ହୋଇ ପାରିଛନ୍ତି । ସୂଚନା ଯୋଗ୍ୟ ଯେ, ସୁଜାତା ଅନିନାଚିର ଓ ତାଙ୍କ ପରିବାର ବର୍ଗ ଭୂସ୍ଖଳନ ଜନିତ ବିପର୍ଯ୍ୟରେ ଘର ଭୁଶୁଡ଼ି ପଡିବା ଯୋଗୁଁ ଅସହାୟ ହୋଇ ଏକ ସ୍ଥାନରେ ଅଟକି ଯାଇଥିଲେ । ୱାୟନାଡ ଜିଲ୍ଲାର-ଚୁରାମାଲା ଗ୍ରାମରେ ସୁଜାତାଙ୍କ ପରିବାର ବସବାସ କରୁଥିଲେ । ଭୂସ୍ଖଳନ ଯୋଗୁଁ ଏହି ଗ୍ରାମର ସମସ୍ତ ଘର ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । ଏହି ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ସୁଜାତା ଓ ତାଙ୍କ ସ୍ୱାମୀ ଏବଂ ଝିଅ ଓ ଦୁଇ ନାତିନାତୁଣୀ ଉଦ୍ଧାର ଅପେକ୍ଷାରେ ରହିଥିଲେ । ଠିକ୍ ସେତିକି ବେଳେ ଘୋର ଅନ୍ଧାର ହୋଇଥିଲା । ନିକଟସ୍ଥ ଏକ ପାହାଡ ନିକଟରେ ଏମାନେ ଅଟକି ଥିବା ବେଳେ ଏକ ଦନ୍ତା ହାତୀ ଓ ୨ଟି ମାଈହାତୀଙ୍କ ସମ୍ମୁଖୀନ ହୋଇ ସେମାନଙ୍କର ସହାୟତା ଲୋଡ଼ିଥିଲେ । ସୁଜାତା ଓ ତାଙ୍କ ପରିବାରଙ୍କ ଏଭଳି ଦୁର୍ବିସହ ପରିସ୍ଥିତିରେ ହାତୀମାନେ ମଧ୍ୟ ଆଖିରୁ ଲୁହ ଗଡାଇ ସମବେଦନା ଜଣାଇଥିଲେ ଏବଂ ଏହି ପରିବାରକୁ ପରଦିନ ସକାଳ ସୁଦ୍ଧା ସେଠାରେ ସୁରକ୍ଷା ଦେଇ ଅଟକି ଯାଇଥିଲେ । ଶେଷରେ ନିକଟସ୍ଥ ଏକ କଫି ବଗିଚାରେ ସୁଜାତା ଓ ତାଙ୍କ ପରିବାର ଆଶ୍ରୟ ନେଇ ବିପର୍ଯ୍ୟୟରୁ ରକ୍ଷା ପାଇଥିବା ଜଣାପଡିଛି ।

# ସରକାରୀ ଓ ବେସରକାରୀ ସ୍ତରରେ ଓଡ଼ିଆ ଭାଷାର ବ୍ୟବହାର ବୃଦ୍ଧି ପାଇବ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୦୩.୦୮**
**ନ୍ୟୁଜ ବ୍ୟୁରୋ**



ଶନିବାର ଲୋକସେବା ଭବନଠାରେ ଓଡ଼ିଶା ପବ୍ଲିସର ଆଣ୍ଡ ବୁକ୍ ସେଲର୍ସ ଆସୋସିଏସନ, କଟକର କର୍ମକର୍ତ୍ତା ଓ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଓଡ଼ିଆ ଅସ୍ମିତାର ସୁରକ୍ଷା ଏବଂ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଅଭିବୃଦ୍ଧି ପାଇଁ ଆମେ କାମ ଆରମ୍ଭ କରିଛୁ । ଓଡ଼ିଆ ଅସ୍ମିତା ପାଇଁ ଏକ କର୍ପସ ଫଣ୍ଡ ମଧ୍ୟ ଗଠନ କରିଛୁ । ଆଗକୁ ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ ହେବା ପାଇଁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟର ଗ୍ରାମାଞ୍ଚଳ ଗୁଡିକରେ ପାଠାଗାର ସ୍ଥାପନ ପାଇଁ ମଧ୍ୟ ଯୋଜନା ରହିଛି । ସରକାରୀ ଓ ବେସରକାରୀ ସ୍ତରରେ ଓଡ଼ିଆ ଭାଷାର ବ୍ୟବହାର ବୃଦ୍ଧି ପାଇଲେ ପ୍ରକାଶକମାନେ ଏହାଦ୍ୱାରା ଉପକୃତ ହେବେ ବୋଲି ସେ କହିଥିଲେ । ଆସୋସିଏସନର ସଭାପତି ଗଙ୍ଗାଧର ତ୍ରିପାଠୀ କହିଥିଲେ ଯେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଆପଣଙ୍କ ଆନ୍ତରିକତା ଯୋଗୁ ଆମେମାନେ ବହୁତ ଖୁସି । ଏହାଦ୍ୱାରା ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ସହିତ ସାହିତ୍ୟ ପତ୍ରିକା ଓ ଉପନ୍ୟାସ ଅଧିକ ସଂଖ୍ୟାରେ ପ୍ରକାଶ ପାଇବ । ମୁଖ୍ୟମନ୍ତ୍ରୀ ଭାବେ ଆପଣ ଓଡ଼ିଆ ଅସ୍ମିତା କ୍ଷେତ୍ରରେ ନୂଆ ଜାଗରଣ ଆଣିଛନ୍ତି । ସେଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଆସୋସିଏସନ ପକ୍ଷରୁ କଟକର ଫେଣ୍ଡସ୍ ପବ୍ଲିସର, ବିଦ୍ୟାପୁରୀ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ଶକ୍ତି ପବ୍ଲିଶର୍ସ, ନବଦିଗନ୍ତ, ଓଡ଼ିଶା ବୁକ୍ ଷ୍ଟୋର, ଜଗନ୍ନାଥ ରଥ, ମା' ସାରଦା ପବ୍ଲିକେଶନ, ବୁକ୍‌ସ ଏଣ୍ଡ ବୁକ୍‌ସ ଏବଂ ଓମ୍ ସାଇ ପବ୍ଲିକେଶନ ସଂସ୍ଥାର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ ।

### ମୟୂରଭଞ୍ଜ ଜିଲ୍ଲାରେ ରାଜ୍ୟସ୍ତରୀୟ ବୃହତ ତାଳତେଲ ବୃକ୍ଷରୋପଣ ଅଭିଯାନ ଶୁଭାରମ୍ଭ

# 'ଗୋଟିଏ ତାଳତେଲ ବୃକ୍ଷରୁ ବର୍ଷକରେ ଆୟହେବ ୨୦୦୦ ଟଙ୍କା' : ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୦୩/୦୮**
**ନ୍ୟୁଜ ବ୍ୟୁରୋ**



ଶନିବାର ମୟୂରଭଞ୍ଜ ଜିଲ୍ଲାର ବାରିପଦା ସବ୍‌ଡିଭିଜନ ଅନ୍ତର୍ଗତ ବେତନଟୀ ବ୍ଲକ ଅଧୀନରେ ଥିବା ଧନପୁର ଗ୍ରାମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ରାଜ୍ୟସ୍ତରୀୟ ବୃହତ ତାଳତେଲ ବୃକ୍ଷରୋପଣ ଅଭିଯାନ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏହି ରାଜ୍ୟସ୍ତରୀୟ ଅଭିଯାନକୁ ଉଦ୍‌ଘାଟନ କରିବା ଅବସରରେ ତାଳତେଲର ଚାହିଦା, ରପ୍ତାନୀରେ ଓଡ଼ିଶାର ଲାଭ ଓ ଏହାର ବ୍ୟବହାରରେ ଲୋକଙ୍କର ଲାଭ ବିଷୟରେ ଉଲ୍ଲେଖ କରିଥିଲେ । ଗୋଟିଏ ତାଳତେଲ ଗଛରୁ ବାର୍ଷିକ ପ୍ରାୟ ୨ ହଜାର ଟଙ୍କା ଆୟ କରିହେବ ଏବଂ ଏକ ହେକ୍ଟର ଜମିରୁ ପ୍ରାୟ ୨ ଲକ୍ଷ ୮୦ ହଜାର ଟଙ୍କା ଆୟ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବଡ଼ସାହିବିଧାୟକ ସନାତନ ବିଜୁଳି, ବାରିପଦା ବିଧାୟକ ପ୍ରକାଶ ସୋରେନ, ବାଙ୍ଗିରିପୋଷି ବିଧାୟିକା କୁମାରୀ ସଞ୍ଜଲୀ ମୁର୍ମୁ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାୟକ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ତଥା ଉଦ୍ୟାନ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ମୟୂରଭଞ୍ଜ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଉକ୍ତ ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ତାଳତେଲର ଉତ୍କର୍ଷତା ଏବଂ ଏହି ଫସଲ ଚାଷ ଫଳରେ ଚାଷୀମାନେ କିପରି ଆତ୍ମନିର୍ଭରଶୀଳ, ସ୍ୱାବଲମ୍ବୀ ଏବଂ ରୋଜଗାରକ୍ଷମ ହେବେ ସେ ବିଷୟରେ ବକ୍ତବ୍ୟ ରଖିଥିଲେ । ପ୍ରକାଶଯୋଗ୍ୟ ଯେ ଆମ ରାଜ୍ୟର ୨୦ଟି ଜିଲ୍ଲାରେ ୧୧ଗୋଟି ତାଳତେଲ କମ୍ପାନି ସହଯୋଗରେ ଏହି ଫସଲ କାର୍ଯ୍ୟକ୍ରମ ଚାଲୁରହିଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୁକାନ୍ତ କୁମାର ସୁବୁଦ୍ଧି, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୁବ୍ରତ କୁମାର ଚାନ୍ଦ, ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସିଦ୍ଧାର୍ଥ ବେହୁରା, ମୟୂରଭଞ୍ଜ ଉଦ୍ୟାନକୃଷି ନିର୍ଦ୍ଦେଶକ ଟଙ୍କଧର କାଲୋ ପ୍ରମୁଖ ଯୋଗଦାନ କରିଥିଲେ । ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ଅନ୍ୟୁନ ୩ ହଜାର ଚାଷୀ ଭାଇ ଓ ଭଉଣୀମାନେ ଯୋଗଦାନ କରି ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

### କେରଳ ଭୂସ୍ଖଳନ ଟ୍ରାଜେଡି

# ଆହତ ପ୍ରିୟଦର୍ଶିନୀ ଭୁବନେଶ୍ୱର ଫେରିଲେ


ପ୍ରିୟଦର୍ଶିନୀ ପାଲ୍ | ସ୍ୱୀକୃତି ମହାପାତ୍ର

**ଭୁବନେଶ୍ୱର, ୦୩/୦୮ ନ୍ୟୁଜ ବ୍ୟୁରୋ**

କେରଳର ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ଦିନକୁ ଦିନ ବଢିଚାଲିଛି । ଏହା ଏବେ ୩୫୦ରେ ପହଞ୍ଚିଥିଲାବେଳେ ଆହୁରି କୋଡ଼ କୋଡ଼ ଶବ ମାଟିଭିତରେ ପୋତି ହୋଇଥିବାର ଆଶଙ୍କା କରାଯାଉଛି । ଆହତଙ୍କ ସଂଖ୍ୟା ନ କହିଲେ ଭଲ । ଭୂସ୍ଖଳନ ଯୋଗୁଁ ଅନେକ ଘର ଭୁଶୁଡି ପଡିଛି, ନଦୀଗୁଡିକ ଜଳମଗ୍ନ ହୋଇଛି ଏବଂ ଅନେକ ଗଛ ଉପୁଡି ପଡିଛି । ପାଗ ଅତ୍ୟଧିକ ଖରାପ, ତଥାପି ସେନା ବାହିନୀ ଏବଂ ଏନଡିଆର୍‌ଏଫର ଉଦ୍ଧାରକାରୀ ଟିମ୍ ଦିନରାତି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି । ଭୂ-ସ୍ଖଳନରେ ନିଖୋଜ ଥିବା ଓଡ଼ିଶାର ଦୁଇ ଡାକ୍ତର ଦମ୍ପତିଙ୍କ ମଧ୍ୟରୁ ବିଷ୍ଣୁ ପ୍ରସାଦ ଚିନରାଙ୍କ ମୃତ ଦେହ ଉଦ୍ଧାର ହୋଇସାରିଛି । ଡାକ୍ତର ସ୍ୱାଧୀନ ପଣ୍ଡା ଏବେ ବି ନିଖୋଜ ଅଛନ୍ତି । ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତିର ନିର୍ଦ୍ଦେଶକ ଦିଲୀପ ରାଉତରାଏଙ୍କ ନେତୃତ୍ୱରେ କେରଳ ଯାଇଥିବା ଟିମ୍ ଏହା ମଧ୍ୟରେ ପୀଡ଼ିତଙ୍କ ପାଖରେ ପହଞ୍ଚି ସେମାନଙ୍କ ଭଲମନ୍ଦ ବୁଝିଛନ୍ତି । ଉଭୟ ସ୍ୱୀକୃତି ମହାପାତ୍ର ଏବଂ ଶ୍ରୀମତୀ ପ୍ରିୟଦର୍ଶିନୀ ପାଲ ଭୂସ୍ଖଳନରେ ଆହତ ହୋଇ କେରଳ ଡବ୍ଲୁଆଇଏମ ହସପିଟାଲରେ ଚିକିତ୍ସାଧୀନ ଅଛନ୍ତି । ସ୍ୱୀକୃତି ମହାପାତ୍ର ଆଇସିୟୁରେ ଚିକିତ୍ସାଧୀନ ଥିବାବେଳେ ପ୍ରିୟଦର୍ଶିନୀ ପାଲ ଶନିବାର ହସପିଟାଲରୁ ଡିସଚାର୍ଜ ହୋଇ ଫ୍ଲାଇଟରେ ଭୁବନେଶ୍ୱରରେ ପହଞ୍ଚିଥିବା ଜଣାପଡିଛି । ଅପରପକ୍ଷେ ସ୍ୱାମୀଙ୍କ ଦେହାନ୍ତ ଖବର ଶୁଣି ସେ ଭାଙ୍ଗି ପଡ଼ିଛନ୍ତି । ଭୂସ୍ଖଳନରେ ଆହତ ହୋଇଥିବା ଅନ୍ୟ ଜଣେ ଡାକ୍ତର ସ୍ୱୀକୃତି ମହାପାତ୍ର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି । ତାଙ୍କ ଫୁସଫୁସରେ ମାଟି ଜମା ହୋଇଯାଇଥିଲା । ବ୍ରୋଙ୍କସ୍କୋପି ଜରିଆରେ ସେସବୁ ପ୍ରାୟ କଢ଼ାସରିଛି । ସେ ସଂପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି ।

# ଇସ୍ରାଏଲରେ ଥିବା ଭାରତୀୟଙ୍କୁ ସତର୍କ ରହିବାକୁ ପରାମର୍ଶ

**ନୂଆଦିଲ୍ଲୀ, ୩/୮**

ମଧ୍ୟପ୍ରାଚ୍ୟରେ ପରିସ୍ଥିତି ଅଶାନ୍ତ ହେବାରେ ଲାଗିଛି । ହମାସ ଏବଂ ହିଜବୁଲ ସର୍ବୋଚ୍ଚ ନେତାଙ୍କ ମୃତ୍ୟୁ ପରେ ଇରାନ ଏବଂ ଏହାର ସମର୍ଥିତ ଗୋଷ୍ଠୀ ଇସ୍ରାଏଲ ଉପରେ ଡାଇରେକ୍ଟ ଆଟାକ୍ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ଲେବାନନ ଏବଂ ଇସ୍ରାଏଲରେ ରହୁଥିବା ଭାରତୀୟଙ୍କୁ ସତର୍କ କରାଇଛି ଦୂତାବାସ । ଭାରତୀୟ ଦୂତାବାସ ଇସ୍ରାଏଲରେ ରହୁଥିବା ସମସ୍ତ ଭାରତୀୟ ନାଗରିକଙ୍କୁ ସତର୍କ ରହିବାକୁ କହିବା ସହ ସ୍ଥାନୀୟ ପ୍ରଶାସନ ଜାରି କରିଥିବା ସୁରକ୍ଷା ପ୍ରୋଟୋକଲକୁ ପାଳନ କରିବା ପାଇଁ ପରାମର୍ଶ ଦେଇଛି । ସେହିପରି ଲେବାନନର ରାଜଧାନୀ ବେରୁଟରେ ଥିବା ଭାରତୀୟ ଦୂତାବାସ ଭାରତୀୟ ନାଗରିକମାନଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ ପରାମର୍ଶ ଦେଇଛି । ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି ନ ହେବା ପର୍ଯ୍ୟନ୍ତ ପଶ୍ଚିମ ଏସିଆ ଦେଶକୁ ନ ଯିବାକୁ କୁହାଯାଉଛି । ସେହିପରି ଭାରତୀୟଙ୍କୁ ମଧ୍ୟ ଲେବାନନ ଯାତ୍ରା ନ କରିବାକୁ ପରାମର୍ଶ ଦିଆଯାଇଛି । ଏପଟେ ଏୟାର ଇଣ୍ଡିଆ ଇସ୍ରାଏଲର ତେଲ୍ ଆଭିଭକୁ ବିମାନ ଚଳାଚଳ ସ୍ଥଗିତ ରଖିଛି । ଅଗଷ୍ଟ ୮ ପର୍ଯ୍ୟନ୍ତ ତେଲ୍ ଆଭିଭକୁ ଏୟାର ଇଣ୍ଡିଆର କୌଣସି ବିମାନ ଉଡ଼ିବ ନାହିଁ ।

# ଭୟଙ୍କର ମାନ୍ଦାବସ୍ଥା ଆଡ଼କୁ ବିଶ୍ୱ ଅର୍ଥନୀତି

**ନୂଆଦିଲ୍ଲୀ, ୩/୮**

ଭୟଙ୍କର ମାନ୍ଦାବସ୍ଥା ଆଡ଼କୁ ବିଶ୍ୱ ଅର୍ଥନୀତି । ଆମେରିକା ଏବଂ ୟୁରୋପ ସେୟାର ବଜାର ଉପରେ ଏହାର ବଡ ପ୍ରଭାବ ଦେଖିବାକୁ ମିଳିଛି । ୨୦୨୦ କରୋନା ସମୟରେ ସେୟାର ବଜାରରେ ଯେଉଁଭଳି ପ୍ରଭାବ ଦେଖିବାକୁ ମିଳିଥିଲା, ଏବେ ସେହିପରି ପରିସ୍ଥିତି ସୃଷ୍ଟି ହୋଇଛି । ବଡ ବଡ କମ୍ପାନୀମାନେ ସେମାନଙ୍କ ସେୟାର ବିକ୍ରି କରିବାରେ ଲାଗିଛନ୍ତି । ଆମାଜନର ସେୟାର ଗୋଟିଏ ଦିନରେ ୧୧ ପ୍ରତିଶତ ଖସିଛି । ସେହିପରି ଆପଲ, ମେଟା, ମାଇକ୍ରୋସଫ୍ଟ, ନିଭିଦା ଆଦି ବଡ ବଡ କମ୍ପାନୀର ସେୟାର ୩ ରୁ ୪ ପ୍ରତିଶତ ଖସିଛି । ଏହା ଫଳରେ ଆମେରିକାର କ୍ୟାପିଟାଲ ମାର୍କେଟ ନାସଦକରେ ଦୁଇ ଦିନରେ ୬ ପ୍ରତିଶତ ଓ ଡାଓ ଜୋନସ୍ ୮ ପ୍ରତିଶତ ହ୍ରାସ ପାଇଛି । ଆମେରିକାର ୯୦ ପ୍ରତିଶତ କମ୍ପାନୀର ସେୟାରରେ ବଡ ହ୍ରାସ ଦେଖିବାକୁ ମିଳିଛି । ଜାପାନର ସେୟାର ମାର୍କେଟ ନିକେଇ-୨୨୫ରେ ଗୋଟିଏ ଦିନରେ ୩ ହଜାର ୮୩୬ ପଏଣ୍ଟ ହ୍ରାସ ପାଇଛି । ଯାହାକି ୧୩ ପ୍ରତିଶତ ବୋଲି କୁହାଯାଉଛି । ଜାପାନରେ ୧୯୮୭ ପରେ ଅର୍ଥାତ୍ ଦୀର୍ଘ ୩୭ ବର୍ଷ ପରେ ଏତେ ବଡ କ୍ରାସ ଗୋଟିଏ ଦିନରେ ହୋଇଛି । ଗୋଟିଏ ଦିନରେ ୨.୮ ଟ୍ରିଲିଅନ ଅର୍ଥାତ୍ ୨୩ ଲକ୍ଷ ୪୬ ହଜାର କୋଟି ଟଙ୍କାର କ୍ଷତି ହୋଇଛି । ସେହିପରି ଭାରତରେ ସେୟାର ବଜାରରେ ମଧ୍ୟ ବଡ ହ୍ରାସ ହୋଇଛି ।



ନୂଆଦିଲ୍ଲୀ : କେରଳ ୱାୟନାଡ ଜିଲ୍ଲାରେ ଘଟିଥିବା ଭୂସ୍ଖଳନ ଜନିତ ବିପର୍ଯ୍ୟୟରୁ ମୃତାହତ ଲୋକମାନଙ୍କୁ ଉଦ୍ଧାର କରିବା ନିମନ୍ତେ ଜଣେ ମହିଳା ସେନା ଅଧିକାରୀ ମେଜର ସୀତା ଶେଲ୍‌କେଙ୍କ ନେତୃତ୍ୱରେ ୧୪୦ ଜଣ ଯବାନ ଯୁଦ୍ଧକାଳିନ ଭିତ୍ତିରେ ନୂତନ ୱାୟନାଡ ବ୍ରିଜ୍ ନିର୍ମାଣ କରିବାରେ ସକ୍ଷମ ହୋଇପାରିଛନ୍ତି । ଏଥି ନିମନ୍ତେ ସେନାବହିନୀଙ୍କୁ ବିଭିନ୍ନ ମହଲରୁ ସଲାମ କରାଯାଉଛି ।

# ଗଠନ ହେବ ଶ୍ରୀମନ୍ଦିରର ନୂତନ ପରିଚାଳନା କମିଟି : ଯୋଗ୍ୟ ବ୍ୟକ୍ତିଙ୍କୁ ସ୍ଥାନ ଦିଆଯିବ

**ପୁରୀ, ୩/୮ ନ୍ୟୁଜ ବ୍ୟୁରୋ**



ଚଳିତ ମାସ ଶେଷ ହେବାକୁ ଯାଉଛି ଶ୍ରୀମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାଳ ଅବଧି । ନୂଆ ପରିଚାଳନା କମିଟି ଗଠନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ଏନେଇ ରାଜ୍ୟ ଆଇନ୍ ବିଭାଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି କରି ଅବଗତ କରାଯାଇଛି । କେଉଁ ଆଧାରରେ ଏବଂ କିଭଳି ଭାବେ ନୂତନ ପରିଚାଳନା କମିଟି ସଦସ୍ୟଙ୍କ ମନୋନୟନ ହେବ ସେନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ରାଜ୍ୟ ଆଇନ୍ ବିଭାଗ ଚିଠିରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି । ଆଇନ୍ ବିଭାଗ ପକ୍ଷରୁ ଜାରି ହୋଇଥିବା ଚିଠିରେ ଉଲ୍ଲେଖ ଅନୁସାରେ ମହାପ୍ରଭୁଙ୍କର ଅଧିକାଂଶ ସେବାପୂଜାରେ ପ୍ରମୁଖ ଭୂମିକା ଥିବା ସେବାୟତ ନିଯୋଗରୁ ଦୁଇଜଣ ଲେଖାଏଁ ସଦସ୍ୟଙ୍କ ନାମ ଉକ୍ତ ନିଯୋଗ ଶ୍ରୀମନ୍ଦିର ପ୍ରଶାସନକୁ ସୁପାରିଶ କରିବାକୁ ଅନୁରୋଧ କରିବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ବିଭିନ୍ନ ନିଯୋଗରୁ ସୁପାରିଶ ହୋଇଥିବା ନାମ ଆସିବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏକ ଦଶ ଜଣିଆ ସଦସ୍ୟ ସୂଚି ପ୍ରସ୍ତୁତ କରିବେ । ଯଦି ନାମ ଚୟନ ନେଇ କୌଣସି ଅସୁବିଧା ହୁଏ, ତେବେ ଲଟେରୀ ମାଧ୍ୟମରେ ନାମ ଚୟନ କରାଯିବା ନେଇ ଚିଠିରେ ଉଲ୍ଲେଖ ରହିଛି । ଶ୍ରୀମନ୍ଦିର ପରିଚାଳନା କମିଟିରେ ପ୍ରମୁଖ ସେବାୟତ ନିଯୋଗକୁ ରୋଟେସନ୍ ପଦ୍ଧତିରେ ସ୍ଥାନ ଦିଆଯିବାକୁ ଚିଠିରେ ମଧ୍ୟ ଉଲ୍ଲେଖ ରହିଛି । କୌଣସି ନିଯୋଗରୁ ଦୁଇଜଣ ବ୍ୟକ୍ତି ପରିଚାଳନା କମିଟିକୁ ମନୋନୀତ ହୋଇପାରିବେ ନାହିଁ । ସେହିପରି କୌଣସି ବ୍ୟକ୍ତି ଯଦି ଲଗାତାର ଦୁଇଥର ପରିଚାଳନା କମିଟିରେ ସଦସ୍ୟ ହୋଇଥିବେ ତାଙ୍କୁ ଆଉ ମନୋନୀତ କରାଯିବ ନାହିଁ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏହି ନାମଗୁଡ଼ିକ ମନୋନୀତ କରିବା ପରେ ଗୋପନୀୟ ଭାବେ ସରକାରଙ୍କୁ ପ୍ରଦାନ କରିବେ । ପରେ ଆଇନ୍ ବିଭାଗ ଆବଶ୍ୟକ ସଦସ୍ୟ ମନୋନୀତ କରି ନୂତନ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ କରିବେ । ଏନେଇ ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି,'ଶ୍ରୀମନ୍ଦିର ପରିଚାଳନା କମିଟି ଶ୍ରୀମନ୍ଦିର ସୁରକ୍ଷା ଏବଂ ଶୃଙ୍ଖଳିତ ନୀତିକାନ୍ତି ପାଇଁ ଉତ୍ତରଦାୟୀ । ଏଣୁ ବିଭିନ୍ନ ନିଯୋଗର ସେବାୟତ ପ୍ରତିନିଧିଙ୍କ ସହ ସମାଜର ବିଭିନ୍ନ ବର୍ଗରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ପରିଚାଳନା କମିଟିରେ ସ୍ଥାନ ଦେବା ଉଚିତ୍ । ପୂର୍ବରୁ ପରିଚାଳନା କମିଟି ରାଜ୍ୟ ସରକାରଙ୍କ କ୍ରୀଡନକ ସାଜି ଶ୍ରୀମନ୍ଦିରର ସୁରକ୍ଷା ଓ ଶୃଙ୍ଖଳିତ ନୀତିକାନ୍ତି କିଭଳି ହେବ ସେନେଇ ଧ୍ୟାନ ଦେଉନଥିଲେ । ସରକାରଙ୍କ ଚାପରେ ଭୁଲ୍ ତ୍ରୁଟିକୁ ମଧ୍ୟ ପ୍ରତିବାଦ କରୁନଥିଲେ । ଏହାଦ୍ୱାରା ଶ୍ରୀମନ୍ଦିରରେ ବିଶୃଙ୍ଖଳା ବଢ଼ିବା ସହ ରଥଯାତ୍ରା ଆୟୋଜନରେ ବ୍ୟାପକ ବିଶୃଙ୍ଖଳା, ମହାପ୍ରଭୁଙ୍କ ଭୂସମ୍ପତ୍ତି ସୁରକ୍ଷାରେ ସମ୍ପୂର୍ଣ୍ଣ ଅସମର୍ଥ ଥିଲା ଏହି ଶ୍ରୀମନ୍ଦିର ପରିଚାଳନା କମିଟି । ତେବେ ଆଗକୁ ଗଠନ ହେବାକୁ ଥିବା ନୂତନ ପରିଚାଳନା କମିଟିରେ ରାଜ୍ୟ ସରକାର ଅଯଥାରେ ହସ୍ତକ୍ଷେପ ନକରି ପରିଚାଳନା କମିଟିକୁ ସ୍ୱାଧୀନ ଭାବେ କାର୍ଯ୍ୟ କରିବାକୁ ଦେଲେ ଶ୍ରୀମନ୍ଦିର ନୀତିକାନ୍ତିରେ ଶୃଙ୍ଖଳା ଆସିବା ସହ ଶ୍ରୀମନ୍ଦିର ସୁରକ୍ଷା ଓ ମହାପ୍ରଭୁଙ୍କ ଭୂସମ୍ପତ୍ତିର ସୁରକ୍ଷା ହୋଇପାରିବ ।' ସେହିପରି ପୁରୀର ଅନ୍ୟତମ ବୁଦ୍ଧିଜୀବୀ ରମେଶ ପ୍ରସାଦ ସିହ୍ନା କହିଛନ୍ତି,'ଶ୍ରୀମନ୍ଦିର ପରିଚାଳନା କମିଟି ଏକ ଗୁରୁତ୍ୱପୂର୍ଣ୍ଣ କମିଟି । ଏହି କମିଟିରେ ଯୋଗ୍ୟ ବ୍ୟକ୍ତିଙ୍କୁ ମନୋନୀତ କରାଯାଉ । ସେବାୟତଙ୍କ ସହ ପୁରୀ ସହରର ବୁଦ୍ଧିଜୀବୀଙ୍କୁ ଏହି କମିଟିରେ ସ୍ଥାନ ଦିଆଯାଉ । ଏହା ଦ୍ୱାରା ଶ୍ରୀମନ୍ଦିରରେ ଶୃଙ୍ଖଳିତ ନୀତିକାନ୍ତି ସହିତ ଶ୍ରୀମନ୍ଦିରର ଉନ୍ନତି ହୋଇ ପାରିବ । ସରକାରଙ୍କ ଇଚ୍ଛା ଅନୁଯାୟୀ ବ୍ୟକ୍ତିଙ୍କୁ ପରିଚାଳନା କମିଟିରେ ସ୍ଥାନ ଦେଲେ ଶ୍ରୀମନ୍ଦିରର ଉନ୍ନତି ହୋଇ ପାରିବ ନାହିଁ । ଶ୍ରୀମନ୍ଦିର ପରିଚାଳନା କମିଟିକୁ ସ୍ୱାଧୀନ ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଉ ।' ସେପଟେ ଶ୍ରୀମନ୍ଦିର ପରିଚାଳନା କମିଟିରେ ରୋଟେସନ୍ ପଦ୍ଧତିରେ ବିଭିନ୍ନ ନିଯୋଗର ସଦସ୍ୟ ପ୍ରତିନିଧିଙ୍କୁ ସ୍ଥାନ ଦେବା ଦାବି ନେଇ ଖୁଣ୍ଟିଆ ନିଯୋଗ ହାଇକୋର୍ଟରେ ଏକ ମାମଲା ପୂର୍ବରୁ କରିଛି । ହାଇକୋର୍ଟରେ ଏନେଇ ମାମଲା ଥିବାବେଳେ ଆଗାମୀ ଦିନରେ ହାଇକୋର୍ଟ ଏନେଇ କ'ଣ ନିର୍ଦ୍ଦେଶନାମା ଦେଉଛନ୍ତି , ତାହା ଉପରେ ସମସ୍ତଙ୍କର ନଜର । ତେବେ ଖୁଣ୍ଟିଆ ନିଯୋଗର ବରିଷ୍ଠ ସେବକ ହଜୁରୀ କୃଷ୍ଣ ଚନ୍ଦ୍ର ଖୁଣ୍ଟିଆ କହିଛନ୍ତି,' ଶ୍ରୀମନ୍ଦିର ରେକର୍ଡ ଅଫ ରାଇଟ୍ସ କିଛି ନିର୍ଦ୍ଦିଷ୍ଟ ନିଯୋଗର ପ୍ରତିନିଧି ଯିବାର ଉଲ୍ଲେଖ ନାହିଁ । ୫ ଜଣ ସେବକ ସଦସ୍ୟ ଭାବେ ଯିବା ପାଇଁ ଉଲ୍ଲେଖ ରହିଛି । ଖୁଣ୍ଟିଆ ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ସେବକ । ଏଣୁ ଖୁଣ୍ଟିଆ ନିଯୋଗର ପ୍ରତିନିଧି ଶ୍ରୀମନ୍ଦିର ପରିଚାଳନା କମିଟିରେ ସ୍ଥାନ ମିଳିବା ଉଚିତ୍ । ଏନେଇ ନିଯୋଗ ପକ୍ଷରୁ ପୂର୍ବ ସରକାରଙ୍କୁ ଜଣାଇଥିଲେ ମଧ୍ୟ ପୂର୍ବ ସରକାର ଶୁଣିଲେ ନାହିଁ । ଏଣୁ ଖୁଣ୍ଟିଆ ନିଯୋଗ ହାଇକୋର୍ଟର ଦ୍ୱାରସ୍ଥ ହୋଇଛି । କୋର୍ଟ ଏହାକୁ ହୃଦୟଙ୍ଗମ କରି ଉଚିତ୍ ନିର୍ଦ୍ଦେଶ ଦେବେ ।'